R.N.I. REGN. No. 65000/96 POSTAL REGN. No. OR/BN-32/12-14

ଉନତ୍ରିଂଶ ବର୍ଷ
ସଂଖ୍ୟା : ୩୨
ତିଥି : ଷଷ୍ଠୀ
୦୭ ନଭେମ୍ବର ୨୦୨୪, ଗୁରୁବାର
ଭୁବନେଶ୍ୱର
ପୃଷ୍ଠା- ୧୨, ମୂଲ୍ୟ- ଟ.୫.୦୦

समय SAMAYA

# ସମୟ

28th ANNIVERSARY

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

Bhubaneswar | Balasore | Angul | Berhampur | Sambalpur | Jeypore

### ଆମେରିକା ରାଷ୍ଟ୍ରପତି ନିର୍ବାଚନ

## ଦ୍ୱିତୀୟ ଥର ଟ୍ରମ୍ପ ବିଜୟୀ

ନୂଆଦିଲ୍ଲୀ, ୬।୧୧ : ଆମେରିକାର ରାଷ୍ଟ୍ରପତି ଭାବେ ରିପବ୍ଲିକାନ୍ ପ୍ରାର୍ଥୀ ଡୋନାଲ୍ଡ ଟ୍ରମ୍ପ ଦ୍ୱିତୀୟ ଥର ଲାଗି ନିର୍ବାଚିତ ହୋଇଛନ୍ତି । ଦୀର୍ଘ ୨୦ ବର୍ଷ ପରେ ସର୍ବାଧିକ ଭୋଟ୍‌ରେ ସେ ବିଜୟୀ ହୋଇ ରେକର୍ଡ ସୃଷ୍ଟି କରିଛନ୍ତି । ସମସ୍ତ ୭ଟି ଯାକ ସୁଇଂ ଷ୍ଟେଟ୍‌ରେ ଡେମୋକ୍ରାଟିକ୍ ପାର୍ଟି କମଳା ହାରିସଙ୍କୁ ପଛରେ ପକାଇଛନ୍ତି । ଆମେରିକାର ମୋଟ୍ ୫୩୮ ଇଲେକ୍ଟୋରାଲ ଭୋଟ୍ ମଧ୍ୟରୁ ୨୭୭ ଭୋଟ ପାଇଥିବାବେଳେ କମଳା ୨୨୪ ପାଇଛନ୍ତି । ରାଷ୍ଟ୍ରପତି ହେବାପାଇଁ ୨୭୦ ଇଲେକ୍ଟୋରାଲ ଭୋଟ୍‌ର ଆବଶ୍ୟକତା ରହିଛି ।



ଆମେରିକାରେ ଐତିହାସିକ ବିଜୟ ହାସଲ କରି ପୁଣିଥରେ ଟ୍ରମ୍ପ ଫେରିବା ସହ ଏକାଧିକ ରେକର୍ଡ ସୃଷ୍ଟି କରିଛନ୍ତି । ଆମେରିକା ଇତିହାସରେ ଟ୍ରମ୍ପ ଦ୍ୱିତୀୟ ରାଷ୍ଟ୍ରପତି ଯିଏ ୪ ବର୍ଷ ବ୍ୟବଧାନରେ ପୁଣି ଶୀର୍ଷ ସ୍ଥାନକୁ ଫେରିଛନ୍ତି । ପୂର୍ବରୁ ଏପରି ଘଟଣା ଗ୍ରୋବର କ୍ଲେଭେଲାଣ୍ଡଙ୍କ ସହ ଘଟିଥିଲା । ୧୩୨ ବର୍ଷ ପରେ ସେ ଏପରି ଇତିହାସ ରଚିଥିଲେ । ୭୮ ବର୍ଷୀୟ ଟ୍ରମ୍ପ ଆମେରିକା ଇତିହାସରେ ବୟସ୍କ ବ୍ୟକ୍ତି ଭାବେ ରାଷ୍ଟ୍ରପତି ହୋଇଛନ୍ତି । ଜୋ ବାଇଡେନ୍‌ଙ୍କୁ ନଭେମ୍ବର ୨୦ରେ ୮୨ ବର୍ଷ ହେବ । ଟ୍ରମ୍ପ ଦୀର୍ଘ ଦୁଇ ଦଶନ୍ଧି ଧରି ରିପବ୍ଲିକାନ୍‌ର ପ୍ରଥମ ପ୍ରାର୍ଥୀ ଭାବେ ଆମେରିକାର ରାଷ୍ଟ୍ରପତି ନିର୍ବାଚନରେ ଲୋକପ୍ରିୟ ଭୋଟ୍ ପାଇବାକୁ ସକ୍ଷମ ହୋଇଥିଲେ । ୨୦୦୪ରେ ବୁସ୍ ଲୋକପ୍ରିୟ ଭୋଟ୍ ପାଇ ରାଷ୍ଟ୍ରପତି ହୋଇଥିଲେ । ତାଙ୍କ ପୂର୍ବ ରାଷ୍ଟ୍ରପତି କାର୍ଯ୍ୟକାଳରେ ଦୁଇଟି ଅନାସ୍ଥା ପ୍ରସ୍ତାବର ମଧ୍ୟ ସେ ସମ୍ମୁଖୀନ ହୋଇଥିଲେ । ତେବେ ଉଭୟ ମାମଲାରେ ସିନେଟ୍ ଦ୍ୱାରା ଦୋଷମୁକ୍ତ ହୋଇଛନ୍ତି । ବିଜୟ ପରେ ଡୋନାଲ୍ଡ ଟ୍ରମ୍ପ ତାଙ୍କ ଅଭିଭାଷଣ ରଖିଛନ୍ତି । ସେ କହିଛନ୍ତି ଯେ ମୁଁ ଯୁଦ୍ଧ ଆରମ୍ଭ କରିବାକୁ ଦେବିନାହିଁ, ଯୁଦ୍ଧ ଶେଷ କରିବା ଉପରେ ଗୁରୁତ୍ୱ ଦେବି । ଆମର ଯୁଦ୍ଧ ଦରକାର ନାହିଁ । ଏ ଚାରି ବର୍ଷରେ ଯୁଦ୍ଧ ହେବନାହିଁ । ଆମେ ଆଇଏସ୍ଆଇଏସ୍‌କୁ ପରାଜିତ କରିବୁ ବୋଲି ଆଶା ରଖିଛୁ । ଟ୍ରମ୍ପ ତାଙ୍କ ଭାଷଣରେ ଟେସ୍‌ଲା ତଥା ଏକ୍ସର ମୁଖ୍ୟ ଏଲ୍‌ଏନ୍ ମସ୍କଙ୍କ ନାମ ନେଇଛନ୍ତି । ଟ୍ରମ୍ପଙ୍କ ପ୍ରଚାରରେ ମସ୍କ ଲାଗିପଡିବା ସହ ତାଙ୍କ ବିଜୟ କାମନା କରିଥିଲେ । ଟ୍ରମ୍ପ କହିଛନ୍ତି ଯେ ଆମକୁ ଗୋଟେ ନୂଆ ଷ୍ଟାର ମିଳିଛି । ସେ ଜଣେ ଅଦ୍ଭୁତ ବ୍ୟକ୍ତି ।

### ଅଭିନନ୍ଦନ ଜଣାଇଲେ ପ୍ରଧାନମନ୍ତ୍ରୀ ମୋଦି

ସେ ତାଙ୍କ ବିଜୟ ପାଇଁ ସବୁ ଆମେରିକାବାସୀଙ୍କୁ କୃତଜ୍ଞତା ଜଣାଇଥିଲେ । ତାଙ୍କ ବିଜୟ ଆମେରିକାବାସୀଙ୍କ ବିଜୟ ବୋଲି ସେ ଅଭିହିତ କରିଛନ୍ତି । ଟ୍ରମ୍ପଙ୍କ ବିଜୟ ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ହାର୍ଦ୍ଦିକ ଅଭିନନ୍ଦନ ଜଣାଇଛନ୍ତି । ସୋସିଆଲ ମିଡିଆ ପ୍ଲାଟ୍‌ଫର୍ମ ଏକ୍ସରେ ତାଙ୍କ ବନ୍ଧୁ ଡୋନାଲ୍ଡ ଟ୍ରମ୍ପଙ୍କ (୯ ପୃଷ୍ଠାରେ)

## ଜମ୍ମୁ-କାଶ୍ମୀର ବିଧାନସଭାରେ ୩୭୦ ଧାରା ନେଇ ପ୍ରସ୍ତାବ



ନୂଆଦିଲ୍ଲୀ, ୬।୧୧ : ଜମ୍ମୁ-କାଶ୍ମୀର ବିଧାନସଭାରେ ଧାରା ୩୭୦କୁ ପୁନର୍ବାର ବାହାଲ କରିବା ପାଇଁ ଆଜି ଏକ ପ୍ରସ୍ତାବ ପାରିତ ହୋଇଛି । ନିର୍ବାଚିତ ପ୍ରତିନିଧିଙ୍କ ସହ ଆଲୋଚନା କରି ଏ ସମ୍ପର୍କରେ ନିଷ୍ପତ୍ତି ନେବା ସହ କେନ୍ଦ୍ରଶାସିତ ଅଞ୍ଚଳକୁ ସ୍ୱତନ୍ତ୍ର ମାନ୍ୟତା ଦେବାପାଇଁ ପ୍ରସ୍ତାବରେ ଉଲ୍ଲେଖ କରାଯାଇଛି । ଜମ୍ମୁ-କାଶ୍ମୀର ଉପମୁଖ୍ୟମନ୍ତ୍ରୀ ସୁରିନ୍ଦର ଚୌଧୁରୀ ପ୍ରଥମେ ଏହି ପ୍ରସ୍ତାବ ଆଗତ କରିଥିଲେ । ଜମ୍ମୁ-କାଶ୍ମୀରକୁ ମିଳୁଥିବା ସ୍ୱତନ୍ତ୍ର ମାନ୍ୟତାକୁ ୨୦୧୯ ଅଗଷ୍ଟ ୫ରେ କେନ୍ଦ୍ର ସରକାର ହଟାଇ ଦେଇଥିଲେ । ତେଣୁ ବର୍ତ୍ତମାନ (୯ ପୃଷ୍ଠାରେ)

## ବାତ୍ୟାରେ କ୍ଷତିଗ୍ରସ୍ତଙ୍କ ଲାଗି ୪୨୩ କୋଟି

ଭୁବନେଶ୍ୱର, ୬।୧୧ (ସବ୍ୟୁ) : ସାମୁଦ୍ରିକ ବାତ୍ୟା 'ଦାନା' ଯୋଗୁଁ ପ୍ରଭାବିତ ଲୋକଙ୍କୁ କ୍ଷତିପୂରଣ ମିଳିବ । ରାଜ୍ୟ ସରକାର ଏଥିପାଇଁ ଜିଲ୍ଲାମାନଙ୍କୁ କ୍ଷତିପୂରଣ ସହାୟତା ପଠାଇଛନ୍ତି । ପ୍ରାଥମିକ ପର୍ଯ୍ୟାୟରେ ମୋଟ ୪୨୩ କୋଟି ଟଙ୍କାର ସହାୟତା ରାଶି ପଠାଇଛନ୍ତି । ଜିଲ୍ଲାସ୍ତରରେ ଜିଲ୍ଲାପାଳମାନେ କ୍ଷତିଗ୍ରସ୍ତଙ୍କୁ ସହାୟତା ରାଶି ବାଣ୍ଟିବେ ।

ବାତ୍ୟା 'ଦାନା' ଯୋଗୁଁ ଶହଶହ କୋଟି ଟଙ୍କାର କ୍ଷୟକ୍ଷତି ହୋଇଛି । ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ପୂର୍ବରୁ କହିଥିଲେ ଯେ, ପ୍ରାଥମିକ ଆକଳନ ଅନୁସାରେ ପ୍ରାୟ ୬ଶହ କୋଟି ଟଙ୍କାର କ୍ଷତି ହୋଇଛି । ବାଲେଶ୍ୱର, ଭଦ୍ରକ ଏବଂ କେନ୍ଦ୍ରାପଡ଼ା ଜିଲ୍ଲା ବେଶୀ କ୍ଷତିଗ୍ରସ୍ତ ହୋଇଛନ୍ତି । ମୟୂରଭଞ୍ଜ, ଯାଜପୁର, ଜଗତସିଂହପୁର, କଟକ ବି ପ୍ରଭାବିତ ହୋଇଛି । ୧୪ ଜିଲ୍ଲାର ୧୩୧ ବ୍ଲକ ପ୍ରଭାବିତ ହୋଇଛି । ୧୧, ୬୩୭ ଗାଁର ୪୧ ଲକ୍ଷ ଲୋକ ଏଥିରେ ପ୍ରଭାବିତ ହୋଇଛନ୍ତି । ମୋଟ ୧୬, ୪୧୭ ଘର ପ୍ରଭାବିତ ଓ ୨୭ ଘର ସମ୍ପୂର୍ଣ୍ଣ କ୍ଷତିଗ୍ରସ୍ତ । ୧୪, ୬୮୦ ଘର ଆଂଶିକ ଭାବେ କ୍ଷତିଗ୍ରସ୍ତ ହୋଇଛି ।

### ଭିଜିଲାନ୍ସ ଜାଲରେ ଇଡ୍‌କୋ ଜୁନିୟର ମ୍ୟାନେଜର

## ୫ କୋଟିରୁ ଉର୍ଦ୍ଧ୍ୱ ଟଙ୍କାର ସମ୍ପତ୍ତି ଠାବ

ଭୁବନେଶ୍ୱର, ୬।୧୧ (ସବ୍ୟୁ) : ଭିଜିଲାନ୍ସ ଜାଲରେ ଇଡ୍‌କୋ ଜୁନିୟର ମ୍ୟାନେଜର ବିଜୟ କୁମାର ଉଦୟ ସିଂ । ଆୟ ବହିର୍ଭୁତ ସମ୍ପତ୍ତି ଠୁଳ ଅଭିଯୋଗରେ ଏକ ସଂଗେ ୬ଟି ସ୍ଥାନରେ ଭିଜିଲାନ୍ସ ଚଢାଉ କରି ୫ କୋଟିରୁ ଉର୍ଦ୍ଧ୍ୱ ଟଙ୍କାର ସ୍ଥାବର ଅସ୍ଥାବର ସମ୍ପତ୍ତି ଠାବ କରିଛି । ଭୁବନେଶ୍ୱର ରାଜରାଣୀ ମୌଜା ଆର୍ଯ୍ୟ ବିହାର ଚାରିମହଲା କୋଠାରେ ୩୨ ଫ୍ୟାନ୍ ଓ ୧୨ ଏସି ଲାଗିଥିବା ଜଣାପଡିଛି । ମିନେରାଲ ୱାଟରରେ ବିଜୟ ଗାଧୋଉଥିବା ଭିଜିଲାନ୍ସ ଜାଣିବାକୁ ପାଇଛି । ଛାତ ଉପରେ ତାହାର ବ୍ୟବସ୍ଥା କରାଯାଇଛି । ଗରମ ପାଣି ସାଙ୍ଗକୁ ମିନେରାଲ ୱାଟର ବାଥ୍‌ରୁମ୍‌ରେ ବାହାରିବା ବ୍ୟବସ୍ଥା ହୋଇଛି । ରିମୋର୍ଟରେ ଖୋଲେ ଗେଟ୍, ଲକର ଖୋଲୁଛି ପାସ୍‌ୱାର୍ଡରେ । ଗୋଟିଏ ଲକର ଭିଜିଲାନ୍ସ ଟିମ୍ ଖୋଲିବାରେ ସମର୍ଥ ହୋଇ ସେଥିରୁ ସାଢେ ୪ଲକ୍ଷ ନଗଦ ଟଙ୍କା, ୫୫ଲକ୍ଷ ବ୍ୟାଙ୍କ ଜମା ଓ ଇନ୍‌ସ୍ୟୁରାନ୍ସ କାଗଜପତ୍ର ମିଳିଛି । କେତେକ ଲକରର ପାସ୍‌ୱାର୍ଡ ଜାଣି ହେଉନଥିବାରୁ ତାହା ଖୋଲାଯାଇ ପାରିନାହିଁ । ଚଢାଉ ଜାରି ରହିଛି । ଶେଷ ହେବା ପରେ ଆଉ କେତେ ଅଧିକ ସମ୍ପତ୍ତି ମିଳିବ ତାହା ଭିଜିଲାନ୍ସ ସ୍ପଷ୍ଟ କରିବ ।

### ମିନେରାଲ ୱାଟରରେ ଗାଧାନ୍ତି ମ୍ୟାନେଜର

### ରିମୋର୍ଟରେ ଖୋଲେ ଗେଟ୍, ପାସ୍‌ୱାର୍ଡରେ ଲକର୍

### ଗୋଟିଏ କୋଠାରେ ୩୨ ଫ୍ୟାନ୍, ୧୨ ଏସି

କୋର୍ଟ ନିର୍ଦ୍ଦେଶରେ ୮ଜଣ ଡିଏସ୍‌ପି, ୮ଜଣ ଇନ୍ସପେକ୍ଟର ଓ ଅନ୍ୟ କର୍ମଚାରୀଙ୍କୁ ମିଶାଇ ହୋଇଥିବା (୯ ପୃଷ୍ଠାରେ)

## 'ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ଯୋଜନା' ଖୁବ୍ ଶୀଘ୍ର

ଭୁବନେଶ୍ୱର, ୬।୧୧ (ସବ୍ୟୁ) : ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ଲୋକସେବା ଭବନରେ ପ୍ରାଥମିକ ଶିକ୍ଷାର ଉନ୍ନତିକରଣ ପାଇଁ ବିଭିନ୍ନ ବ୍ୟବସ୍ଥା ସମ୍ପର୍କରେ ସମୀକ୍ଷା କରିଛନ୍ତି ।

ବୈଠକରୁ ଜଣାଯାଇଛି ଯେ, ରାଜ୍ୟରେ ଖୁବ୍ ଶୀଘ୍ର 'ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ଯୋଜନା'ର ଶୁଭାରମ୍ଭ କରାଯିବ । ଏହି ଯୋଜନା ଅନୁଯାୟୀ ରାଜ୍ୟର ପ୍ରତ୍ୟେକ ପଞ୍ଚାୟତରେ ଗୋଟିଏ ଲେଖାଏଁ ଅତ୍ୟାଧୁନିକ ପ୍ରାଥମିକ ବିଦ୍ୟାଳୟ ନିର୍ମାଣ କରାଯିବ । ସମୁଦାୟ ୬,୭୯୪ଟି ବିଦ୍ୟାଳୟ ନିର୍ମାଣ କରାଯିବ । ସତ୍ୟବାଦୀ ବନ ବିଦ୍ୟାଳୟରେ ଯେପରି ଏକ ଆଦର୍ଶ ଶିକ୍ଷା ପରିବେଶ ଥିଲା, ସେହିଭଳି ଏହି




ବିଦ୍ୟାଳୟ ଗୁଡିକରେ ମଧ୍ୟ ପିଲାମାନଙ୍କ ପାଇଁ ଆଦର୍ଶ ଶିକ୍ଷା ପରିବେଶ ସୃଷ୍ଟି କରିବାକୁ ଲକ୍ଷ୍ୟ ରହିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି । ଏଥିରେ ବିଶେଷ କରି ପିଲାମାନଙ୍କର ଭାଷା ଜ୍ଞାନ ଓ ମୌଳିକ ଗାଣିତିକ ଜ୍ଞାନ ଉପରେ ଗୁରୁତ୍ୱ ଆରୋପ କରାଯିବ । ଏହା ଦ୍ୱାରା ପିଲାମାନେ ଉଚ୍ଚତର ଶ୍ରେଣୀରେ ସହଜରେ ଶିକ୍ଷା ଗ୍ରହଣ କରି ପାରିବେ । ଉନ୍ନତ ଭିତ୍ତିଭୂମି, ଗୁଣାତ୍ମକ ଶିକ୍ଷା ଓ ସାମଗ୍ରୀକ ବିକାଶ ଉପରେ ଗୁରୁତ୍ୱ ପ୍ରଦାନ କରାଯାଇ ପିଲାମାନଙ୍କର ମୌଳିକ ଜ୍ଞାନ ଓ ବୌଦ୍ଧିକ ବିକାଶକୁ ସୁଦୃଢ କରିବା ଦିଗରେ ପଦକ୍ଷେପ ନିଆଯିବ ।

ଏହି ଯୋଜନାରେ ନୂଆ କ୍ଲାସ ରୁମ୍, ବାଳକ ଓ ବାଳିକାମାନଙ୍କ ପାଇଁ ପୃଥକ ଟଏଲଟର ବ୍ୟବସ୍ଥା, ପ୍ରାଚୀର ନିର୍ମାଣ, ସବୁଜ ପରିବେଶ, ଡିଜିଟାଲ ଲାଇବ୍ରେରୀ ଓ ଲାଙ୍ଗୁଏଜ୍ ଲ୍ୟାବ୍, ଖେଳ ପଡିଆ, ଡାଇନିଙ୍ଗ ହଲ୍, କମ୍ପ୍ୟୁଟର, ସ୍ମାର୍ଟ ବୋର୍ଡ ଆଦିର ବ୍ୟବସ୍ଥା କରାଯିବ । ଏହା ସହିତ କ୍ରୀଡା, ଶାରୀରିକ ବ୍ୟାୟମ ଏବଂ ସାମାଜିକ ଓ ସାଂସ୍କୃତିକ ଶିକ୍ଷା ଉପରେ ମଧ୍ୟ ଗୁରୁତ୍ୱ ଦିଆଯିବ । (୯ ପୃଷ୍ଠାରେ)

## ୨୦୨୭ ସୁଦ୍ଧା ସରିବ ମେଟ୍ରୋ ପ୍ରକଳ୍ପ କାମ

ଭୁବନେଶ୍ୱର, ୬।୧୧ (ସବ୍ୟୁ) : ରାଜଧାନୀ ଭୁବନେଶ୍ୱରରେ ଗଡ଼ିବ ମେଟ୍ରୋ ଟ୍ରେନ୍ । ୨୦୨୭ ସୁଦ୍ଧା ସରିବ ମେଟ୍ରୋ ପ୍ରକଳ୍ପ କାମ ସରିବ । ପ୍ରତି ୧୦ ମିନିଟ୍ ବ୍ୟବଧାନରେ ଚାଲିବ ମେଟ୍ରୋ । ଆଜି ଏନେଇ ସୂଚନା ଦେଇଛନ୍ତି ଭୁବନେଶ୍ୱର ମେଟ୍ରୋ ରେଳ ପ୍ରକଳ୍ପ କର୍ତ୍ତୃପକ୍ଷ ।

ମେଟ୍ରୋ ରେଳ ପ୍ରକଳ୍ପ କର୍ତ୍ତୃପକ୍ଷ କହିଛନ୍ତି, ୨୦୨୭ ଡିସେମ୍ବର ସୁଦ୍ଧା ସରିବ ଭୁବନେଶ୍ୱର ମେଟ୍ରୋ ପ୍ରକଳ୍ପ କାମ । ଭୂମିଠାରୁ ୧୩ ମିଟର ଉପରେ ଚାଲିବ ମେଟ୍ରୋ ଟ୍ରେନ୍ । ତେବେ ରାଜମହଲ, ଜୟଦେବ ବିହାର ଓଭରବ୍ରିଜ ତଥା ବାରଙ୍ଗ ରେଲୱେ ଲାଇନ୍ ଉପରେ ଏହାର ଉଚ୍ଚତା ଅଧିକ ରହିବ । ପ୍ରତି ୧୦ ମିନିଟ ବ୍ୟବଧାନରେ ଚାଲିବ ମେଟ୍ରୋ । ସେଥିପାଇଁ ୩ କୋଚ୍ ବିଶିଷ୍ଟ ୧୩ଟି ମେଟ୍ରୋ ଟ୍ରେନ୍ କିଣିବାକୁ ଯୋଜନା ହୋଇଛି । ଏବେ ମେଟ୍ରୋ ପ୍ରକଳ୍ପ ପାଇଁ ଚାଲିଛି ମାଟି ପରୀକ୍ଷା । ବିଭିନ୍ନ ସ୍ଥାନରୁ ୫୦-୬୦ ମିଟର (୯ ପୃଷ୍ଠାରେ)

## ଏକ ଟନ୍ ଗଞ୍ଜେଇ ଜବତ : ୪ ଗିରଫ

ଭୁବନେଶ୍ୱର, ୬।୧୧ (ସବ୍ୟୁ) : କ୍ରାଇମ୍‌ବ୍ରାଞ୍ଚ ଏସ୍‌ଟିଏଫ୍ ଗୁଇନ୍ଦା ତଥ୍ୟ ଆଧାରରେ ଦେବଗଡ ଜିଲ୍ଲାରେ ଚଢାଉ କରି ୪ଜଣ ଗଞ୍ଜେଇ ମାଫିଆଙ୍କୁ ଗିରଫ କରିବା ସହ ସେମାନଙ୍କ ନିକଟରୁ ଏକ ଟନ୍ (୧୦ କ୍ୱିଣ୍ଟାଲ) ଗଞ୍ଜେଇ ଜବତ କରିଛି । ଏଥିସହ ଗଞ୍ଜେଇ ବୁହାଯାଉଥିବା ୪ଟି ବଡ ଗାଡି ମଧ୍ୟ ଜବତ କରାଯାଇଥିବା ଏସ୍‌ଟିଏଫ୍ କହିଛି । ଗିରଫ ୪ଜଣ ହେଲେ ଆଶିଷ କୁମାର ବାରିକ, ସୁବାସ ସିକ୍‌ଦାର, ରତନ କିଶୋର ସାହୁ ଓ ସମିତ ନାୟକ । ଆଶିଷ ଘର ସମ୍ବଲପୁର ଜିଲ୍ଲାରେ ହୋଇଥିବା ବେଳେ ସୁବାସ ଘର ଦେବଗଡ ଓ ରତନ ଘର ଅନୁଗୁଳ ଓ ସମିତ ଘର ମଧ୍ୟ ଅନୁଗୁଳ ଛେଣ୍ଡିପଦାରେ ।

ଏସ୍‌ଟିଏଫ୍ ଖାନ୍‌ତଲାସ କରିବା ବେଳେ ୮୭ ପ୍ୟାକେଟ୍ ଗଞ୍ଜେଇ ମିଳିଥିଲା । ପରେ ଓଜନ କରିବା ବେଳକୁ ତାହା ୧ଟନ ହେଲା ବୋଲି ଭିଜିଲାନ୍ସ କହିଛି । ଏଥିସହ ଆଇଚର, ହାଇୱା ଓ ଟାଟା ପିକ୍‌ଅପ୍ ଭ୍ୟାନ୍ ମଧ୍ୟ ଜବତ ହୋଇଛି । ଗଞ୍ଜେଇ ଓ ଗାଡି ଆଶିଷ ବାରିକ ଘରୁ ଜବତ ହୋଇଥିବା ଏସ୍‌ଟିଏଫ୍ କହିଛି । ଆଶିଷର ବିଶ୍ୱନାଥପୁର ଘରୁ ଗାଡି ଓ ଗଞ୍ଜେଇ ମିଳିବା ପରେ ଜଣାପଡିଥିଲା ଯେ, ସେ ଅନ୍ୟ ଗଞ୍ଜେଇ (୯ ପୃଷ୍ଠାରେ)

### ୟୁପି ସରକାରଙ୍କ ବୁଲ୍‌ଡୋଜର ନ୍ୟାୟ ଉପରେ ବର୍ଷିଲେ ସୁପ୍ରିମ୍‌କୋର୍ଟ

## ଯେଉଁମାନଙ୍କ ଘର ଭାଙ୍ଗିଛ ୨୫ ଲକ୍ଷ କ୍ଷତିପୂରଣ ଦିଅ

ନୂଆଦିଲ୍ଲୀ, ୬।୧୧ : ଉତ୍ତରପ୍ରଦେଶ ସରକାରର ବୁଲ୍‌ଡୋଜର ଲଗାଇ ଘର ଭାଙ୍ଗିବା ନ୍ୟାୟ ଉପରେ ସୁପ୍ରିମ୍‌କୋର୍ଟ ବର୍ଷିଛନ୍ତି । ଏପରିକି ଯେଉଁମାନଙ୍କ ଘର ଭାଙ୍ଗିଛ ତାଙ୍କୁ ୨୫ ଲକ୍ଷ ଟଙ୍କା କ୍ଷତିପୂରଣ ଦେବାକୁ କହିବା ସହ ଉତ୍ତରପ୍ରଦେଶ କର୍ତ୍ତୃପକ୍ଷଙ୍କ ଏହା ଆଇନ୍ ବହିର୍ଭୂତ କାର୍ଯ୍ୟ ବୋଲି ଟିପ୍ପଣୀ ଦେଇଛନ୍ତି ।



ପ୍ରଧାନ ବିଚାରପତି ଡିୱାଇ ଚନ୍ଦ୍ରଚୂଡଙ୍କ ଅଧ୍ୟକ୍ଷତାରେ ଗଠିତ ୩ ଜଣିଆ ଖଣ୍ଡପୀଠ ନିଜଆଡୁ ଏକ ରି-ପିଟିସନ୍ ଆଧାରରେ ଏହାର ଶୁଣାଣି କରିଥିଲେ । ମହାରାଜାଗଞ୍ଜର ବାସିନ୍ଦା ମନୋଜ ଟିବରୱାଲ ଆକାଶ ୨୦୨୦ରେ ଏକ ଚିଠି ସୁପ୍ରିମ୍ କୋର୍ଟକୁ ଲେଖିଥିଲେ । ତାଙ୍କ ଘରକୁ ୨୦୧୯ରେ ଭଙ୍ଗାଯାଇଥିଲା । ଏହି ଖଣ୍ଡପୀଠରେ ଜଷ୍ଟିସ୍ ଜେବି ପାରିଡୱାଲା ଓ ମନୋଜ ମିଶ୍ର ଅଛନ୍ତି । ମାମଲାର ଶୁଣାଣିରେ ସିଜେଆଇ ଚନ୍ଦ୍ରଚୂଡ କହିଥିଲେ ଯେ ଏହା ସମ୍ପୂର୍ଣ୍ଣ ଭାବେ ଅନାଧିକାର କାର୍ଯ୍ୟ । କାହିଁକି ପ୍ରକୃତ ପ୍ରକ୍ରିୟାକୁ ଅନୁସରଣ କରାଗଲାନାହିଁ । ସତ୍ୟପାଠ ଦେଇଥିଲେ, ହେଲେ କୌଣସି ନୋଟିସ୍ ଦିଆଯାଇନାହିଁ । ଡାକବାଜି ଯନ୍ତ୍ର ସାହାଯ୍ୟରେ ଲୋକଙ୍କୁ ସୂଚନା ଦିଆଯାଇଥିଲା । ଶୁଣାଣି ସମୟରେ କୁହାଯାଇଥିଲା ଯେ ଆକାଶ ଏକ ସରକାରୀ ଜମିକୁ ଅବରୋଧ କରିଥିଲେ । ସିଜେଆଇ କହିଥିଲେ ଯେ ସେ ମାତ୍ର ୩.୭ ବର୍ଗମିଟର ଜମିକୁ ଅବରୋଧ କରିଥିଲା । ଏହାକୁ ନେଇପାରିଥାନ୍ତେ । ତାଙ୍କୁ ଆମେ ସାର୍ଟିଫିକେଟ ଦେଉନାହୁଁ । କିନ୍ତୁ ଯେଉଁଭଳି ଭାବରେ ଲୋକଙ୍କ ଘର ଭଙ୍ଗାଯାଉଛି ତାହା କରାଯିବା ଉଚିତ୍ କି? ଏହା ଆଇନ୍‌ଶୃଙ୍ଖଳା ନଥିବା ଦର୍ଶାଉଛି । ଜଣଙ୍କ ଘରକୁ ବିନା ନୋଟିସ୍‌ରେ ଭାଙ୍ଗିବା ଆଇନ୍ ବହିର୍ଭୂତ କାର୍ଯ୍ୟ ବୋଲି କହିଥିଲେ । ଜଷ୍ଟିସ୍ ପାରିଡ୍ୱାଲା ଏହାକୁ ଅତ୍ୟଧିକ କାର୍ଯ୍ୟ ବା ହସ୍ତକ୍ଷେପ ବୋଲି ବର୍ଣ୍ଣନା କରିବା ସହ ରାତାରାତି ବୁଲ୍‌ଡୋଜର ଆଣି କାହା ଘରକୁ କିଭଳି ଭଙ୍ଗାଯାଇପାରିବ, ତାଙ୍କ ପରିବାର ସେଠୁ ଯିବାପାଇଁ ସମୟ ଦିଆଯାଉନାହିଁ । (୯ ପୃଷ୍ଠାରେ)





## ମସ୍ତିଷ୍କ ପାଇଁ ଭଲ ସୁଗନ୍ଧ

ଶୋଇଥିବା ସମୟରେ ଆମ ବ୍ରେନ୍ ଯଦି ସୁଗନ୍ଧର ସମ୍ପର୍କରେ ଆସିଥାଏ ତେବେ ମସ୍ତିଷ୍କର କାର୍ଯ୍ୟକ୍ଷମତା ବଢିଥାଏ । ଏପରି ଦାବି କାଲିଫର୍ଣ୍ଣିଆ ୟୁନିଭର୍ସିଟିର ଗବେଷକମାନେ ଦାବି କରିଛନ୍ତି । ଗବେଷକଙ୍କ ଅନୁସାରେ ସୁଗନ୍ଧିତ ପବନ ସଂସ୍ପର୍ଶରେ ଆସିବ ଫଳରେ ଆମର ମସ୍ତିଷ୍କର ନ୍ୟୁରୋଲୋଜି କ୍ଷେତ୍ର ପ୍ରଭାବିତ ହୋଇଥାଏ । ଏହି କାରଣରୁ ବୌଦ୍ଧିକ କ୍ଷମତା ମଧ୍ୟ ବଢିଥାଏ । ଗବେଷକମାନେ ୬୦ରୁ ୮୫ ବର୍ଷ ମଧ୍ୟରେ କିଛି ପୁରୁଷ ଓ ମହିଳାଙ୍କୁ ନେଇ ଏହି ଗବେଷଣା କରିଛନ୍ତି । ତଥ୍ୟ ଅନୁସାରେ ପ୍ରତିଦିନ ଶୋଇବା ଆଗରୁ ରୁମ୍‌ରେ ବିଭିନ୍ନ ପ୍ରକାରର ସୁଗନ୍ଧିତ ଦ୍ରବ୍ୟ ପକାଇବା ଦ୍ୱାରା ମାନସିକ ଶାନ୍ତି ମିଳିଥାଏ । ଏହା ଦ୍ୱାରା ଡିମେନ୍ସିଆ ଭଳି ରୋଗରେ ସୁଧାର ଆସିଥାଏ । ବୟସ୍କଙ୍କ କ୍ଷେତ୍ରରେ ମଧ୍ୟ ଏହାର ପ୍ରଭାବ ଦେଖିବାକୁ ମିଳିଥାଏ ବୋଲି ଏହି ଗବେଷଣାରେ ଜଣା ପଡିଛି । ସେମାନଙ୍କ ମସ୍ତିଷ୍କର କ୍ଷମତା ବଢିଥାଏ । ତେଣୁ କେବଳ କ୍ରସୱାର୍ଡ ପଜଲ ସଲ୍‌ଭ କରିବା ନୁହେଁ ସେମାନଙ୍କୁ ବିଭିନ୍ନ ସୁଗନ୍ଧିତ ଦ୍ରବ୍ୟ ସମ୍ପର୍କରେ ଆସିବାକୁ ଦିଅନ୍ତୁ । ସେମାନଙ୍କ ପାଇଁ ଏହା ଉପକାରୀ ହୋଇଥାଏ । ଏହି ଗବେଷଣାରେ କିଛି ଲୋକଙ୍କୁ ଗୋଲାପ, ରୋଜମେରୀ ବଳି ସୁଗନ୍ଧିତ ଥିବା ପାକୃତିକ ତେଲ ଦିଆଯାଇଥିଲା । ସେହିଭଳି କିଛି ଲୋକଙ୍କୁ ଏହି ତେଲର ନକଲି ବା କମ ସୁଗନ୍ଧ ଥିବା ସାମଗ୍ରୀ ଦିଆଯାଇଥିଲା । ସେମାନେ ଏହାକୁ ଛଅମାସ ଧରି ପ୍ରତିଦିନ ରାତିରେ ଶୋଇବାର ଦୁଇରୁ ତିନି ଘଣ୍ଟା ପୂର୍ବରୁ ନିଜ ରୁମ୍‌ରେ ପକାଇଥିଲେ । ଛଅ ମାସ ପରେ ସେମାନଙ୍କର ମସ୍ତିଷ୍କର ସକ୍ରିୟତାକୁ ନେଇ ପରୀକ୍ଷା କରାଯାଇଥିଲା । ଏହି ପରୀକ୍ଷାରେ ସେମାନଙ୍କର ପୂର୍ବ ଏବଂ ବର୍ତ୍ତମାନ ଭିତରେ ଅନେକ ପାର୍ଥକ୍ୟ ଦେଖିବାକୁ ମିଳିଥିଲା । ସେମାନଙ୍କର ଭାବିବା ଓ ସ୍ମରଣଶକ୍ତିରେ ପରିବର୍ତ୍ତନ ଆସିଥିବା ଜଣା ପଡିଥିଲା ।



## ଗଛରୁ ତିଆରି ସଳିତା

ସାଧାରଣତଃ ଘରେ ଠାକୁରଙ୍କ ଆଗରେ ବସାଯାଉଥିବା ସଳିତା ତୁଳାରୁ ପ୍ରସ୍ତୁତ ହୋଇଥାଏ । ହେଲେ କର୍ଣ୍ଣାଟକରେ ଏକ ସ୍ୱତନ୍ତ୍ର ଧରଣର ସଳିତା ସେଠିକାର ବାସିନ୍ଦା ବ୍ୟବହାର କରୁଛନ୍ତି, ଯାହାକୁ ଗଛରୁ ପ୍ରସ୍ତୁତ କରାଯାଇଛି । ସେଠାକାର ପଶ୍ଚିମ ଘାଟରେ ମିଳୁଥିବା ଏକ ବିରଳ ଗଛ ଯାହାର ନାଁ ହେଉଛି, ପ୍ରଣତୀ ପାତ୍ର । ଏହା ଏକ ପ୍ରକାର ବିରଳ ଗଛ ଯାହାର ପତ୍ର ଏବଂ ଛୋଟଛୋଟ ଡେମ୍ଫ ପୁରାପୁରି ସଳିତା ଭଳି ଜଳୁଛି । ସେଠିକାର ବାସିନ୍ଦା ବର୍ତ୍ତମାନ ଏହି ଗଛକୁ ସେମାନଙ୍କ ବାଡିରେ ଲଗାଇ ଏହାକୁ ସଳିତା ଆକାରରେ ବ୍ୟବହାର କରୁଛନ୍ତି । ସେଠିକାର ଲୋକଙ୍କ ମତରେ ପୂର୍ବକାଳରେ ଯେତେବେଳେ କୌଣସି ଆଧୁନିକ ଲାଇଟ୍‌ର ବ୍ୟବସ୍ଥା ନଥିଲା ସେତେବେଳେ ଲୋକ ଏହାର ବ୍ୟବହାର କରୁଥିଲେ । ଏହା କର୍ଣ୍ଣାଟକର ବେଶ୍ ପୂରାତନ ପ୍ରକ୍ରିୟା ବୋଲି ସେମାନେ ମତ ଦେଇଛନ୍ତି । ତେବେ ଏହି ପ୍ରକ୍ରିୟା ବର୍ତ୍ତମାନ ଭାଇରାଲ ହେବାସହ ଲୋକମାନେ ଏହାର ଖୁବ ପ୍ରଶଂସା ମଧ୍ୟ କରୁଛନ୍ତି । ଏହାକୁ ବର୍ତ୍ତମାନ ମଧ୍ୟ ବ୍ୟବହାର କରିହେବ ବୋଲି ସମସ୍ତେ ମତ ଦେଇଛନ୍ତି । ଏହା ଆଜି ବି ମଧ୍ୟ ଏକ ଖୁବ ଭଲ ଅପସନ୍ ହୋଇପାରିବ ବୋଲି ୟୁଜର୍ସ ମତ ଦେଇଛନ୍ତି ।

## ଇତିହାସ



୧୮୭୬: ବଙ୍କିମ ଚନ୍ଦ୍ର ଚାଟାର୍ଜୀ ବେଙ୍ଗଲର ଏକ ଗାଁରେ ବନ୍ଦେ ମାତାରମ ଗୀତର ରଚନା କଲେ ।
୧୯୫୧: ଜୋର୍ଡାନ୍‌ରେ ସମ୍ବିଧାନ ପାରିତ କରାଗଲା ।
୧୯୬୮: ତତ୍କାଳୀନ ସୋଭିଏତ ସଙ୍ଘ ପରମାଣୁ ପରୀକ୍ଷଣ କଲା ।
୧୯୯୮: ଆମେରିକାର ତତ୍କାଳୀନ ରାଷ୍ଟ୍ରପତି ବିଲ୍ କ୍ଲିଣ୍ଟନ୍ ଭାରତ ଓ ପାକିସ୍ତାନ ଉପରେ ଲାଗୁ ହୋଇଥିବା ପ୍ରତିବନ୍ଧକରୁ ଆଶ୍ୱସ୍ତି ଦେଲେ ।
୧୯୯୮: ବିଶ୍ୱର ସବୁଠୁ ବୟସ୍କ ମହାକାଶଚାରୀ ଜନ୍ ଗ୍ଲେନ୍ ପୃଥିବୀପୃଷ୍ଠକୁ ସକୁଶଳ ଫେରିଲେ ।
୨୦୦୦: ଆମେରିକାରେ ରାଷ୍ଟ୍ରପତି ପଦ ପାଇଁ ନିର୍ବାଚନ ଶେଷ ।
୨୦୦୦: ଆମେରିକୀୟ ସାମଗ୍ରୀର ବିଜ୍ଞାପନ ଉପରେ ପ୍ରତିବନ୍ଧକ ଲାଗୁ କଲା ଇରାନ୍ ।

## କରୁଛନ୍ତି ଖୁବ ପରିଶ୍ରମ



ନିକଟରେ ରଶ୍ମିକା ମନ୍ଦାନାଙ୍କର ସିକନ୍ଦର ଫିଲ୍ମର ସୁଟିଂ ସେଟ୍‌ର କିଛି ଭିଡିଓ ଭାଇରାଲ ହୋଇଛି । ଏହି ଭିଡିଓରେ ରଶ୍ମିକାଙ୍କର ଫିଲ୍ମର କୌଣସି ସିନ୍ ସୁଟିଂ ହେଉଥିବାର ଦେଖିବାକୁ ମିଳୁଛି । ତେବେ ରଶ୍ମିକା ସିକନ୍ଦର ଫିଲ୍ମରେ ଶାହରୁଖ ଖାନ୍‌ଙ୍କ ଅପୋଜିଟ୍‌ରେ ନଜର ଆସିବେ । ସେଥିପାଇଁ ସେ ଖୁବ ପରିଶ୍ରମ କରୁଥିବା ବିଭିନ୍ନ ସାକ୍ଷାତକାରରେ ପ୍ରକାଶ କରିଛନ୍ତି । ସଲମାନଙ୍କ ସହିତ ମ୍ୟାଚଅପ୍ କରାଇବା ପାଇଁ ତାଙ୍କୁ ସେହି ଲେବଲର ପରିଶ୍ରମ କରିବାକୁ ପଡିବ ବୋଲି ସେ ମତଦେଇଛନ୍ତି । ବି ଟାଉନ୍‌ରେ ସଲମାନଙ୍କର ଏକ ଭିନ୍ନ ଫ୍ୟାନବେସ୍ ରହିଛି ତେଣୁ ସେମାନଙ୍କୁ ଖୁସି କରିବାକୁ ହେଲେ ତାଙ୍କୁ ଫିଲ୍ମରେ ଖୁବ ଭଲ ପ୍ରଦର୍ଶନ କରିବାର ରହିଛି ବୋଲି ରଶ୍ମିକା ବିଭିନ୍ନ ସାକ୍ଷାତକାରରେ ପ୍ରକାଶ କରିଛନ୍ତି । ସଲମାନ ମଧ୍ୟ ଏହି ଫିଲ୍ମର ସୁଟିଂ ଆରମ୍ଭ କରିଛନ୍ତି । ତାଙ୍କୁ ମିଳୁଥିବା ଧମକ ଭିତରେ ବି ସେ ଫିଲ୍ମ ପାଇଁ କାମ କରିବା ଆରମ୍ଭ କରିଛନ୍ତି । ତେବେ ସଲମାନ ସୁଟିଂ କରୁଥିବା ସ୍ଥାନରେ ଖୁବ ଅଧିକ ସିକ୍ୟୁରିଟି ବ୍ୟବସ୍ଥା କରାଯାଇଛି । ବର୍ତ୍ତମାନ ତାଙ୍କ ସୁରକ୍ଷା ମେକର୍ସଙ୍କ ପାଇଁ ସବୁଠାରୁ ଗୁରୁ ଦାୟିତ୍ୱ ସାଜିଛି । ତେବେ ଏତେ ସବୁଭିତରେ ବି ସଲମାନ ସୁଟିଂ ଆରମ୍ଭ କରିଥିବାରୁ ତାଙ୍କର ଫ୍ୟାନ୍ ଖୁବ ଖୁସି ଅଛନ୍ତି ।

## ॥ ପାଢ଼ିବା ମନା ! ॥




ସୋସିଆଲ ମିଡିଆରେ ଏଭଳି ଅନେକ ପୋଷ୍ଟ ଭାଇରାଲ ହୋଇଥାଏ ଯାହା ସମସ୍ତଙ୍କୁ ଚକିତ କରିଥାଏ । ସେହିଭଳି ଏକ ପୋଷ୍ଟ ବର୍ତ୍ତମାନ ଭାଇରଲା ହେବାରେ ଲାଗିଛି । ସ୍ୱିଡେନ୍‌ର ଏକ ସାଇନ୍ ବୋର୍ଡ ଭାଇରାଲ ହେଉଛି, ଯେଉଁଥିରେ ପାଡିବା ପାଇଁ ନିୟମ ଲେଖାଯାଇଛି । ଏହି ସାଇନ୍ ବୋର୍ଡରେ ଇଂରାଜିରେ ଫାର୍ଟ କଣ୍ଟ୍ରୋଲ ଏବଂ ମାକ୍ସ ଫାର୍ଟ ୫ ବୋଲି ଲେଖାଯାଇଛି । ହେଲେ ସ୍ୱିଡେନ୍ ଭାଷାରେ ଏହାର ଅର୍ଥ ଭିନ୍ନ । ସ୍ୱିଡେନ୍ ଭାଷାରେ ଫାର୍ଟର ଅର୍ଥ ବେଗ ବା ସ୍ପିଡ୍ । ତେବେ ଇଂରାଜୀରେ କିନ୍ତୁ ଏହାର ଅର୍ଥ ପାଡ, ତେଣୁ ଏହା ଇଣ୍ଟରନେଟ୍‌ରେ ଖୁବ ଦ୍ୱନ୍ଦ୍ୱ ସୃଷ୍ଟି କରିଛି । ଲୋକମାନେ ଏହାର ମଜା ନେଉଥିବାର ଦେଖିବାକୁ ମିଳୁଛି । ଏହି ଭାଇରାଲ ପୋଷ୍ଟକୁ ନେଇ ଅନେକ ମିମ୍ ମଧ୍ୟ ସେୟାର ହେଉଥିବା ଦେଖିବାକୁ ମିଳୁଛି । ପୋଷ୍ଟଟି ସୋସିଆଲ ମିଡିଆରେ ଖୁବ ଭାଇରାଲ ହେଉଛି । ଏହାକୁ ଅନେକ ଲୋକ ସେୟାର କରୁଥିବାର ମଧ୍ୟ ଦେଖିବାକୁ ମିଳୁଛି । ଏହା ଏକ ପ୍ରକାର ଭାଷାଗତ ଦ୍ୱନ୍ଦ୍ୱ ହୋଇଥିବା ଏହା ଭାଇରାଲ ହେବା ପରେ ଜଣା ପଡିଥିଲା ।

## ସୋସିଆଲ କୋଟ୍ସ



“ କୋଇ ମିଲ୍ ଗୟା ଫିଲ୍ମରେ ହ୍ରିତିକର ରୋଲ ସବୁଠାରୁ ଅଧିକ ଚାଲେଞ୍ଜିଂ ଥିଲା । ସେଥିପାଇଁ ମୋତେ ଟିକେ ନର୍ଭସ ଲାଗିଥିଲା । ହ୍ରିତିକ ନିଜ ଚରିତ୍ରକୁ ଜୀବନ୍ତ କରିବା ପାଇଁ ପାଖାପାଖି ୧୦ ଦିନ ଧରି ଗୋଟିଏ ହୋଟେଲ୍ ରୁମ୍‌ରେ ବନ୍ଦ କରିଦେଇଥିଲେ ।

ରାକେଶ ରୋଶନ, ଫିଲ୍ମମେକର

“ କେବଳ ବଡି ଉପରେ ଧ୍ୟାନ ଦିଅନ୍ତୁ ନାହିଁ ଅଭିନୟ ଉପରେ ଧ୍ୟାନ ଦିଅନ୍ତୁ । ଜଣେ କଳାକାର ପାଇଁ ଅଭିନୟ ବେଶ୍ ଗୁରୁତ୍ୱପୂର୍ଣ୍ଣ ହୋଇଥାଏ । ଖାଲି ସିକ୍ସ ପ୍ୟାକ୍ କରିଲେ ହେବ ନାହିଁ ।

ଅଭିଷେକ ବଚ୍ଚନ, ଅଭିନେତା





“ ମୁଁ ଲାଇଫ୍‌ରେ ଅନେକ ଷ୍ଟ୍ରଗଲ୍ କରିଛି । ପାଖାପାଖି ୨୫ ବର୍ଷ ଧରି ବସ୍ତିରେ ରହିଛି । ଗୁଜୁରାଣ ମେଣ୍ଟାଇବା ପାଇଁ ସେଲସ୍‌ମ୍ୟାନ ଭାବେ କାମ କରିଛି ।

ଶ୍ୟାମ ପାଠକ, ଅଭିନେତା



## ଅସଲି ସିନ୍‌ର ନକଲି ସୁଟିଂ ସେଟ୍

ସବୁବେଳେ ସିନେମାରେ ଦେଖିବାକୁ ମିଳୁଥିବା ଭୂକମ୍ପ,ବର୍ଷା ଓ ବନ୍ୟାବାତ୍ୟାର ସିନ୍ କିଭଳି ସୁଟିଂ ହୋଇଥାଏ ତାହାକୁ ନେଇ ଅନେକ ଚର୍ଚ୍ଚା ଦେଖିବାକୁ ମିଳିଥାଏ । ଏହାକୁ ନେଇ ସମସ୍ତେ ସବୁବେଳେ ଉତ୍ସୁକତା ଦେଖେଇଥାଆନ୍ତି । ତେବେ ଏସବୁର ସୁଟିଂ ସବୁବେଳେ ସେଟ୍‌ରେ କରାଯାଇଥାଏ, କାରଣ ଏହାକୁ ରିଅଲ ଲୋକେସନ୍‌ରେ କେବେହେଲେ ବି ସୁଟ କରାଯାଇ ପାରିବ ନାହିଁ । ସେଥିପାଇଁ ଏହାକୁ ବିଭିନ୍ନ ପ୍ରକାର ସେଟ୍ ପ୍ରସ୍ତୁତ କରି କରାଯାଇଥାଏ । ଏହି ସେଟ୍‌ରେ ମେସିନ୍ ସାହାଯ୍ୟରେ ପବନ ଚଳାଯାଇଥାଏ ଏବଂ ପମ୍ପ ସାହାଯ୍ୟରେ ବର୍ଷା କରାଯାଇଥାଏ । ଏହାପରେ ସାଉଣ୍ଡ ଓ ଭିଏଫ୍‌ଏକ୍ସ ସାହାଯ୍ୟରେ ସିନ୍ ଗୁଡିକୁ ସମ୍ପୂର୍ଣ୍ଣ କରାଯାଇଥାଏ । ଭୂକମ୍ପ ସିନ୍‌ର ସୁଟିଂ କରିବା ପାଇଁ ପ୍ରଥମେ ସବୁ ବଡବଡ ବିଲ୍ଡିଂ ଗୁଡିକର ଛୋଟଛୋଟ ଆକୃତି ତିଆରି କରାଯାଇଥାଏ । ଏହାପରେ ଭୂକମ୍ପର ଇଫେକ୍ଟ ଦେଖାଯିବା ପାଇଁ ଭାଇବ୍ରେଟସର ଉପଯୋଗ କରାଯାଇଥାଏ । ଯାହାଫଳରେ ଦର୍ଶକଙ୍କୁ ଏହା ସତସତିକା ଭୂକମ୍ପ ଭଳି ମନେ ହୋଇଥାଏ । ଏହା ସହିତ ଏହି ସିନ୍‌ରେ ବାଲି ବ୍ୟବହାର କରାଯାଇଥାଏ, ଯାହା ଫଳରେ ସିନ୍ ଅସଲି ଲାଗିବ । ସେହିଭଳି ବନ୍ୟା ସିନ୍ ପାଇଁ ମଧ୍ୟ ମିନିଏଚର୍‌ର ଫର୍ମୁଲା ବ୍ୟବହାର କରାଯାଇଥାଏ । ଏଥିପାଇଁ ଛୋଟ ପୋଖରିରେ ମିନିଏଚର ବ୍ୟବହାର କରାଯାଇ ଏହି ସିନ୍‌ର ସୁଟିଂ କରାଯାଇଥାଏ । ଯେଉଁଥିରେ ସ୍ପେସିଆଲ ଇଫେକ୍ଟସ୍‌ର ବ୍ୟବହାର କରାଯାଇଥାଏ । କିଛି ଫିଲ୍ମରେ ଅଣ୍ଡରୱାଟର ସିନ୍ ପାଇଁ ସୁଇମିଂ ପୁଲ୍‌ର ବ୍ୟବହାର କରାଯାଇଥାଏ । ଫିଲ୍ମରେ ଦେଖାଯାଉଥିବା ବାତ୍ୟ ମଧ୍ୟ ନକଲି ହୋଇଥାଏ, ଏଥିରେ ପବନ ପାଇଁ ମେସିନ୍ ଓ ବର୍ଷା ପାଇଁ ସ୍ପ୍ରିଙ୍କଲର୍‌ର ବ୍ୟବହାର କରାଯାଇଥାଏ । ଯାହାଫଳରେ ଏହି ସିନ୍ ଗୁଡିକ ରିଅଲ ଲାଗିଥାଏ । ଏଥିରେ ପରେ କିଛି ଭିଏଫ୍‌ଏକ୍ସକୁ ସାମିଲ କରାଯାଇଥାଏ ।

### ରାଜ୍ୟ ଅଣ ଗେଜେଟେଡ୍ ପ୍ରାଣୀ ଚିକିତ୍ସା ବୈଷୟିକ କର୍ମଚାରୀ ସଂଘର ଅଧିବେଶନ

# ଦୁଗ୍ଧ ଉତ୍ପାଦନ ବୃଦ୍ଧି ପାଇଁ 'ମୁଖ୍ୟମନ୍ତ୍ରୀ କାମଧେନୁ ଯୋଜନା' ଖୁବ୍ ଶୀଘ୍ର : ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର, (ସବ୍ୟୁ): ଆମର ଅଧିକାଂଶ ଚାଷୀ କ୍ଷୁଦ୍ର, ମଧ୍ୟମ ଅଥବା ଭୂମିହୀନ ବର୍ଗର ଅଟନ୍ତି। କୃଷକମାନଙ୍କ ରୋଜଗାର ବୃଦ୍ଧି ପାଇଁ ସେମାନଙ୍କ ଆର୍ଥିକ ସ୍ୱଚ୍ଛଳତା ସକାଶେ ପଶୁ ପାଳନ ସବୁଠାରୁ ପ୍ରକୃଷ୍ଟ ମାଧ୍ୟମ। କୃଷି କାର୍ଯ୍ୟ ସହିତ ଗାଇ, ଛେଳି, ମେଣ୍ଢା ଓ ମାଛ ଚାଷ ଆଦି କାର୍ଯ୍ୟରେ ସମ୍ପୃକ୍ତ ରହିଲେ ସେମାନେ ସ୍ୱାବଲମ୍ବୀ ହୋଇପାରିବେ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବୁଧବାର ଓଡିଶା ରାଜ୍ୟ ଅଣଗେଜେଟେଡ ପ୍ରାଣୀ ଚିକିତ୍ସା ବୈଷୟିକ କର୍ମଚାରୀ ସଂଘର ୨୩ତମ ସାଧାରଣ ଅଧିବେଶନ ଅବସରରେ ଯୋଗଦେଇ କହିଛନ୍ତି। ସ୍ଥାନୀୟ ଜୟଦେବ ଭବନ ଠାରେ ଆୟୋଜିତ କାର୍ଯ୍ୟକ୍ରମରେ ଯୋଗଦେଇ ମୁଖ୍ୟମନ୍ତ୍ରୀ କହିଥିଲେ ଯେ ରାଜ୍ୟର ପ୍ରାଣୀ ସମ୍ପଦର ବିକାଶ କ୍ଷେତ୍ରରେ ପ୍ରାଣୀ ଚିକିତ୍ସା ବିଭାଗର କର୍ମଚାରୀ ମାନଙ୍କର ଗୁରୁତ୍ୱପୂର୍ଣ୍ଣ ଅବଦାନ ରହିଛି । ପ୍ରାଣୀ ପାଳନ ମନୁଷ୍ୟ ସମାଜର ସବୁଠାରୁ ପୁରାତନ ଜୀବିକା । କୃଷି ଓ ପଶୁ ପାଳନ କ୍ଷେତ୍ରରେ ଯୁବବର୍ଗଙ୍କ ମଧ୍ୟରେ ଫାର୍ମ ହାଉସ କରିବାର ଆଗ୍ରହ ବୃଦ୍ଧି ପାଉଛି । ଯଦି ଯୁବ ସମାଜ କୃଷି ଓ ପଶୁ ପାଳନ କ୍ଷେତ୍ରକୁ ବ୍ୟାପକ ଭାବେ ଆସିବେ ଏବଂ ଏହାକୁ ନିଜର ମୁଖ୍ୟ ବୃତ୍ତି ଭାବେ ଗ୍ରହଣ କରିବେ ତେବେ କୃଷି ଓ କୃଷକଙ୍କ ଆର୍ଥିକ ସ୍ଥିତିରେ ଏକ ବୈପ୍ଲବିକ ପରିବର୍ତ୍ତନ ଆସିବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ । ପ୍ରାଣୀ ସମ୍ପଦର ବିକାଶ ପାଇଁ ଚଳିତ ବର୍ଷ ବଜେଟ୍ରେ ୬୯୭ କୋଟି ଟଙ୍କା ରଖାଯାଇଛି । ରାଜ୍ୟରେ ଦୁଗ୍ଧ ଉତ୍ପାଦନ ବୃଦ୍ଧି ପାଇଁ ମୁଖ୍ୟମନ୍ତ୍ରୀ କାମଧେନୁ ଯୋଜନା ଏବଂ ପ୍ରାଣୀ ମଙ୍ଗଳ କାର୍ଯ୍ୟକ୍ରମ ପାଇଁ ମୁଖ୍ୟମନ୍ତ୍ରୀ ପ୍ରାଣୀ କଲ୍ୟାଣ ଯୋଜନା ଆରମ୍ଭ କରାଯିବ ବୋଲି ସେ କହିଥିଲେ । କାର୍ଯ୍ୟକ୍ରମରେ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିଭାଗର ମନ୍ତ୍ରୀ ଗୋକୁଳା ନନ୍ଦ ମଲ୍ଲିକ ବକ୍ତବ୍ୟ ରଖି ଗୋ ସମ୍ପଦ ସୁରକ୍ଷା ଉପରେ ମତବ୍ୟକ୍ତ କରିଥିଲେ । କାର୍ଯ୍ୟକ୍ରମରେ ରାଜ୍ୟର ବିଭିନ୍ନ ଜିଲ୍ଲାରୁ ଆସିଥିବା ୪ଜଣ ସଫଳ ଚାଷୀଙ୍କୁ ମୁଖ୍ୟମନ୍ତ୍ରୀ ଏହି ଅବସରରେ ସମ୍ମାନିତ କରିଥିଲେ । ବିଧାୟକ ତଥା ଅଭ୍ୟର୍ଥନା କମିଟିର ଅଧ୍ୟକ୍ଷ ଶାରଦା ପ୍ରସାଦ ପ୍ରଧାନ କାର୍ଯ୍ୟକ୍ରମରେ ସ୍ୱାଗତ ଭାଷଣ ଦେଇଥିଲେ। ସଂଘର ସାଧାରଣ ସମ୍ପାଦକ ବସନ୍ତ କୁମାର ସାହୁ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ ଏବଂ ସଭାପତି ଉପେନ୍ଦ୍ର ନାଥ ରଣା ଧନ୍ୟବାଦ ଅର୍ପଣ କରିଥିଲେ ।

### ବିନା ଓଟିପିରେ ଆକାଉଣ୍ଟରୁ କଟିଲା ୨୫ ହଜାର

## କାମରେ ଆସୁନି ସାଇବର ଥାନା

କଟକ, (ସ୍ୱପ୍ର) : ସାଇବର ଠକଙ୍କ ପ୍ରାର୍ଦୁଭାବ ବଢିବଢି ଚାଲିଛି । ବିନା ଓଟିପିରେ ସାମ୍ବାଦିକଙ୍କ ଆକାଉଣ୍ଟରୁ ଲୁଟ୍ ହୋଇଛି ଟଙ୍କା । ଏନେଇ ସାଇବର ଥାନାର ଦ୍ୱାରସ୍ଥ ହୋଇଥିଲେ ସାମ୍ବାଦିକ । ଏତଲାରୁ ଜଣାପଡିଛିଯେ, ସାମ୍ବାଦିକ ଜୟନ୍ତ କୁମାର ରାଉତରାୟଙ୍କ ମୋବାଇଲ୍ ନମ୍ବରକୁ ସୋମବାର ଦିନ ଚାରିଟା ବେଳେ ଆଧାର କାର୍ଡ ଓ କ୍ରେଡିଟ କାର୍ଡ ସମ୍ବନ୍ଧୀୟ ଓଟିପି ବାରମ୍ବାର ଆସିଥିଲା। ଏହି ଓଟିପି ନମ୍ବର କ୍ରମାଗତ ଭାବେ ଏତେ ଆସିଥିଲାଯେ, ସାମ୍ବାଦିକ ଜଣକ ଏହା ଦେଖି ବାଧ ହୋଇ ମୋବାଇଲ ସ୍ୱିଚ୍କୁ ବନ୍ଦ କରିଦେଇଥିଲେ । ରାତିରେ ମୋବାଇଲ୍ ଖୋଲି ଦେଖିବାରୁ ନିଜର ଇଣ୍ଡସ ଲ୍ୟାଣ୍ଡ ବ୍ୟାଙ୍କ୍ କ୍ରେଡିଟ କାର୍ଡରୁ ୨୫ହଜାର ଟଙ୍କା କଟିଯାଇଛି । ଏହି ବିଷୟରେ ସାମ୍ବାଦିକ ଜଣକ ସାଇବର ଥାନାରେ ଲିଖିତ ଏତଲା ଦେଇଛନ୍ତି । ପୋଲିସ ଏତଲାକୁ ଗ୍ରହଣ କରି ତଦନ୍ତ କରୁଥିବା ଥାନା ଅଧିକାରୀ ରଶ୍ମିତା ଜେନା ଜଣାଇଛନ୍ତି। ଅପରପକ୍ଷେ ପୋଲିସ ପ୍ରଶାସନ ତରଫରୁ ସାଇବର କ୍ରାଇମକୁ ନେଇ ଜନ ସଚେତନତା କରାଯାଉଥିଲେ ମଧ୍ୟ ଏହା କେବଳ ପ୍ରହସନ ପାଲଟିଛି ବୋଲି ସର୍ବସାଧାରଣରେ ଚର୍ଚ୍ଚା ହେଉଛି । ଏହି ସାଇବର ଥାନା ଯଦି ଲୋକଙ୍କ କାମରେ ଆସୁନି ଏହା ଥାଇ କେତେ ନଥାଇ କେତେ ବୋଲି ସାଧାରଣରେ ଚର୍ଚ୍ଚା ହେଉଛି ।






### ପିଏମ୍ ବିଦ୍ୟାଲକ୍ଷ୍ମୀ ଯୋଜନାକୁ କେନ୍ଦ୍ର କ୍ୟାବିନେଟର ମଞ୍ଜୁରି

# ପ୍ରତିବର୍ଷ ଉପକୃତ ହେବେ ୨୨ ଲକ୍ଷରୁ ଅଧିକ ବିଦ୍ୟାର୍ଥୀ : ଧର୍ମେନ୍ଦ୍ର



### ଦେଶର ୮୬୦ ଉଚ୍ଚ ଶିକ୍ଷାନୁଷ୍ଠାନରେ ପଢୁଥିବା ଛାତ୍ରଛାତ୍ରୀଙ୍କୁ ମିଳିବ ଋଣ

ଭୁବନେଶ୍ୱର (ସବ୍ୟୁ): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କେନ୍ଦ୍ର କ୍ୟାବିନେଟ୍ ବୈଠକରେ ମୋଟ ୩,୬୦୦ କୋଟି ଟଙ୍କା ବ୍ୟୟରେ ପିଏମ ବିଦ୍ୟାଲକ୍ଷ୍ମୀ ଯୋଜନାକୁ ମଞ୍ଜୁର ମିଳିଛି । ଉଚ୍ଚ ଶିକ୍ଷା କ୍ଷେତ୍ରରେ ମେଧାବୀ ଛାତ୍ରଛାତ୍ରୀଙ୍କୁ ଆର୍ଥିକ ସହାୟତା ପ୍ରଦାନ କରିବା ନିମନ୍ତେ ଏହି ଯୋଜନାକୁ ମଞ୍ଜୁର କରିଥିବାରୁ ପ୍ରଧାନମନ୍ତ୍ରୀ ମୋଦୀଙ୍କୁ ଧନ୍ୟବାଦ ଜଣାଇଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ଶ୍ରୀ ପ୍ରଧାନ ଏ ସମ୍ପର୍କରେ ଟ୍ୱିଟ୍ କରିଛନ୍ତି ଯେ ଭାରତର ପ୍ରତିଭାବାନ ଯୁବକ ଯୁବତୀମାନଙ୍କ ପାଇଁ ଏକବିଂଶ ଶତାବ୍ଦୀର ସାର୍ବଜନୀନ ଉଚ୍ଚଶିକ୍ଷା ଉପଲବ୍ଧି କରାଇବା ହେଉଛି ପ୍ରଧାନମନ୍ତ୍ରୀ ମୋଦୀଙ୍କ ଗ୍ୟାରେଣ୍ଟି ଛ ୩,୬୦୦ କୋଟି ଟଙ୍କା ବ୍ୟୟରେ ପିଏମ ବିଦ୍ୟାଲକ୍ଷ୍ମୀଙ୍କୁ ମଞ୍ଜୁର ଦେବା ଦ୍ୱାରା ମେଧାବୀ ଛାତ୍ରଛାତ୍ରୀଙ୍କ ପାଇଁ ଉଚ୍ଚଶିକ୍ଷା କ୍ଷେତ୍ରରେ ଥିବା ପ୍ରତିବନ୍ଧକ ଦୂର ହେବ ଏବଂ ଆମ ଯୁବଶକ୍ତି ସେମାନଙ୍କ ସ୍ୱପ୍ନ ପୂରଣ କରିବାରେ ସକ୍ଷମ ହେବେ । ପିଏମ୍ ବିଦ୍ୟାଲକ୍ଷ୍ମୀ ଅଧୀନରେ ବିନା ବନ୍ଧକରେ ଏବଂ ଗ୍ୟାରେଣ୍ଟର ମାଗଣା ଶିକ୍ଷା ଋଣ ମେଧାବୀ ଛାତ୍ରଛାତ୍ରୀଙ୍କ ପାଇଁ ଉଚ୍ଚଶିକ୍ଷାର ସୁବିଧାକୁ ଅଧିକରୁ ଅଧିକ ଉପଲବ୍ଧ କରାଇବ । ଆର୍ଥିକ ଅଭାବ ଅନଟନ ମଧ୍ୟରେ ଥିବା ଛାତ୍ରଛାତ୍ରୀମାନଙ୍କୁ ଶିକ୍ଷା ଗ୍ରହଣ କରିବାରେ କୌଣସି ବାଧା ସୃଷ୍ଟି କରିବ ନାହିଁ । ବାର୍ଷିକ ୮ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ପାରିବାରିକ ଆୟ ଥିବା ଛାତ୍ରଛାତ୍ରୀ ୧୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଶିକ୍ଷା ଋଣ ଉପରେ ୩% ସୁଧ ରିହାତି ପାଇବାକୁ ଯୋଗ୍ୟ ବିବେଚିତ ହେବେ । ୭.୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣ ରାଶି ପାଇଁ ଭାରତ ସରକାର ୭୫% କ୍ରେଡିଟ୍ ଗ୍ୟାରେଣ୍ଟି ପ୍ରଦାନ କରିବେ, ଯାହା ବ୍ୟାଙ୍କ ଗୁଡ଼ିକୁ ସେମାନଙ୍କ ନେଟୱାର୍କ ବିସ୍ତାର କରିବାରେ ସାହାଯ୍ୟ କରିବ ।

ନ୍ୟାସନାଲ ଇନଷ୍ଟିଚ୍ୟୁସନାଲ ରାଙ୍କିଂ ଫ୍ରେମୱାର୍କ (ଏନଆଇଆରଏଫ) ଆଧାରରେ ଦେଶର ଶ୍ରେଷ୍ଠ ୮୬୦ ଉଚ୍ଚ ଶିକ୍ଷାନୁଷ୍ଠାନରେ ନାମ ଲେଖାଇଥିବା ଛାତ୍ରଛାତ୍ରୀଙ୍କୁ ପ୍ରଧାନମନ୍ତ୍ରୀ ବିଦ୍ୟାଲକ୍ଷ୍ମୀ ଅଧୀନରେ ଶିକ୍ଷା ଋଣ ପ୍ରଦାନ କରାଯିବ, ଯେଉଁଥିରେ ପ୍ରତିବର୍ଷ ୨୨ ଲକ୍ଷରୁ ଅଧିକ ଛାତ୍ରଛାତ୍ରୀମାନେ ସାମିଲ ହେବେ । ମେଧାବୀ ଛାତ୍ରଛାତ୍ରୀଙ୍କୁ ଆର୍ଥିକ ସହାୟତା ଜାତୀୟ ଶିକ୍ଷା ନୀତିର ଏକ ପ୍ରମୁଖ ସୁପାରିସ । ପ୍ରଧାନମନ୍ତ୍ରୀ ବିଦ୍ୟାଲକ୍ଷ୍ମୀ ଜାତୀୟ ଶିକ୍ଷା ନୀତିକୁ କାର୍ଯ୍ୟକାରୀ କରାଇବା ଦିଗରେ ଆଉ ଏକ ଠୋସ୍ ପଦକ୍ଷେପ । ପିଏମ ବିଦ୍ୟାଲକ୍ଷ୍ମୀ ଗରିବ ଓ ମଧ୍ୟବିତ୍ତ ଶ୍ରେଣୀର ଲକ୍ଷ ଲକ୍ଷ ଛାତ୍ରଛାତ୍ରୀଙ୍କୁ ସଶକ୍ତ କରିବ ବୋଲି କେନ୍ଦ୍ର ଶିକ୍ଷା ମନ୍ତ୍ରୀ କହିଛନ୍ତି ।

### ଆମ୍ବ ଟାକୁଆ ଜାଉ ଖାଇ ମୃତ୍ୟୁ ଘଟଣା

## ଦକ୍ଷିଣାଞ୍ଚଳ ରାଜସ୍ୱ କମିଶନରଙ୍କ ମାଣ୍ଡିପଙ୍କାରେ ତଦନ୍ତ



ଫୁଲବାଣୀ, (ସବ୍ୟୁ) : ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନିର୍ଦ୍ଦେଶ କ୍ରମେ ଦକ୍ଷିଣାଞ୍ଚଳ ରାଜସ୍ୱ ଆୟୁକ୍ତ ରୂପା ରୋଶନ ସାହୁ କନ୍ଧମାଳ ଜିଲ୍ଲାର ଦାରିଙ୍ଗବାଡି ବ୍ଲକର ମାଣ୍ଡିପଙ୍କା ଗ୍ରାମ ପରିଦର୍ଶନ କରିଛନ୍ତି । ସେଠାରେ ପୀଡିତ ପରିବାରର ସଦସ୍ୟ ଏବଂ ଗ୍ରାମବାସୀଙ୍କ ମାନଙ୍କ ସହ ଆଲୋଚନା କରିସାରିବା ପରେ ବିଭିନ୍ନ ବିଭାଗୀୟ ଅଧିକାରୀଙ୍କ ସହ ମଧ୍ୟ ଆଲୋଚନା କରିଥିଲେ । ଏହାପରେ ସେ ବ୍ରାହ୍ମଣୀଗାଁ ବହୁମୁଖୀ ସମବାୟ ସମିତି ଅଫିସ ପରିଦର୍ଶନ କରି ଚାଉଳ ବଣ୍ଟନ ସମ୍ବନ୍ଧୀୟ ବିଭିନ୍ନ ରେଜିଷ୍ଟର ଦେଖିଥିଲେ । ଏନେଇ ଅଧିକ ସତ୍ୟାସତ୍ୟ ପାଇଁ ଅଧିକାରୀ ତଥା ସ୍ଥାନୀୟ ବ୍ୟକ୍ତିବିଶେଷଙ୍କ ସହ ଆଲୋଚନା କରିଥିଲେ । ଆମ୍ବ ଟାକୁଆ ସମ୍ବନ୍ଧିତ ଖାଦ୍ୟ ବିଷାକ୍ତିକରଣ ଜନିତ ମୃତ୍ୟୁର ପ୍ରାଥମିକ ତଦନ୍ତ ପାଇଁ ଦକ୍ଷିଣାଞ୍ଚଳ ରାଜସ୍ୱ ଆୟୁକ୍ତଙ୍କ ଏହି ଗସ୍ତ ଉର୍ଦ୍ଦିଷ୍ଟ ଥିଲା । ଏହି ଗସ୍ତ ସମୟରେ କନ୍ଧମାଳ ଜିଲ୍ଲାପାଳ ଅମ୍ରିତ ଋତୁରାଜ ଏବଂ ଅନ୍ୟାନ୍ୟ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ ।




# ଓଡ଼ିଶା ସରକାର
## ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ
## ଘୋଷଣା

**No RDM-LAA-MBJ-0014-2023-20157** **R&DM, Dated 28 JUN 2024**

**XXI-22 :** ସର୍ବସାଧାରଣଙ୍କ ଅବଗତି ନିମନ୍ତେ, ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (**RFCTLAR & R. Act, 2013**) ର ଧାରା ୧୯ର ଅଧିନିୟମ ୧ ଅନୁଯାୟୀ ଏହି ଘୋଷଣାନାମା ଦିଆଯାଉଅଛି ଯେ ଉକ୍ତ ଆଇନର ଧାରା ୧୫(୨) ଅନୁସାରେ ଜିଲ୍ଲାପାଳଙ୍କ ଦ୍ୱାରା ପ୍ରଦତ୍ତ ରିପୋର୍ଟକୁ ବିବେଚନା କରି ରାଜ୍ୟ ସରକାରଙ୍କୁ ଏହି ଆଇନର ଧାରା ୨(୧) ପ୍ରକାରେ ପ୍ରତୀତ ହେଉଅଛି ଯେ **ମୌଜା- ପୁରୁଣିଆ, ଥାନା- ବୈଶିଙ୍ଗା (ନଂ. ୨୩୫), ତହସିଲ- ବେତନଟୀ, ଜିଲ୍ଲା- ମୟୂରଭଞ୍ଜ**ରେ ନିମ୍ନ ସୂଚିତ 'କ' ତଫସିଲ ଜମି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଯଥା ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପର ତ୍ରିଭଙ୍ଗାପୁର ଡିଷ୍ଟ୍ରିବ୍ୟୁଟାରୀ, ନୂଆଗାଁ ମାଇନର, ହେମପୁର ମାଇନର, ପୁରୁଣିଆ ସବ୍-ମାଇନର, ମହିସା ସବ୍-ମାଇନର, ଚାଉରାଶୋଳ ସବ୍-ମାଇନର ଓ ଟିକାୟତପୁର ସବ୍-ମାଇନର ନିର୍ମାଣ ନିମନ୍ତେ ଭୂମି ଅଧିଗ୍ରହଣ ଆବଶ୍ୟକ ହେଉଅଛି ।

ଏହି ଭୂମି ଅଧିଗ୍ରହଣ ସମ୍ବନ୍ଧୀୟ ପ୍ରାରମ୍ଭିକ ବିଜ୍ଞପ୍ତି ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (**RFCTLAR & R Act, 2013**)ର ଧାରା ୧୧ (୧) ଅନୁଯାୟୀ ବିଜ୍ଞପ୍ତି ସଂଖ୍ୟା **୪୨୭୧୯ ତା. ୦୫.୧୨.୨୦୨୩**ରିଖରେ ପ୍ରକାଶିତ ହୋଇଅଛି ।

ପୁନଶ୍ଚ ଏହା ଘୋଷଣା କରାଯାଉଅଛି ଯେ, **ମୌଜା- ପୁରୁଣିଆ, ଥାନା- ବୈଶିଙ୍ଗା (ନଂ. ୨୩୫), ଜିଲ୍ଲା- ମୟୂରଭଞ୍ଜ**ରେ କୌଣସି ବିସ୍ଥାପିତ ପରିବାର ନଥିବାରୁ ପୁନର୍ବାସ ଓ ଥଇଥାନ ନିମିତ୍ତ କୌଣସି ଜମି ଚିହ୍ନଟ ଓ ପୁନର୍ବାସ ଓ ଥଇଥାନ ଯୋଜନା ରୂପରେଖର ସାରମର୍ମ ସଂଲଗ୍ନ କରାଯାଇ ନାହିଁ । ପୁନର୍ବାସ ଓ ଥଇଥାନ ଯୋଜନା ଏବଂ କ୍ଷତିପୂରଣ ସମ୍ବନ୍ଧୀୟ ତଥ୍ୟ ଜିଲ୍ଲାପାଳ ଏବଂ ପୁନର୍ବାସ ଓ ଥଇଥାନ ପ୍ରଶାସନ କାର୍ଯ୍ୟାଳୟରେ ଉପଲବ୍ଧ ଅଟେ । ପୁନର୍ବାସ ଓ ଥଇଥାନ ଯୋଜନାର ଭୂମି ନକ୍ସା ଭୂ-ଅର୍ଜନ ମହାମଣ୍ଡଳ ଅଧିକାରୀ, ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପ, ଲକ୍ଷ୍ମୀପୋଷି, ବାରିପଦା ସ୍ଥିତ ମୟୂରଭଞ୍ଜଙ୍କ କାର୍ଯ୍ୟାଳୟରେ କାର୍ଯ୍ୟ ଦିବସମାନଙ୍କରେ ଦେଖିବାକୁ ମିଳିପାରିବ ।

**ତଫସିଲ - କ ( ପ୍ରସ୍ତାବିତ ଭୂମି ଅଧିଗ୍ରହଣ ଅନୁସୂଚୀ)**

ଜିଲ୍ଲା - ମୟୂରଭଞ୍ଜ ତହସିଲ- ବେତନଟୀ

| ଗ୍ରାମର ନାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ | ପ୍ଲଟ୍ ନଂ | କିସମ | ପ୍ଲଟର ମୋଟ ରକବା | ଅଧିଗ୍ରହଣ ହେବାକୁ ଥିବା ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ପୁରୁଣିଆ | ଗ୍ରାମାଞ୍ଚଳ | ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ | ଏକର ୧୪୧.୯୫ | ଏକର ୩୪.୯୧ | ଏଥି ସହିତ ସଂଲଗ୍ନ |

**ତଫସିଲ - ଖ (ପୁନର୍ବାସ ନିମିତ୍ତ ଚିହ୍ନଟ ଭୂମି ଅନୁସୂଚୀ)**

ଜିଲ୍ଲା - ମୟୂରଭଞ୍ଜ ତହସିଲ- ବେତନଟୀ

| ଗ୍ରାମର ନାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ | ପ୍ଲଟ୍ ନଂ | କିସମ | ପ୍ଲଟର ମୋଟ ରକବା | ପୁନର୍ବାସ ନିମିତ୍ତ ଚିହ୍ନଟ ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ପ୍ରଯୁଜ୍ୟ ନୁହେଁ | | | | | | | |

ଅଧିସୂଚନାର ବୈଧ ତାରିଖ : ୦୯/୦୨/୨୦୨୪

ସ୍ୱା/- ରାଜ୍ୟପାଳଙ୍କ ଆଦେଶ କ୍ରମେ,
(ନୃସିଂହ ଚରଣ ସ୍ୱାଇଁ)
ସ୍ୱତନ୍ତ୍ର ଶାସନ ସଚିବ

## ଭୂମି ଅନୁସୂଚୀ

**ଭୂଅର୍ଜନ ମାମଲା ସଂଖ୍ୟା- ୨୨/୨୧ ଏ. ୩୪.୯୧ ଡି.**

**ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପର ତ୍ରିଭଙ୍ଗାପୁର ଡିଷ୍ଟ୍ରିବ୍ୟୁଟାରୀ, ନୂଆଗାଁ ମାଇନର, ହେମପୁର ମାଇନର, ପୁରୁଣିଆ ସବ୍-ମାଇନର, ମହିସା ସବ୍-ମାଇନର, ଚାଉରାଶୋଳ ସବ୍-ମାଇନର ଓ ଟିକାୟତପୁର ସବ୍-ମାଇନର ନିମନ୍ତେ**
**ମୌଜା- ପୁରୁଣିଆ, ଥାନା- ବୈଶିଙ୍ଗା, ନଂ. ୨୩୫, ତହସିଲ- ବେତନଟୀ, ଜିଲ୍ଲା- ମୟୂରଭଞ୍ଜ**

| ଖାତା ନଂ ଓ ସତ୍ୱ | ପ୍ଲଟ ନଂ | ମୋଟ ରକବା | ଆକ୍ୟୁଆର ରକବା | କିସମ | ରୟତଙ୍କ ନାମ, ପିତା, ଜାତି ଓ ବାସସ୍ଥାନ |
|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ |
| ୫ | ୨୫୪ | ୧.୯୨ | ୦.୧୯ | ଶାରଦ ଦୁଇ | ଅଚ୍ୟୁତାନନ୍ଦ ଦାସ, ଅଦ୍ୱୈତ୍ୟାନନ୍ଦ ଦାସ, ଅରବିନ୍ଦ ଦାସ, ଅମରେନ୍ଦ୍ର ଦାସ, ପି. |
| | | | | | ଉପେନ୍ଦ୍ର ଦାସ, ସୁଲୋଚନା ଦାସ, ସ୍ୱା. ଉପେନ୍ଦ୍ର ଦାସ, ଜା. ଖଣ୍ଡାୟତା, ବା. ନିଜଗାଁ |
| ୨୩ | ୧୩୫୨ | ୦.୧୬ | ୦.୦୧ | ଶାରଦ ତିନି | ଆନନ୍ଦ ମାହାନ୍ତ, ବିନୋଦ ମାହାନ୍ତ, ବିଦ୍ୟାଧର ମାହାନ୍ତ, ଜା.କୁଡୁମୀ, ବା. ନିଜଗାଁ |
| | ୧୬୩୬ | ୦.୩୪ | ୦.୧୮ | ଶାରଦ ତିନି | କେଶବ ମାହାନ୍ତ, ଜା. କୁଡୁମୀ, ବା.ଭାଲିଆ, ରୁଟୁଇ ମାହାନ୍ତ, ପି. ଦିନା ମାହାନ୍ତ, |
| | ୧୭୧୨ | ୦.୬୪ | ୦.୦୧ | ଶାରଦ ତିନି | ଜା.କୁଡୁମୀ, ବା. ଖମାରି |
| ୩୨ | ୨୪୭ | ୦.୧୨ | ୦.୧୨ | ଶାରଦ ଦୁଇ | ଉଦିଆ ସିଂ, ପି. ରାମ ସିଂ, ଜା, ଭୂମିଜ, ବା, ନିଜଗାଁ |
| | ୨୪୮ | ୦.୩୨ | ୦.୦୬ | ଶାରଦ ଦୁଇ | |
| ୪୧ | ୧୨୫୪ | ୦.୭୨ | ୦.୨୨ | ଶାରଦ ତିନି | କସ୍ତୁରି ଦାସ, ମହେନ୍ଦ୍ର ଦାସ, ହାଡିଆ ଦାସ, ପି. ହୀରା ଦାସ, ଜା. ଖଣ୍ଡାୟତ, ବା. ନିଜ ଗାଁ |
| ୪୪ | ୧୩୭୨ | ୧.୪୦ | ୦.୨୭ | ଶାରଦ ତିନି | କସ୍ତୁରି ସିଂ, ଗଣଶା ସିଂ, ପି. ମହନ ସିଂ, ଜା. ଭୂମିଜ, ବା. ନିଜ ଗାଁ |
| ୪୫ | ୧୩୩୭ | ୧.୩୦ | ୦.୦୫ | ଶାରଦ ଦୁଇ | କସ୍ତୁରି ସିଂ, ଗଣଶା ସିଂ, ପି. ମୋହନ ସିଂ, ବିନ ସିଂ, ଅନନ୍ତ ସିଂ, ନାରାୟଣ ସିଂ, |
| | ୧୩୬୩ | ୧.୯୪ | ୦.୬୦ | ଶାରଦ ତିନି | କାହ୍ନୁରୁ ସିଂ, ପି.ପଇତୁ ସିଂ, କାଳିଆ ସିଂ, ପି. ଗଙ୍ଗା ସିଂ, ପଦୁ ସିଂ, ପି. ରୋହିଆ ସିଂ, |
| | ୧୩୭୩ | ୧.୩୧ | ୦.୫୧ | ଶାରଦ ତିନି | ସୁରେନ୍ଦ୍ର ସିଂ, ଦାସୀଆ ସିଂ,ପି. ଗୋବିନ୍ଦ ସିଂ. ଜା, ଭୂମିଜ, ବା. ନିଜ ଗାଁ |
| ୫୩ | ୧୬୭୨ | ୦.୯୧ | ୦.୨୭ | ଶାରଦ ତିନି | କରମଚାନ୍ଦ ମହାନ୍ତ, ପି. ଶ୍ରୀନାଥ ମହାନ୍ତ, ଜା. |
| | ୧୭୧୬ | ୦.୫୦ | ୦.୧୭ | ଶାରଦ ତିନି | କୁଡୁମୀ କ୍ଷତ୍ରିୟ, ବା. ନିଜ ଗାଁ |
| ୫୬ | ୧୩୫୧ | ୦.୨୧ | ୦.୨୧ | ଶାରଦ ତିନି | କରମୁ ମହାନ୍ତ, ପି. ଚୁନୁ ମହାନ୍ତ, ଜା. କୁଡୁମୀ, ବା. ନିଜ ଗାଁ |
| ୬୮ | ୩୫୨ | ୦.୬୧ | ୦.୦୫ | ଶାରଦ ତିନି | କାଲା ସିଂ, ପି. ବିନ ସିଂ, ଜା, ଭୂମିଜ, ବା, ନିଜ ଗାଁ |
| ୭୦ | ୧୬୦୯ | ୦.୩୪ | ୦.୦୨ | ଶାରଦ ତିନି | କାଳିଆ ମାଝି, ମାତାଲ ମାଝି, ଫାଗୁ ମାଝି, ପି. |
| | | | | | ଶୁବୁଦା ମାଝି, ଜା. ସାନ୍ତାଳ, ବା. ନିଜ ଗାଁ |
| ୭୪ | ୧୨୮୪ | ୧.୨୩ | ୦.୨୭ | ଶାରଦ ତିନି | କାଳୀଚରଣ ନାୟକ, ପି. ମଧୁସୂଦାନ ନାୟକ, ଜା. ଖଣ୍ଡାୟତ, ବା. ଟୀକାଏତପୁର |
| ୭୯ | ୧୧୦୯ | ୦.୦୮ | ୦.୦୬ | ଶାରଦ ତିନି | କାଶୀନାଥ ଦାସ, ପି. ଦିନୁ ଦାସ, ରମାକାନ୍ତ ଦାସ, ଉମେଶ ଚନ୍ଦ୍ର ଦାସ, ବାସନ୍ତୀ ଦାସ |
| | | | | | ପି. ଗୟା ଦାସ, ପି. ଶାରଦାମଣି ଦାସ, ସ୍ୱା. ଗୟା ଦାସ, ଜା. କ୍ଷେତ୍ରୀୟ, ବା ନିଜଗାଁ |
| ୮୨ | ୧୩୭ | ୦.୫୯ | ୦.୦୭ | ଶାରଦ ଦୁଇ | |
| | ୧୪୨ | ୦.୭୨ | ୦.୦୭ | ଶାରଦ ଦୁଇ | କାଶୀନାଥ ମହାନ୍ତ, ପି. ଚୈତନ୍ୟ ମହାନ୍ତ, ଜା. କୁଡୁମୀ, ବା. ନିଜଗାଁ |
| | ୨୩୮ | ୦.୪୪ | ୦.୧୨ | ଶାରଦ ଦୁଇ | |
| | ୨୪୯ | ୧.୯୪ | ୦.୮୧ | ଶାରଦ ତିନି | |
| ୮୩ | ୧୧୧୦ | ୦.୨୪ | ୦.୦୮ | ଶାରଦ ଏକ | ଶ୍ରୀ ବାବା ବୈଦ୍ୟନାଥ ମହାଦେବ ବିଜେ କାଶୀ ମାର୍ଫତ ବା. କାଶୀ ଦାସ, ପି. ଦନୁ ଦାସ, |
| | | | | | ରମାକାନ୍ତ ଦାସ, ଉମେଶଚନ୍ଦ୍ର ଦାସ, ପି. ଗୟା ଦାସ, ଜା. କ୍ଷେତ୍ରୀୟ, ବା. ନିଜଗାଁ, |
| | | | | | ଜବାର ଦାଖଲ, ବା: ମାଗୁଣି ମହାନ୍ତି, ପି. ବୃନ୍ଦାବନ ମହାନ୍ତି, ଜା.ଖଣ୍ଡାୟତ, ବା. ନିଜଗାଁ |
| ୯୦ | ୧୨୯୦ | ୦.୩୭ | ୦.୨୦ | ଶାରଦ ତିନି | କୁନା ସିଂ, ପି. ଜେନା ସିଂ, ଜା. କୋହ୍ଲ, ବା. ନିଜଗାଁ |
| ୯୪ | ୭/୨୬୯୯ | ୦.୬୮ | ୦.୪୦ | ଶାରଦ ଦୁଇ | କୃଷ୍ଣଚନ୍ଦ୍ର ମହାନ୍ତ, ପି. ଗଣେଶ୍ୱର ମହାନ୍ତ, ଜା. କୁଡୁମୀ କ୍ଷତ୍ରିୟ, ବା. ନିଜଗାଁ ସାମିଲ ହରିପୁର |
| ୯୭ | ୧୬୭୯/୨୮୪୧ | ୦.୬୬ | ୦.୦୨ | ଶାରଦ ତିନି | କୈଳାଶଚନ୍ଦ୍ର ମହାନ୍ତ, ପି. ଦୁର୍ଯ୍ୟୋଧନ ମହାନ୍ତ, ଜା. କୁଡୁମୀ କ୍ଷତ୍ରିୟ, ବା. ନିଜଗାଁ |
| ୧୧୫ | ୧୬୦୮ | ୦.୩୨ | ୦.୦୧ | ଶାରଦ ତିନି | ଗୁବୁରା ମହାନ୍ତ, ପି. କିଶୁ ମହାନ୍ତ, ଶମ୍ଭୁନାଥ ମହାନ୍ତ, ପି. ଗୋବରା ମହାନ୍ତ, |
| | ୧୬୦୮/୨୮୩୩ | ୦.୨୭ | ୦.୧୦ | ଶାରଦ ତିନି | ଜା. କୁଡୁମୀ କ୍ଷତିୟ, ବା. ନିଜଗାଁ |
| ୧୧୮ | ୧୭୩୬ | ୨.୨୧ | ୦.୭୮ | ଶାରଦ ତିନି | ଗୁରୁବାରି ସିଂ, ସୁନୀ ସିଂ, କୋଇଲି ସିଂ, ପି.ଭାଦୁ ସିଂ, ଜା. ଭୂମିଜ, ବା.ଅଙ୍ଗାରିଆ |
| ୧୨୩ | ୧୬୩୨ | ୦.୫୯ | ୦.୦୭ | ଶାରଦ ତିନି | ଗୋବରା ମହାନ୍ତ, ପି. କିଶୁ ମହାନ୍ତ, ଜା. କୁଡୁମୀ କ୍ଷତ୍ରିୟ, ବା. ନିଜଗାଁ |
| ୧୩୪ | ୧୩୬ | ୦.୭୩ | ୦.୦୨ | ଶାରଦ ଦୁଇ | ଗୌର ମହାନ୍ତ, କଷ୍ଟ ମହାନ୍ତ, ପି: ସନା ମହାନ୍ତ ଜା: କୁଡୁମି, ବା: ନିଜଗାଁ ଯଶୋଦା |
| | ୧୪୩ | ୦.୭୪ | ୦.୦୬ | ଶାରଦ ତିନି | ମହାନ୍ତ, ପି: ସନା ମହାନ୍ତ, ଜା: କୁଡୁମି ବା: ଗବପାଳ, ଫୁଣିଗି ମହାନ୍ତ, |
| | ୧୪୨୯ | ୦.୫୮ | ୦.୦୬ | ଶାରଦ ତିନି | ପି: ସନା ମହାନ୍ତ, ଜା: କୁଡୁମି, ବା: ଟିକାଏତପୁର |
| | ୧୪୩୦ | ୦.୧୮ | ୦.୦୧ | ଶାରଦ ତିନି | ଶଚି ମହାନ୍ତ, ସ୍ୱା: ସନା ମହାନ୍ତ, ଜା: କୁଡୁମି, ବା: ନିଜଗାଁ |
| ୧୫୪ | ୧୭୯ | ୧.୯୮ | ୦.୬୫ | ଶାରଦ ଦୁଇ | ଚୈତନ୍ୟ ମହାନ୍ତ, ବୁଧୁ ମହାନ୍ତ, ଶୁକଦେବ ମହାନ୍ତ, ଚେପି ମହାନ୍ତ, ପି. ଜୀବନ |
| | | | | | ମହାନ୍ତ, ଜା: କୁଡୁମୀ, ବା. ନିଜଗାଁ, ମୁସୁରୀ ମହାନ୍ତ, ପି. ଜୀବନ ମହାନ୍ତ, ଜା. କୁଡୁମୀ, |
| | | | | | ବା. ବଇଶିଙ୍ଗା, ମୁଗି ମହାନ୍ତ, ସ୍ୱା. ଜୀବନ ମହାନ୍ତ, ଜା. କୁଡୁମୀ, ବା. ନିଜଗାଁ |
| ୧୫୯ | ୩୫୦ | ୦.୨୪ | ୦.୦୩ | ଶାରଦ ତିନି | ଛୁଟୁ ସିଂ, ପି. ନଛୁଆ ସିଂ, ଜା. ଭୂମିଜ, ବା. ନିଜଗାଁ |
| ୧୬୧ | ୧୨୯୦/୨୮୯୪ | ୦.୦୯ | ୦.୦୬ | ଶାରଦ ତିନି | ଛୋଟରାଏ ସିଂ, ପି. ଜେନା ସିଂ, ଜା. କୋହ୍ଲ, ବା. ନିଜଗାଁ |
| ୧୬୩ | ୧୬୧୦ | ୦.୪୨ | ୦.୧୨ | ଶାରଦ ତିନି | ଛୋଟା ମାଝୀ ପି: ନୁନ୍ଦରୁ ମାଝୀ, ଶତ୍ରୁ ମାଝୀ ପି: କୁସନ ମାଝୀ, ଜା:ସାନ୍ତାଳ ବା:ନିଜଗାଁ |
| ୧୮୬ | ୬୪/୨୯୦୬ | ୦.୧୫ | ୦.୧୨ | ଶାରଦ ତିନି | ଝାନୀ ବିନ୍ଧାଣି, ପି.ରାମ ବିନ୍ଧାଣି, ଜା. କମାର, ବା. ନିଜଗାଁ. ଜବାରଦଖଲ |
| | | | | | ବା: ରାଧା ମାଝି, ପି.ଦାସ ମାଝି, ଜା.ସାନ୍ତାଳ, ବା. ନିଜଗାଁ |
| ୧୮୯ | ୩୮/୨୭୦୧ | ୦.୧୯ | ୦.୧୫ | ଶାରଦ ତିନି | ଝାନେଶ୍ୱର ମହାନ୍ତ, ମଘନ ମହାନ୍ତ, ବିଶ୍ୱମ୍ଭର ମହାନ୍ତ, |
| | | | | | ପି.ରିଦୟ ମହାନ୍ତ, ଜା.କୁଡୁମୀ କ୍ଷତ୍ରିୟ, ବା.ନିଜଗାଁ |
| ୧୯୧ | ୧୩୪୯/୨୬୯୨ | ୦.୦୮ | ୦.୦୪ | ଶାରଦ ଦୁଇ | ଠେଲୁ ମହାନ୍ତ, ପି. କୋଚିଲା ମହାନ୍ତ, ଜା. କୁଡୁମୀ କ୍ଷତ୍ରିୟ, ବା.ନିଜଗାଁ |
| ୧୯୫ | ୧୩୫୯ | ୧.୫୩ | ୦.୫୦ | ଶାରଦ ତିନି | ଡୁମା ସିଂ, ଦୁର୍ଗା ସିଂ, ପି. ଟିମା ସିଂ, ବାଙ୍ଗୁରୁ ସିଂ, |
| | ୧୩୭୬ | ୧.୩୨ | ୦.୬୨ | ଶାରଦ ତିନି | ମୂଷା ସିଂ, ପି. ଚକ୍ରା ସିଂ, ମୁକ୍ତା ସିଂ, ସ୍ୱା. ଚୌଧୁରୀ ସିଂ |
| | ୧୩୭୭ | ୦.୯୫ | ୦.୧୪ | ଶାରଦ ତିନି | ଜା. ଭୂମିଜ, ବା. ନିଜଗାଁ |
| ୨୦୧ | ୧୭୨୧ | ୦.୭୪ | ୦.୧୯ | ଶାରଦ ତିନି | ତ୍ରିଲୋଚନ ମହାନ୍ତ, ପି. ବଳରାମ ମହାନ୍ତ, ଡି ମହାନ୍ତ, ସ୍ୱା. ତ୍ରିଲୋଚନ ମହାନ୍ତ, |
| | | | | | ଜା: କୁଡୁମି କ୍ଷତ୍ରିୟ, ବା. ନିଜଗାଁ |
| ୨୧୧ | ୩୪୨ | ୧.୪୯ | ୦.୫୦ | ଶାରଦ ତିନି | ଦିବାକର ଦାସ, ପି. କୁଞ୍ଜ ଦାସ, ଜା-ଧୋବା, ବା: ନିଜଗାଁ |
| ୨୧୨ | ୩୩୯ | ୦.୫୭ | ୦.୨୦ | ଶାରଦ ତିନି | ଦିବାକର ଦାସ, ପି. କୁଞ୍ଜନ ଦାସ, ମଧୁସୂଦନ ଦାସ, ଦୁର୍ଯ୍ୟୋଧନ ଦାସ, ବୃନ୍ଦାବନ ଦାସ, |
| | | | | | ମିନତୀ ଦାସ, ପି. ନରେନ୍ଦ୍ର ଦାସ, ଚଞ୍ଚଳା ଦାସ, ସ୍ୱା. ନରେନ୍ଦ୍ର ଦାସ, |
| | | | | | ଜା. ଧୋବା, ବା. ନିଜଗାଁ |
| ୨୧୫ | ୧୬୭ | ୧.୦୦ | ୦.୧୨ | ଶାରଦ ଦୁଇ | ଦୀନବନ୍ଧୁ ସାହୁ, ମନରଞ୍ଜନ ସାହୁ, ଭାଗବତ ସାହୁ, ପି. ହରିପଦ ସାହୁ, ଭିକାରି ସାହୁ, |
| | | | | | ଲମ୍ବୁଦର ସାହୁ ରତ୍ନାକର ସାହୁ, ପି. କୃଷ୍ଣ ସାହୁ, ସୀତରାମ ସାହୁ, ପି. ଲୋକନାଥ ସାହୁ, |
| | | | | | ଜା. କୁବେର, ବା. ବାଛୁରିପଡା, ବେଆଇନ ଖରିଦ ସୂତ୍ରେ ଦାଖଲ ବା ଫାଧୂର ସିଂ, |
| | | | | | କ୍ଷେତ୍ରମୋହନ ସିଂ, ପି. ଲୋଚନ ସିଂ, ଜା-ଭୂମିଜ, ବା. ନିଜଗାଁ, ରେଜଷ୍ଟ୍ରି ନମ୍ବର |
| | | | | | ୯୯୮ ତା. ୧୦.୦୪.୬୮ ଜରସମନ ଟ. ୧୦୦୦.୦୦ ବା. |
| ୨୧୬ | ୧୦୧୯ | ୦.୯୮ | ୦.୧୩ | ଶାରଦ ଏକ | ଦୀନବନ୍ଧୁ ଦାସ, ଭାସ୍କର ଚନ୍ଦ୍ର ଦାସ, ଚିତରଞ୍ଜନ ଦାସ, ସତ୍ୟରଞ୍ଜନ ଦାସ, |
| | ୧୦୨୨ | ୦.୩୮ | ୦.୦୫ | ଶାରଦ ଏକ | ପି. ଭରତ ଚନ୍ଦ୍ର ଦାସ, ଜା. କ୍ଷେତ୍ରିୟ, ବା. ନିଜଗାଁ |
| ୨୧୭ | ୧୦୨୩ | ୦.୧୮ | ୦.୦୫ | ଶାରଦ ତିନି | ଦୀନବନ୍ଧୁ ଦାସ, ଭାସ୍କର ଚନ୍ଦ୍ର ଦାସ, ଚିତ୍ତରଞ୍ଜନ ଦାସ, ସତ୍ୟରଞ୍ଜନ ଦାସ, |
| | ୧୦୨୮ | ୦.୪୪ | ୦.୧୨ | ଶାରଦ ଦୁଇ | ପି. ଭରତ ଚନ୍ଦ୍ର ଦାସ, ମୁକ୍ତମଣି ଦାସ, ସ୍ୱା-ଭରତ ଚନ୍ଦ୍ର ଦାସ, |
| | ୧୦୨୯ | ୦.୩୪ | ୦.୦୬ | ଶାରଦ ଦୁଇ | ଜା. କ୍ଷେତ୍ରୀୟ, ବା. ନିଜଗାଁ |
| ୨୧୮ | ୧୦୪୧ | ୦.୬୯ | ୦.୦୩ | ଶାରଦ ଦୁଇ | ଦୀନବନ୍ଧୁ ସେଠୀ, ରାମଚନ୍ଦ୍ର ସେଠୀ, ପି. ବାବୁ ସେଠୀ, ଜା. ରଜକ, ବା. ନିଜଗାଁ |
| ୨୨୧ | ୧୬୧୫ | ୦.୨୩ | ୦.୧୦ | ଶାରଦ ତିନି | ଦୁର୍ଯ୍ୟୋଧନ ମହାନ୍ତ, ପି. ବୀରବର ମହାନ୍ତ, ଜା. କୁଡୁମି କ୍ଷତ୍ରୀୟ, ବା. ନିଜଗାଁ |
| | ୧୬୧୬ | ୦.୭୦ | ୦.୦୩ | ଶାରଦ ତିନି | |
| | ୧୬୭୧/୨୮୩୪ | ୦.୩୩ | ୦.୦୧ | ଶାରଦ ତିନି | |
| ୨୨୮ | ୧୨୫୩ | ୦.୩୮ | ୦.୧୨ | ଶାରଦ ତିନି | ଦେବେନ୍ଦ୍ର ଦାସ, ପି. ରାମଚନ୍ଦ୍ର ଦାସ, ଜା. କ୍ଷେତ୍ରୀୟ, ବା. ନିଜଗାଁ |
| ୨୩୯ | ୧୫୨ | ୦.୪୬ | ୦.୦୬ | ଶାରଦ ଦୁଇ | ନଳିନୀକାନ୍ତ ସିଂହ, ପି. ଦେବୀ ପ୍ରସାଦ ସିଂହ, ମିଳାନ କାନ୍ତ ସିଂହ, ରାଜ କିଶୋର ସିଂହ, |
| | | | | | ମୀରାମଣି ସିଂହ, ପି. ନଳିନ କାନ୍ତ ସିଂହ, ଜା. କ୍ଷେତ୍ରୀୟ, ବା. ନିଜଗାଁ |
| ୨୪୧ | ୧୪୨୫ | ୦.୦୫ | ୦.୦୨ | ଶାରଦ ତିନି | ନଛୁଆ ସିଂ, ଭଞ୍ଜ ସିଂ, ରଇବାରି ସିଂ, ସ୍ୱା ନନ୍ଦ ସିଂ, ସନିଆ ସିଂ, ମକୁନ୍ଦ ସିଂ, |
| | ୧୪୨୬ | ୦.୦୭ | ୦.୦୨ | ଶାରଦ ତିନି | ପାଣ୍ଡୁ ସିଂ, ମଡି ସିଂ, ପାତି ସିଂ, ସୁବାସ ସିଂ, ମୀନ ସିଂ, ନିନୀ ସିଂ, |
| | ୧୪୨୭ | ୦.୦୭ | ୦.୦୨ | ଶାରଦ ତିନି | ପି. ନନ୍ଦ ସିଂ, ଜା. ଭୂମିଜ, ବା. ନିଜଗାଁ |
| | ୧୪୨୮/୨୫୬୬ | ୦.୩୪ | ୦.୧୦ | ଶାରଦ ତିନି | |
| ୨୪୭ | ୧୬୩୧ | ୧.୭୪ | ୦.୧୮ | ଶାରଦ ତିନି | ନରେନ୍ଦ୍ର ମହାନ୍ତ, ପି. ବୀରବଲ ମହାନ୍ତ, ଜା. କୁଡୁମି କ୍ଷତ୍ରୀୟ, ବା. ନିଜଗାଁ |
| | ୧୬୭୧ | ୦.୪୨ | ୦.୦୫ | ଶାରଦ ତିନି | |
| | ୧୭୨୦ | ୦.୭୨ | ୦.୩୪ | ଶାରଦ ତିନି | |
| ୨୫୫ | ୧୬୩୦ | ୦.୫୯ | ୦.୦୭ | ଶାରଦ ତିନି | ନୀଳକଣ୍ଠ ମହାନ୍ତ, ପି. ରଘୁ ମହାନ୍ତ, ଜହ୍ନ ମହାନ୍ତ, ସ୍ୱା- ରଘୁ ମହାନ୍ତ, |
| | | | | | ଜା. କୁଡୁମି, ବା. ନିଜଗାଁ |
| ୨୭୫ | ୧୬୩୭ | ୧.୬୬ | ୦.୬୩ | ଶାରଦ ତିନି | ପ୍ରସାଦ ମହାନ୍ତ, ରଘୁନାଥ ମହାନ୍ତ, ଆଦର ମହାନ୍ତ, ପି. ହାଡିଆ ମହାନ୍ତ, |
| | ୧୬୩୯ | ୦.୪୦ | ୦.୧୦ | ଘରବାରି | ଜା. କୁଡୁମି, ବା. ନିଜଗାଁ |
| ୨୯୮ | ୧୧୦୩ | ୦.୮୧ | ୦.୦୧ | ଶାରଦ ତିନି | ପୂର୍ଣ୍ଣଚନ୍ଦ୍ର ଦାସ, ମନୋରଞ୍ଜନ ଦାସ, ପି. ଶିବ ନାରାୟଣ ଦାସ, ଜା. କ୍ଷେତ୍ରୀୟ, ବା. ନିଜଗାଁ |
| | ୧୧୦୪ | ୦.୩୮ | ୦.୧୪ | ଶାରଦ ତିନି | |
| | ୨୯୨ | ୧.୨୬ | ୦.୩୪ | ଶାରଦ ଦୁଇ | |
| ୩୦୬ | ୬୮ | ୦୭୬ | ୦.୩୮ | ଶାରଦ ତିନି | ଫାଦୁର ସିଂ, ମାଷ୍ଟର ସିଂ, କ୍ଷେତ୍ର ମୋହନ ସିଂ, ପି. ଲୋଚନ ସିଂ, ଜା. ଭୂମିଜ, ବା. ନିଜଗାଁ |
| | ୬୯ | ୧.୦୩ | ୦.୩୬ | ଶାରଦ ତିନି | |
| ୩୦୭ | ୨୯୩/୨୭୧୪ | ୦.୭୦ | ୦.୨୮ | ଶାରଦ ତିନି | ଫାଦୁର ସିଂ, ମାଷ୍ଟର ସିଂ, ପି. ଲୋଚନ ସିଂ, ବାବୁ ସିଂ, ପି. କ୍ଷେତ୍ରମୋହନ ସିଂ |
| | | | | | ସ୍ୱା- କ୍ଷେତ୍ରମୋହନ ସିଂ, ଜା. ଭୂମିଜ, ବା. ନିଜଗାଁ |
| ୩୧୫ | ୧୪୯ | ୦.୩୨ | ୦.୦୬ | ଶାରଦ ଦୁଇ | ବନ ସିଂ, ଆନନ୍ଦ ସିଂ, ନାରାଣ ସିଂ, କାହ୍ନୁରୁ ସିଂ, ପି. ପଇତୁ ସିଂ, ଦାସରଥି ସିଂ, |
| | | | | | ପି. ଗୋବିନ୍ଦ ସିଂ, କଣ୍ଡରୁ ସିଂ, ପି. ମହନ ସିଂ, କାଳିଆ ସିଂ, ପି. ଗଙ୍ଗା ସିଂ, |
| | | | | | ପଦୁ ସିଂ, ପି. ରୁହିଆ ସିଂ, ଜା. ଭୂମିଜ. ବା. ନିଜଗାଁ |
| ୩୧୭ | ୫୮ | ୦.୫୮ | ୦.୩୭ | ଶାରଦ ତିନି | ବଟକୃଷ୍ଣ ସାହୁ, ପି. କାଳିଆ ସାହୁ, ଜା. କୁବେର, ବା. ବାଛରିଡା, ଖରିଦସୂତ୍ରେ ଦଖଲ ବା. |
| | | | | | ପୂର୍ଣ୍ଣଚନ୍ଦ୍ର ସାହୁ, ବନମାଳି ସାହୁ, ଶତ୍ରୁଘ୍ନ ସାହୁ, ହରିହର ସାହୁ, ପି. ଭୋଳାନାଥ ସାହୁ, |
| | | | | | ଜା. କୁବେର, ବା. ବାଛୁରିପଡା, ରେଜେଷ୍ଟ୍ରି ଦଲିଲ ନମ୍ବର ୩୯୨ ତା. ୧.୦୨.୭୪ ଜରସମନ |
| | | | | | ଟ. ୩୦୦.୦୦ : ବା |
| ୩୨୦ | ୩୨୬ | ୦.୮୦ | ୦.୦୬ | ଶାରଦ ଦୁଇ | ବଂଶୀଧର ଧଳ, ଦାମୋଦର ଧଳ, ଭଗବାନ ଧଳ |
| | ୩୩୭ | ୦.୬୪ | ୦.୧୦ | ଶାରଦ ଦୁଇ | ପି. ବଳି ଧଳ, ଜା. ଧୋବା, ବା. ନିଜଗାଁ |
| ୩୨୭ | ୧୭୨୬ | ୦.୯୫ | ୦.୧୧ | ଶାରଦ ତିନି | ବାଇଧର ସିଂ, ଶଙ୍କରା ସିଂ, ଶାମ ସିଂ, କାର୍ତ୍ତିକ ସିଂ, ପି. ମଙ୍ଗୁଳିଆ ସିଂ, |
| | ୧୭୨୬/୨୮୫୨ | ୪.୪୪ | ୦.୯୦ | ଶାରଦ ତିନି | ବାମଡା ସିଂ, ପି. ମଦନ ସିଂ, ଜା. ଭୂମିଜ, ବା. ଅଙ୍ଗାରିଆ |
| | ୧୭୨୬/୨୮୫୩ | ୧.୨୧ | ୦.୨୬ | ଶାରଦ ତିନି | |
| | ୧୭୨୬/୨୮୫୪ | ୧.୩୭ | ୦.୧୮ | ଶାରଦ ତିନି | |
| | ୧୭୨୬/୨୮୫୫ | ୧.୪୦ | ୦.୦୭ | ଶାରଦ ତିନି | |
| ୩୩୭ | ୨୭୮ | ୧.୨୧ | ୦.୦୮ | ଶାରଦ ଦୁଇ | ବାଞ୍ଛାନିଧି ମହାନ୍ତି, ସୁରେନ୍ଦ୍ର ମହାନ୍ତି, ପି. ଗଙ୍ଗାଧର ମହାନ୍ତ, ଜା. ଖଣ୍ଡାୟତ, ବା. ନିଜଗାଁ |
| | ୧୦୧୭ | ୦.୭୩ | ୦.୦୮ | ଶାରଦ ଏକ | |
| ୩୫୧ | ୧୩୫୦ | ୦.୩୫ | ୦.୩୫ | ଶାରଦ ତିନି | ବିଶ୍ୱମ୍ଭର ମହାନ୍ତ, ପି. ରୂପା ମହାନ୍ତି, ଜା. କୁଡୁମି କ୍ଷେତ୍ରୀୟ, ବା. ନିଜଗାଁ |
| ୩୭୫ | ୨୫୮ | ୦.୭୬ | ୦.୨୨ | ଶାରଦ ଦୁଇ | ରତିକାନ୍ତ ମହାନ୍ତ, ଗଙ୍ଗାଧର ମହାନ୍ତ, ପି. ଭକ୍ତା ମହାନ୍ତ, |
| | | | | | ଜା. କୁଡୁମି, ବା. ପୁରୁଣିଆ ସାମିଲ ହରିପୁର |
| ୩୮୨ | ୩୮ | ୦.୩୭ | ୦.୨୪ | ଶାରଦ ତିନି | ଭାଗୀରଥି ମହାନ୍ତ, ପି. ଚୂନକା ମହାନ୍ତ, ଜା. କୁଡୁମି କ୍ଷେତ୍ରୀୟ. ବା. ନିଜଗାଁ |
| | ୩୮/୨୭୦୨ | ୦.୩୦ | ୦.୧୫ | ଶାରଦ ତିନି | |
| ୩୮୭ | ୧୧୧୧ | ୦.୫୭ | ୦.୧୧ | ଶାରଦ ତିନି | ଭାବଗ୍ରାହୀ ପଣ୍ଡା, ପି.କାଳୀ ଚରଣ ବଣ୍ଡା, ଜା. ବ୍ରାହ୍ମଣ, ବା. ନିଜଗାଁ |
| ୩୮୮ | ୧୨୪୮/୨୮୧୫ | ୦.୨୦ | ୦.୦୮ | ଶାରଦ ତିନି | ଭାବଗ୍ରାହୀ ପଣ୍ଡା, ପି. ଶର୍ଙ୍କର୍ଷଣ ପଣ୍ଡା, ଜା. ବ୍ରାହ୍ମଣ, ବା. ନିଜଗାଁ |
| ୩୯୦ | ୧୬୦୦ | ୧.୪୨ | ୦.୧୮ | ଶାରଦ ତିନି | ଭିକାରି ସିଂହ, ବୈଷ୍ଣବ ସିଂହ, ବାବାଜି ସିଂହ, ପି. ସାହେବ ସିଂହ, |
| | | | | | ଜା. ରାଜପୁତ, ବା. ନିଜଗାଁ |
| ୪୦୧ | ୬୨ | ୦.୪୫ | ୦.୧୭ | ଶାରଦ ତିନି | ମଙ୍ଗୁଳିଆ ସିଂ, ପି. ସୁଦୁରା ସିଂ, ଜା. ଭୂମିଜ, ବା. ନିଜଗାଁ |
| ୪୦୭ | ୧୭୨୯ | ୦.୪୨ | ୦.୦୨ | ଶାରଦ ତିନି | ମଙ୍ଗୁଳିଆ ସିଂ, ପି. ସୁକୁରା ସିଂ, ଜା. ଭୂମିତ, ବା. ଅଙ୍ଗାରିଆ |
| ୪୦୮ | ୧୩୭୫ | ୦.୮୧ | ୦.୩୮ | ଶାରଦ ଦୁଇ | ମଗର ସିଂ, ପି. ହାଡିଆ ସିଂ, ମାଟିଆ ସିଂ, ପି. ମଦନା ସିଂ, ଲୋଚନ ସିଂ, |
| | ୧୯୭ | ୧.୬୦ | ୦.୪୦ | ଶାରଦ ତିନି | ପି. ପୁଟୁ ସିଂ, ଜା. ଭୂମିଜ, ବା. ନିଜ ଗାଁ |
| ୪୧୪ | ୨୮୯ | ୦.୬୩ | ୦.୩୦ | ଶାରଦ ଦୁଇ | ମଧୁସୂଦନ ହାଁସଦା, ପି. ଦାମା ହାଁସଦା, ଜା. ସାନ୍ତାଳ, ବା. ନିଜଗାଁ |
| | ୨୭୯ | ୧.୮୯ | ୦.୫୪ | ଶାରଦ ଦୁଇ | ମନୋରଞ୍ଜନ ସିଂହ, ପୀତାମ୍ବର ସିଂହ, ପି. ଚିନ୍ତାମଣି ସିଂହ, |
| | ୧୩୩୬ | ୦.୬୪ | ୦.୦୫ | ଶାରଦ ଦୁଇ | ଜା. କ୍ଷେତ୍ରୀୟ, ବା. ନିଜଗାଁ |
| ୪୨୮ | ୨୮୬ | ୦.୨୮ | ୦.୦୪ | ଶାରଦ ଦୁଇ | ମହେନ୍ଦ୍ର ସାହୁ, ପି. ଫକିର ସାହୁ, ଜା. କୁବେର, ବା. ବାଛୁରିପଡା |
| | ୨୮୭ | ୦.୩୬ | ୦.୨୦ | ଶାରଦ ଦୁଇ | |
| ୪୩୮ | ୧୦୪୪ | ୦.୭୫ | ୦.୦୬ | ଶାରଦ ଦୁଇ | ମହେଶ୍ୱର ଦାସ, ପି. ଚକ୍ର ଦାସ, ଜା. ଧୋବା, ବା. ନିଜଗାଁ |
| ୪୪୨ | ୧୧୦୮ | ୦.୫୩ | ୦.୧୨ | ଶାରଦ ତିନି | ମାଗୁଣି ମହାନ୍ତି, ପି. ବୃନ୍ଦାବନ ମହାନ୍ତ, ଜା. ଖଣ୍ଡାୟତ, ବା. ନିଜଗାଁ |
| | ୧୨୪୮/୨୮୧୪ | ୦.୫୩ | ବ୦.୦୧ | ଶାରଦ ତିନି | |
| ୪୪୩ | ୧୨୮୨/୨୮୧୬ | ୦.୭୬ | ୦.୦୨ | ଶାରଦ ତିନି | |
| ୪୪୫ | ୨୩୧ | ୧.୦୫ | ୦.୦୨ | ଶାରଦ ଦୁଇ | ମାଘୁଆ ସିଂ. ପି. ରଟେଇ ସିଂ, ଜା. ଭୂମିଜ, ବା. ନିଜଗାଁ |
| ୪୪୮ | ୧୭୧୯ | ୦.୬୮ | ୦.୧୧ | ଶାରଦ ତିନି | ମାୟା ମାଝୀ, ସ୍ୱା. ମିର୍ଜା ମାଝୀ, ଜା. ସାନ୍ତାଳ, ବା. ଅଙ୍ଗାରିଆ |
| | ୧୭୨୧/୨୫୬୭ | ୦.୯୪ | ୦.୫୪ | ଶାରଦ ତିନି | |
| | ୪୨ | ୦.୨୧ | ୦.୦୬ | ଶାରଦ ତିନି | |
| ୪୫୬ | ୪୩ | ୦.୦୬ | ୦.୦୪ | ଶାରଦ ତିନି | ମୀନକେତନ ସାହୁ, ପଦ୍ମଲୋଚନ ସାହୁ, ସୁବଶିନୀ ସାହୁ, ସେବମଣି ସାହୁ, ପି. ଭଗବାନ ସାହୁ, |
| | | | | | ଜା. କୁବେର, ବା. ନିଜଗାଁ, ସୁଶୀଳା ମଣି ସାହୁ, ପି. ଭଗବାନ ସାହୁ, ଜା. କୁବେର, |
| | | | | | ଚାଷିପଡା, ଥା. ବସ୍ତା, ସରସ୍ୱତୀ ସାହୁ, ପି. ଭଗବାନ ସାହୁ, ଜା. କୁବେର, ବା. ଛାନୁଆ, |
| | | | | | ଥା. ବାଲେଶ୍ୱର. ଜି. ବାଲେଶ୍ୱର, ଉଷାମଣି ସାହୁ, ପି. ଭଗବାନ ସାହୁ, ଜା. କୁବେର, |
| | | | | | ବା. ବଳଦିଆ , ଥା. ମରୁଡା, ପଦ୍ମାମଣି ସାହୁ, ସ୍ୱା. ଭଗବାନ ସାହୁ, ଜା. କୁବେର, |
| | | | | | ବା. ନିଜଗାଁ, ଗୋବିନ୍ଦ ସାହୁ, ପି. ନନ୍ଦ କିଶୋର ସାହୁ, ଜା. କୁବେର. ବା. କଲ୍ୟାଣୀପୁର, |
| | | | | | ଥା. ବାଲେଶ୍ୱର, ଜି. ବାଲେଶ୍ୱର |
| ୪୬୯ | ୧୯୫ | ୦.୧୭ | ୦.୦୯ | ଘରବାରି | ରଘୁ ସିଂ, ଜାରକା ସିଂ, ଶନିଆ ସିଂ, ପି. ଗୁଣଡୁରା ସିଂ, ବାଦାମ ସିଂ, |
| | ୧୯୬ | ୧.୦୦ | ୦.୩୮ | ଶାରଦ ତିନି | ପି. ରାବଣ ସିଂ, ଜା. ଭୂମିଜ, ବା. ନିଜଗାଁ |
| ୪୭୨ | ୧୦୭୫ | ୦.୪୮ | ୦.୦୧ | ଶାରଦ ତିନି | ସାନ ରଘୁନାଥ ମହାନ୍ତ, ପି. ଶ୍ରୀଧର ମହାନ୍ତ, ଜା. କୁଡୁମି, ବା. ଭୁରୁକୁଣ୍ଡି |
| ୪୮୨ | ୧୯୯ | ୧.୯୫ | ୦.୪୪ | ଶାରଦ ତିନି | ରମେଶ ସିଂ, ଯଗେଶ୍ୱର ସିଂ, ରାମେଶ୍ୱର ସିଂ, ପି. ଚୈତା ସିଂ, ରାଙ୍କି ସିଂ, |
| ୪୮୮ | ୧୬୭୯ | ୦.୯୬ | ୦.୩୧ | ଶାରଦ ତିନି | ରବୀନ୍ଦ୍ର ମହାନ୍ତି, ଅନନ୍ତ ମହାନ୍ତି, ଜା. ଲକ୍ଷ୍ମୀ ନାରାୟଣ ଗୋଲା, ବା. ଟୀକାଏତପୁର |
| ୪୯୧ | ୧୬୭୯/୨୮୪୦ | ୦.୦୯ | ୦.୦୧ | ଶାରଦ ତିନି | ରତ୍ନାକର ମହାନ୍ତି, ପ୍ରଭାକର ମହାନ୍ତି, ପି. ମହନ ମହାନ୍ତ, ଜା. ଖଣ୍ଡାୟତ, ବା. ଟିକାଏତପୁର |
| ୫୦୯ | ୬୪ | ୧.୦୫ | ୦.୩୨ | ଶାରଦ ତିନି | ରାଧା ମାଝୀ, ପି. ଦାସ ମାଝୀ, ଜା. ସାନ୍ତାଳ, ବା. ନିଜଗାଁ |
| ୫୧୦ | ୧୦ | ୧.୯୦ | ୦.୬୦ | ଶାରଦ ଦୁଇ | ରାଧା ମାଝୀ, ରୋହିଆ ମାଝୀ, ବାଇଧର ମାଝୀ, ପି. ଦାସ ମାଝୀ, |
| | | | | | ଜା. ସାନ୍ତାଳ, ବା. ନିଜଗାଁ |
| ୫୧୬ | ୪୩୧ | ୦.୨୪ | ୦.୨୦ | ଶାରଦ ତିନି | ରାଧା ମୋହନ ସେଠୀ, ପି. ଯୁଧିଷ୍ଠିର ସେଠୀ, ଜା. ରଜକ, ବା. ପିଞ୍ଛାବଣିଆ |
| ୫୨୭ | ୧୭୨୯/୨୮୪୯ | ୦.୩୩ | ୦.୧୧ | ଶାରଦ ତିନି | ରୋହିଆ ସିଂ, ପି. ଶୁକୁରା ସିଂ, ଜା. ଭୂମିଜ, ବା. ନିଜଗାଁ |
| ୫୩୪ | ୩୭ | ୦.୨୯ | ୦.୧୭ | ଶାରଦ ତିନି | ଲକ୍ଷ୍ମଣ ମାଝୀ, ପି. ବୁଢ଼ଣ ମାଝୀ, ଜା. ସାନ୍ତାଳ, ବା. ଡାଉରୁବିଲ |
| | ୩୯ | ୧.୫୮ | ୦.୬୨ | ଶାରଦ ତିନି | |
| ୫୪୮ | ୨୩୬ | ୦.୫୪ | ୦.୦୩ | ଶାରଦ ଦୁଇ | ଲୋଚନ ସିଂ, ପି. ପୁଟୁ ସିଂ, ଜା. ଭୂମିଜ, ବା. ନିଜଗାଁ |
| ୫୭୪ | ୨୩୭ | ୦.୪୭ | ୦.୪୭ | ଶାରଦ ତିନି | ସମ୍ଭୁଆ ମହାନ୍ତ, ପି. ଲକ୍ଷ୍ମୀରାମ ମହାନ୍ତ, ଜା. କୁଡୁମିକ୍ଷତ୍ରିୟ, ବା. ନିଜଗାଁ |
| | ୩୨୮ | ୦.୭୭ | ୦.୨୨ | ଶାରଦ ତିନି | |
| ୫୯୬ | ୧୨୪୬ | ୦.୧୪ | ୦.୧୪ | ଶାରଦ ତିନି | ଶାନ୍ତିଲତା ପଣ୍ଡା, ପି. ନିରଞ୍ଜନ ପଣ୍ଡା, ଜା. ବ୍ରାହ୍ମଣ, ବା. ନିଜଗାଁ |
| ୫୯୭ | ୧୨୮୩ | ୦.୯୮ | ୦.୧୨ | ଶାରଦ ତିନି | ସାବିତ୍ରୀ ପାଢ଼ୀ, ପି. ପଦ୍ମଲୋଚନ ପାଢ଼ୀ, ଜା. ବ୍ରାହ୍ମଣ, ବା. ନିଜଗାଁ |
| | ୧୨୮୯ | ୦.୫୨ | ୦.୨୭ | ଶାରଦ ତିନି | |
| ୬୧୬ | ୨୯୧ | ୧.୦୩ | ୦.୩୦ | ଶାରଦ ଦୁଇ | ଶ୍ରୀକାନ୍ତ ମହାନ୍ତ, ପି. ଭକତୁ ମହାନ୍ତ, ଜା. କୁଡୁମି କ୍ଷେତ୍ରୀୟ, ବା. ନିଜଗାଁ |
| ୬୧୮ | ୧୪୩୫ | ୦.୪୪ | ୦.୧୨ | ଶାରଦ ତିନି | ଶ୍ରୀଧର ମହାନ୍ତ, ପି. ରଘୁନାଥ ମହାନ୍ତ, ଜା. କୁଡୁମି, ବା. ନିଜଗାଁ |
| ୬୧୯ | ୨୫୮/୨୭୧୧ | ୦.୬୪ | ୦.୧୫ | ଶାରଦ ଦୁଇ | ରତିକାନ୍ତ ମହାନ୍ତ, ଗଙ୍ଗାଧର ମହାନ୍ତ, ପି. ଭକ୍ତା ମହାନ୍ତ, ଜା. କୁଡୁମି, |
| | | | | | ବା. ପୁରୁଣିଆ (ହରିପୁର) |
| ୬୨୦ | ୧୪୪ | ୦.୬୫ | ୦.୦୬ | ଶାରଦ ଦୁଇ | ଶ୍ରୀଧର ମହାନ୍ତ, ପି. ରଘୁନାଥ ମହାନ୍ତ, ଫୁସକିଆ ମହାନ୍ତ, ସ୍ୱା. ରଘୁନାଥ ମହାନ୍ତ, |
| | | | | | ଜା. କୁଡୁମି, ବା. ନିଜଗାଁ |

| | | | | | |
|---|---|---|---|---|---|
| ୬୨୬ | ୧୨୯୦/୨୮୯୩ | ୦.୪୦ | ୦.୦୬ | ଶାରଦ ତିନି | ଶୁକୁରା ସିଂ, ପି. ଜେନା ସିଂ, ଜା. କୋହ୍ଲ, ବା. ନିଜଗାଁ |
| ୬୩୧ | ୧୯୦ | ୦.୯୪ | ୦.୧୫ | ଶାରଦ ତିନି | ସୁଦାମ ସିଂ, ଟିବିନ ସିଂ, ପୂର୍ଣ୍ଣ ସିଂ, ପି. ଗଣଶା ସିଂ, ବୁଣଟୁ ସିଂ, କାନ୍ଦରା ସିଂ, |
| | ୧୯୮ | ୧.୦୦ | ୦.୦୭ | ଶାରଦ ତିନି | ପି. ଦୁର୍ଗା ସିଂ, କଟି ସିଂ, ପି. ବାଇନ ସିଂ, ଜା.ଭୂମିଜ, ବା. ନିଜଗାଁ |
| ୬୩୯ | ୧୭୪୩ | ୦.୭୪ | ୦.୦୩ | ଶାରଦ ତିନି | ଶୁବୁଦା ମାଝୀ, ପି. ଚିନ୍ତା ମାଝୀ, ଜା. ସାନ୍ତାଳ, ବା. ଅଙ୍ଗାରିଆ |
| ୬୫୪ | ୨୩୫ | ୦.୫୨ | ୦.୧୮ | ଶାରଦ ଦୁଇ | ସୁଲୋଚନା ମହାନ୍ତ, ସ୍ୱା. ସାଇବା ମହାନ୍ତ, ରହନୀ ମହାନ୍ତ, ଶ୍ରୀମତୀ ମହାନ୍ତ, ନଳିତା ମହାନ୍ତି, ପି. ସାଇବା ମହାନ୍ତ, ଜା. କୁଡୁମି, ବା. ନିଜଗାଁ |
| ୬୫୫ | ୧୪୮ | ୦.୪୩ | ୦.୦୫ | ଶାରଦ ଦୁଇ | ସୁଲୋଚନା ମହାନ୍ତ, ସ୍ୱା. ସାଇବା ମହାନ୍ତ, ରହନୀ ମହାନ୍ତ, ଶ୍ରୀମତୀ ମହାନ୍ତ, ନଳିତା ମହାନ୍ତି, ପି. ସାଇବା ମହାନ୍ତ, ଜା. କୁଡୁମି, ବା. ନିଜଗାଁ |
| ୬୬୨ | ୨୮୧ | ୦.୬୦ | ୦.୩୧ | ଶାରଦ ଦୁଇ | ସୋମନାଥ ମହାନ୍ତ, ପୂର୍ଣ୍ଣଚନ୍ଦ୍ର ମହାନ୍ତ, ପି.ଆକୁଳି ମହାନ୍ତ, ଜା. କୁଡୁମି କ୍ଷେତ୍ରୀୟ, ବା. ନିଜଗାଁ |
| ୬୬୪ | ୧୭୧୭ | ୦.୬୭ | ୦.୧୩ | ଶାରଦ ଦୁଇ | ସୋମନାଥ ମହାନ୍ତ, ପୂର୍ଣ୍ଣଚନ୍ଦ୍ର ମହାନ୍ତ, ପି. ଆକୁଳି ମହାନ୍ତ, ଛୁଟୁ ମହାନ୍ତ, ସ୍ୱା-ଆକୁଳି ମହାନ୍ତ, ନକୁଳ ମହାନ୍ତ, ସହଦେବ ମହାନ୍ତ, ପି. ଅର୍ଜୁନ ମହାନ୍ତ, ଜା. କୁଡୁମି, ବା. ନିଜଗାଁ |
| ୬୭୨ | ୧୪୭ | ୦.୬୭ | ୦.୦୫ | ଶାରଦ ତିନି | ହରିଶଚନ୍ଦ୍ର ମହାନ୍ତ, ରାମଚନ୍ଦ୍ର ମହାନ୍ତ, କୃଷ୍ଣଚନ୍ଦ୍ର ମହାନ୍ତ, ପ୍ରମିଳା ମହାନ୍ତ, ଉର୍ମିଳା ମହାନ୍ତ, ପି.ଗଣେଶ୍ୱର ମହାନ୍ତ, ସରସ୍ୱତୀ ମହାନ୍ତ, ସ୍ୱା ଗଣେଶ୍ୱର ମହାନ୍ତ, ଜା.କୁଡୁମୀ, ବା. ନିଜଗାଁ |
| | ୫ | ୧.୨୭ | ୦.୪୪ | ଶାରଦ ତିନି | ହାଦୀ ମାଝି, ସ୍ୱା.ଭାଲୁ ମାଝି, ଝାନୁ ମାଝି, ମାଙ୍ଗା ମାଝି, |
| ୬୮୩ | ୯ | ୦.୩୫ | .୧୬ | ଶାରଦ ଦୁଇ | ପି. ଭାଲୁ ମାଝି, କୁଆଁର ମାଝି, ନିମାଇ ମାଝି, |
| | ୪୭ | ୧.୬୦ | ୦.୧୫ | ଶାରଦ ତିନି | ଭାଞ୍ଜ ମାଝି, ପି.ଚିନ୍ତାମଣି ମାଝି, ଜା ସାନ୍ତାଳ ବା ନିଜଗାଁ |
| ୬୮୯ | ୬୩ | ୦.୮୯ | ୦.୨୮ | ଶାରଦ ତିନି | ହେମ ବିନ୍ଧାଣି, ଗୁରୁବାରି ବିନ୍ଧାଣି, ପି.ରଥିଆ ବିନ୍ଧାଣି, ପି.ଚିନ୍ତାମଣି ମାଝି, ଜା. ସାନ୍ତାଳ, ବା. ନିଜ ଗାଁ |
| ୬୯୨ | ୨୫୨ | ୦.୫୪ | ୦.୦୫ | ଶାରଦ ତିନି | ହେଟ ସିଂ, କଟି ସିଂ, ଗୁରୁଭା ସିଂ, ପି.ବିନ ସିଂ, ଜା. ଭୂମିଜ, ବା. ନିଜଗାଁ |
| ୬୯୨/୧୦ | ୨୪୦୭/୨୯୧୨ | ୨.୦୦ | ୦.୨୦ | ଶାରଦ ତିନି | ବୁଲା ମାଝି, ପି.ବିଶ୍ୱନାଥ ମାଝି, ବା ନିଜଗାଁ |
| ୬୯୨/୨୩ | ୨୪୦୨ | ୧.୧୭ | ୦.୧୪ | ଶାରଦ ତିନି | କୁଶାଳ ମାଝି, ପି.ଖେଳା ମାଝୀ, ଜା. ସାନ୍ତାଳ. ବା. ପୁରୁଣାପାଣି, ସାମିଲ କେସରା ସାହି |
| ୬୯୨/୭୬ | ୧୬୭୯/୨୮୪୦/୨୯୬୭ | ୦.୬୯ | ୦.୩୫ | ଶାରଦ ତିନି | ଅନନ୍ତ ମହାନ୍ତି, ପି. ଭାଗବତ ମହାନ୍ତି, ଜା ଲକ୍ଷ୍ମୀନାରାୟଣ ଗୋଳା, ବା. ଟୀକାଏତପୁର |
| ୬୯୨/୮୦ | ୨୪୧୮/୨୬୬୪/୨୯୬୯ | ୦.୭୫ | ୦.୨୨ | ଆଶୁ | ବିଶ୍ୱନାଥ ମାଝି, ପି.ବୁଲା ମାଝି, ଜା. ସାନ୍ତାଳ ବା. ପୁରୁଣିଆ |
| ୬୯୨/୧୨୩ | ୧୬୬ | ୦.୩୫ | ୦.୧୭ | ଶାରଦ ଦୁଇ | ରବୀନ୍ଦ୍ର ସିଂ, ପି. ଫାଦରୁ ସିଂ, ଜା. ଭୂମିଜ, ବା. ପୁରୁଣିଆ |
| ୬୯୨/୧୨୭ | ୧୫୩/୨୩୬୮/୩୦୧୯ | ୦.୩୫ | ୦.୧୩ | ଶାରଦ ଦୁଇ | ମଙ୍ଗଳ ଚରଣ ଟୁଡୁ, ମନୋରଞ୍ଜନ ଟୁଡୁ, ପି.ପାଣ୍ଡୁ ଚରଣ ଟୁଡୁ, ଜା ସାନ୍ତାଳ, ବା. ପୁରୁଣିଆ |
| ୬୯୨/୧୩୧ | ୧୭୩୮ | ୧.୮୦ | ୦.୧୮ | ଶାରଦ ତିନି | ଦୁଖୀରାମ ସିଂ, ପି.ଅର୍ଜୁନ ସିଂ, ଜା. ଭୂମିଜା, ବା. ନିଜଗାଁ |
| | ୨୪୦୦ | ୧.୨୪ | ୦.୦୫ | ଶାରଦ ତିନି | ମଦନା ବତୀ ଦାସ. ସ୍ୱା.ଅଚ୍ୟୁତାନନ୍ଦ ଦାସ, ଜା. |
| ୬୯୨/୧୩୩ | ୨୪୦୧/୩୦୦୩ | ୦.୧୨ | ୦.୦୫ | ଶାରଦ ତିନି | ଖଣ୍ଡାୟତ, ବା. ପୁରୁଣିଆ |
| ୬୯୨/୧୩୪ | ୧୭୩୦ | ୦.୩୨ | ୦.୧୫ | ଶାରଦ ତିନି | ଯଦୁନାଥ ସିଂ, ପି. ବୁଧୁରାମ ସିଂ, ଜା ତାମୁଡିଆ, ବା. ପୁରୁଣିଆ |
| ୬୯୨/୨୮୨ | ୧୯୪ | ୦.୨୪ | ୦.୧୪ | ଶାରଦ ତିନି | ରବୀନ୍ଦ୍ର ସିଂ ନାବାଳକ ଗାର୍ଜନ, ପି. ଲୋଚନ ସିଂ, |
| | ୧୭୭ | ୦.୭୦ | ୦.୦୮ | ଶାରଦ ଦୁଇ | ଜା. ଭୂମିଜ, ବା. ପୁରୁଣିଆ |
| ୬୯୨/୩୧୧ | ୧୯୪/୩୧୬୯ | ୦.୨୯ | ୦.୧୨ | ଶାରଦ ତିନି | ସୁଦାମ ସିଂ, ଟିପିନ ସିଂ. ପୂର୍ଣ୍ଣଚନ୍ଦ୍ର ସିଂ. ପି.ଗଣଶା ସିଂ, ଜା. ଭୂମିଜ, ବା. ନିଜଗାଁ |
| ୬୯୨/୩୨୫ | ୨୯୪/୨୭୧୮ | ୦.୩୮ | ୦.୧୩ | ଶାରଦ ଦୁଇ | ଗଙ୍ଗାଧର ମହାନ୍ତ, ପି. ଭକ୍ତ ମହାନ୍ତ, ଜା. କୁର୍ମି |
| | ୨୯୪/୨୭୧୯ | ୦.୨୭ | ୦.୧୨ | ଶାରଦ ଦୁଇ | କ୍ଷତ୍ରିୟ, ବା ନିଜଗାଁ |
| ୬୯୨/୩୩୭ | ୧୬୫ | ୧.୩୫ | ୦.୦୮ | ଶାରଦ ଦୁଇ | ଭକ୍ତୁ ମହାନ୍ତ, ପି. କାଶୀନାଥ ମହାନ୍ତ, ଜା. କୁଡୁମି, ବା. ନିଜଗାଁ |
| ୬୯୨/୩୫୭ | ୧୩୬/୩୨୧୧ | ୦.୩୫ | ୦.୦୫ | ଶାରଦ ଦୁଇ | ରୂପା ମହାନ୍ତ, ପି. କାଶିନାଥ ମହାନ୍ତ, ଜା. କୁଡୁମି, କ୍ଷେତ୍ରିୟ ବା ପୁରୁଣିଆ |
| ୬୯୨/୪୭୫ | ୨୩୪ | ୧.୦୦ | ୦.୧୮ | ଶାରଦ ଦୁଇ | ହରିଶଚନ୍ଦ୍ର ମହାନ୍ତ, ପି.ଗୌର ମୋହନ ମହାନ୍ତ, ଜା.କୁଡୁମୀ କ୍ଷତ୍ରିୟ, ବା ନିଜଗାଁ |
| ୬୯୨/୫୩୮ | ୩୨୯ | ୦.୮୭ | ୦.୩୦ | ଶାରଦ ତିନି | ଅରବିନ୍ଦ ଦାସ, ଅମରେନ୍ଦ୍ର ଦାସ, ପି.ଉପେନ୍ଦ୍ର ଦାସ, ଜା. ଖଣ୍ଡାୟତ ବା ପୁରୁଣିଆ |
| ୬୯୨/୫୭୭ | ୨୮୫ | ୦.୫୪ | ୦.୦୨ | ଶାରଦ ଦୁଇ | ସହଜ ମହାନ୍ତ, ପି. ମହେଶ୍ୱର ମହାନ୍ତ, ଜା. କୁଡୁମୀ, |
| | ୩୦୫/୩୪୧୩ | ୦.୧୭ | ୦.୦୧ | ଶାରଦ ଦୁଇ | ବା ପୁରୁଣିଆ, ସାମିଲ ହରିପୁର |
| ୬୯୨/୫୯୫ | ୩୩୮ | ୧.୩୫ | ୦.୫୦ | ଶାରଦ ତିନି | ଦୁର୍ଯ୍ୟୋଧନ ଦାସ, ପି. ନରେନ୍ଦ୍ର ଦାସ, ଜା. ଧୋବା, ବା. ପୁରୁଣିଆ |
| ୬୯୨/୫୯୭ | ୩୪୨/୩୪୩୦ | ୦.୩୫. | ୦.୧୮ | ଶାରଦ ତିନି | ମଧୁସୂଦନ ଦାସ, ପି.ନରେନ୍ଦ୍ର ଦାସ, ଜା. ଧୋବା, ବା. ପୁରୁଣିଆ |
| ୬୯୨/୬୨୬ | ୧୨୫୦ | ୦.୨୬ | ୦.୨୬ | ଶାରଦ ଦୁଇ | ପ୍ରଶାନ୍ତ କୁମାର ଦାସ, ସୁମନ୍ତ କୁମାର ଦାସ, ପି.ପୂର୍ଣ୍ଣଚନ୍ଦ୍ର ଦାସ, ଜା.କ୍ଷତ୍ରିୟ, ବା ପୁରୁଣିଆ |
| ୬୯୨/୬୫୩ | ୨୫୪/୩୪୮୭ | ୦.୫୦ | ୦.୦୮ | ଶାରଦ ଦୁଇ | ଲକ୍ଷ୍ମୀଧର ମହାନ୍ତ, ପି.ଗୌର ମୋହନ ମହାନ୍ତ, ଜା.କୁଡୁମୀ, ବା. ପୁରୁଣିଆ |
| ୬୯୨/୬୭୨ | ୨୫୪/୩୫୦୩ | ୦.୫୦ | ୦.୦୯ | ଶାରଦ ଦୁଇ | ହରିଶଚନ୍ଦ୍ର ମହାନ୍ତ, ପି. ଗୌର ମୋହନ ମହାନ୍ତ, ଜା. କୁଡୁମୀ, ବା. ନିଜଗାଁ |
| ୬୯୨/୭୦୩ | ୧୦୩୫/୩୫୩୧ | ୦.୫୫ | ୦.୦୪ | ଶାରଦ ଦୁଇ | ପଙ୍କଜ ନାରାୟଣ ଦେଓବାବୁ, ପି.ଜୟନାରାୟଣ, ଦେଓବାବୁ, ଜା.କ୍ଷତ୍ରିୟ, ବା ପୁରୁଣିଆ |
| ୬୯୨/୭୩୬ | ୧୨୯୦/୨୮୯୪/୩୫୫୬ | ୦.୩୨ | ୦.୦୧ | ଶାରଦ ଅଣ ଜଳସେଚିତ ତିନି | ଲକ୍ଷ୍ମୀମଣି ସିଂ, ସ୍ୱା.ଚଗଲା ସିଂ, ଜା. ମୁଣ୍ଡା, ବା କାଠଗୋଛି, ଥା. ନିଳଗିରି, ଜି. ବାଲେଶ୍ୱର |
| ୬୯୨/୭୭୪ | ୨୪୨ | ୦.୭୯ | ୦.୫୦ | ଶାରଦ ତିନି | ଘନଶ୍ୟାମ ସିଂ, ପି.ଗଦା ସିଂ, ଜା. ଭୂମିଜ, ବା. ପୁରୁଣିଆ ସାମିଲ ହରିପୁର |
| ୬୯୨/୭୮୨ | ୧୨୮୮/୩୫୯୫ | ୦.୬୨ | ୦.୦୪ | ଶାରଦ ଦୁଇ | ଲମ୍ବୋଦର ଧଳ, ସୃଷ୍ଟିଧର ଧଳ, ପି.ଦାମୋଦର ଧଳ, ଜା. ଧୋବା, ବା. ନିଜଗାଁ |
| ୬୯୨/୬୯୨ | ୧୪୬୮ | ୧.୩୬ | ୦.୧୫ | ଶାରଦ ତିନି | କୈଳାଶ ଚନ୍ଦ୍ର ମହାନ୍ତ, ଲକ୍ଷ୍ମୀଧର ମହାନ୍ତ, ପି.ଦୁର୍ଯ୍ୟୋଧନ ମହାନ୍ତ, ଜା. କୁଡୁମୀ, ବା ନିଜଗାଁ |
| ୬୯୨/୭୮୫ | ୧୩୭୫/୩୫୯୮ | ୦.୨୫ | ୦.୦୬ | ଶାରଦ ଦୁଇ | ବୃନ୍ଦାବନ ସିଂ, ପି.ଅନନ୍ତ ସିଂ, ଜା. ଭୂମିଜ ବା ନିଜଗାଁ |
| ୬୯୨/୮୦୪ | ୨୪୧ | ୦.୩୮ | ୦.୨୪ | ଶାରଦ ଦୁଇ | ହରିଶଚନ୍ଦ୍ର ମହାନ୍ତ, ପି.ଗୌର ମୋହନ ମହାନ୍ତ, ଜା. କୁର୍ମି କ୍ଷତ୍ରିୟ, ବା. ନିଜଗାଁ |
| ୬୯୨/୮୧୮ | ୧୨୮୮/୩୬୨୪ | ୦.୩୧ | ୦.୦୮ | ଶାରଦ ଦୁଇ | ସୃଷ୍ଟିଧର ଧଳ, ପି.ଦାମୋଦର ଧଳ, ଜା. ଧୋବା, ବା ନିଜଗାଁ |
| ୬୯୨/୮୨୦ | ୧୭୧୮ | ୧.୨୯ | ୦.୩୫ | ଶାରଦ ତିନି | ନିରଞ୍ଜନ ମହାନ୍ତ, ପି. ଗୋକୁଳ ମହାନ୍ତ, ଜା. କୁଡୁମୀ, ବା. ନିଜଗାଁ |
| ୬୯୨/୮୪୦ | ୨୫୧/୩୬୪୧ | ୦.୩୫ | ୦.୦୫ | ଶାରଦ ତିନି | ସୁଦର୍ଶନ ସିଂ ପି. କଳା ସିଂ, ଜା. ଭୂମିଜ, ବା ନଜଗାଁ |
| ୬୯୨/୮୫୮ | ୧୭୮ | ୧.୦୩ | ୦.୦୧ | ଶାରଦ ତିନି | ବୃନ୍ଦାବନ ସିଂ, ପି.ଅନନ୍ତ ସିଂ. ଜା. ଭୂମିଜ, ବା. ପୁରୁଣିଆ, ସାମିଲ, ହରିପୁର |
| ୬୯୨/୮୭୮ | ୧୬୩୮/୩୬୭୩ | ୦.୮୭ | ୦.୪୩ | ଶାରଦ ତିନି | ସୁରେନ୍ଦ୍ର ମହାନ୍ତ, ପି. ଅନୁକୁଳ ମହାନ୍ତ, ଜା. |
| | ୧୬୮୦/୨୯୦୩/୩୬୭୭ | ୦.୬୫ | ୦.୧୦ | ଶାରଦ ତିନି | କୁଡୁମି, କ୍ଷତ୍ରିୟ, ବା. ନିଜଗାଁ |
| ୬୯୨/୮୭୯ | ୧୬୩୮ | ୦.୮୭ | ୦.୨୩ | ଶାରଦ ତିନି | ପରେଶ ମହାନ୍ତ, ପି.ଅନୁକୁଳ ମହାନ୍ତ, ଜା.କୁଡୁମି |
| | ୧୬୮୦/୨୯୦୩ | ୦.୬୫ | ୦.୦୨ | ଶାରଦ ତିନି | କ୍ଷତ୍ରିୟ ବା, ନିଜଗାଁ |
| ୬୯୨/୮୯୩ | ୧୭୧୩/୩୬୮୭ | ୦.୩୪ | ୦.୦୬ | ଶାରଦ ତିନି | ସୁବଳ କୁମାର ନାୟକ, ପି.ଧୀରେନ୍ଦ୍ର ନାୟକ, ପୂର୍ଣ୍ଣିମା ଜେନା, ସ୍ୱାଃ ସୁବଳ କୁମାର ନାୟକ ଜା. ଖଣ୍ଡାୟତ, ବା. ଅନନ୍ତପୁର, ଥା.ବାଲେଶ୍ୱର, ସଦର, ଜି. ବାଲେଶ୍ୱର |
| ୬୯୨/୮୯୯ | ୨୪୬/୩୬୮୩ | ୦.୬୯ | ୦.୦୩ | ଶାରଦ ଦୁଇ | ହରିଶ୍ଚନ୍ଦ୍ର ମହାନ୍ତ, ଲକ୍ଷ୍ମୀଧର ମହାନ୍ତ, ପି. ଗୌରମୋହନ ମହାନ୍ତ, ଜା.କୁଡୁମି, ବା. ନିଜଗାଁ |
| ୬୯୨/୯୦୩ | ୧୩୪୯/୩୭୨୨ | ୦.୦୯ | ୦.୦୨ | ଶାରଦ ତିନି | ରତିକାନ୍ତ ମହାନ୍ତ, ପି.ଦେଓ୍ୱାନ ମହାନ୍ତ, ଜା. କୁଡୁମି, ବା. ନିଜଗାଁ |
| ୬୯୨/୯୦୭ | ୧୩୪୯ | ୦.୦୯ | ୦.୦୯ | ଶାରଦ ତିନି | ପ୍ରଭାକର ମହାନ୍ତ, ପି.ଦେଓ୍ୱାନ ମହାନ୍ତ, ଜା. କୁଡୁମି, ବା.ପୁରୁଣିଆ (ହରିପୁର) |
| ୭୧୧ | ୨୧୧୩/୨ | ୧.୦୨ | ୦.୩୦ | ଘରବାରି | ବିଶ୍ୱନାଥ ସିଂ, ଶିବନାଥ ସିଂ, ପି.ଲାଲମୋହନ ସିଂ, ମଲ୍ଲି ସିଂ, ସ୍ୱା.ବିଶ୍ୱନାଥ ସିଂ, ସୁମତି ସିଂ, ସ୍ୱା.ଶିବନାଥ ସିଂ, ଜା. କୋହ୍ଲ, ବା ନିଜଗାଁ |
| ମୋଟ | ୧୯୬ ପ୍ଲଟ୍‌କୁ | ଏ. ୧୪୧.୯୫ ଜେ.ମି. | ଏ. ୩୪.୯୧ ଜେ.ମି. | | |

Sd/- AMIN Baripada Zone    Sd/- REV-INSPECTOR ZONE-1 BARIPADA    OIPR : 24001/14/0125/2425    Sd/- Zone Officer-cum-L.A. Collector S.I.P. Baripada Zone    Sd/- Spl. Land Acquisiton Officer S.I.P. Baripada

# କୋରମ ଅଭାବରୁ ଅନାସ୍ଥା ଠପ୍

ସାଲେପୁର, (ସବ୍ୟୁ) :ଆବଶ୍ୟକୀୟ ୱାର୍ଡ ସଭ୍ୟ ନଥିବାରୁ ହୋଇ ପାରିଲା ନାହିଁ ସରପଞ୍ଚଙ୍କ ବିରୁଦ୍ଧରେ ଅନାସ୍ଥା । ସୂଚନା ମୁତାବକ ସାଲେପୁର ବ୍ଲକ ନଇଗୁଆଁ ପଞ୍ଚାୟତ ସରପଞ୍ଚଙ୍କ ବିରୁଦ୍ଧରେ ଅନାସ୍ଥା ପ୍ରସ୍ତାବ ଆଗତ ପାଇଁ କଟକ ଉପଜିଲ୍ଲାପାଳ ଙ୍କ କାର୍ଯ୍ୟାଳୟରେ ନଇଗୁଆଁ ପଞ୍ଚାୟତର କିଛି ୱାର୍ଡ ସଭ୍ୟ ଆବେଦନ କରିଥିଲେ । ତଦନୁଯାୟୀ ଆଜି ନଇଗୁଆଁ ପଞ୍ଚାୟତ କାର୍ଯ୍ୟାଳୟରେ ନିର୍ବାଚନ ଅଧିକାରୀ ରୁପେ ଟାଙ୍ଗୀ ଚୌଦ୍ୱାର ତହସିଲଦାର ପ୍ରଜ୍ଞାନନ୍ଦ ଦାସ ପହଞ୍ଚି ଭୋଟ ଗ୍ରହଣ ପାଇଁ ପହଞ୍ଚି ଥିଲେ । ଓଡ଼ିଶା ଗ୍ରାପପଞ୍ଚାୟତ ଆଇନ ୧୯୬୪ ଧାରା ୨୪(କ୍ସ)ଅନୁଯାୟୀ ଅନାସ୍ଥା ପ୍ରସ୍ତାବ ଆଗତ ପାଇଁ ସମୁଦାୟ ସଭ୍ୟର ଦୁଇ ତୃତୀୟାଂଶ ସଭ୍ୟସଭ୍ୟା ଉପସ୍ଥିତ ହେଲେ କୋରମ ହେବାର ନିୟମ ଅଛି । ନଇଗୁଆଁ ପଞ୍ଚାୟତରେ ୧୩ ଜଣ ୱାର୍ଡ ସଭ୍ୟ ଓ ସରପଞ୍ଚଙ୍କୁ ମିଶାଇ ୧୪ଜଣ ଅଛନ୍ତି । ଏହାର ଦୁଇ ତୃତୀୟାଂଶ ୯ଜଣଙ୍କର ଆବଶ୍ୟକ ଥିବା ବେଳେ କିନ୍ତୁ ଆଜି ୬ ଜଣ ୱାର୍ଡ ସଭ୍ୟସଭ୍ୟା ଉପସ୍ଥିତ ଥିବାରୁ କୋରମ ହୋଇପାରିଲା ନାହିଁ । ସେଥିପାଇଁ ନଇ ଗୁଆଁ ପଞ୍ଚାୟତର ସରପଞ୍ଚ ଭାବେ ପ୍ରିୟଦର୍ଶିନୀ ମଲ୍ଲିକ ବଳବତ୍ତର ରହିଲେ । ଅନାସ୍ଥା ହେବାକୁ ଥିବାରୁ କାଳେ କୌଣସି ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହେବ ସେଥିପାଇଁ ସାଲେପୁର ଥାନା ଆଇଆଇସି ମନୋଜ ସ୍ୱାଇଁ ପୋଲିସ ଟିମ ସହିତ ଉପସ୍ଥିତ ଥିଲେ ।

# ୪ବଖରା ଜଳିଗଲା, ଲକ୍ଷାଧିକ ଟଙ୍କାର ସମ୍ପତ୍ତି ପାଉଁଶ



ଡେରାବିଶ , (ସବ୍ୟୁ) : ଡେରାବିଶ ବ୍ଲକ ଚାନ୍ଦୋଳ ପଂଚାୟତ ଭଣଗାଁ ଗ୍ରାମରେ ଏକ ଭୟାବହ ଅଗ୍ନିକାଣ୍ଡ ଘଟି ୪ବଖରା ଛପରଘର ଜଳିଯାଇଥିବାବେଳେ ଲକ୍ଷାଧିକ ଟଙ୍କାର ସମ୍ପତି ପୋଡି ପାଉଁଶ ହୋଇଯାଇଛି । ସୂଚନାରୁ ପ୍ରକାଶ ଯେ ମଙ୍ଗଳବାର ବିଳମ୍ବିତ ରାତ୍ରୀରେ ହଠାତ୍ ଗ୍ରାମର ଅଜୟ କୁମାର ଜେନାଙ୍କ ଘର ଜଳିବାକୁ ଲାଗିଥିଲା । ଚାହୁଁ ଚାହୁଁ ୪ବଖରା ଛପର ଘର ଜଳିଯାଇଥିଲା । ବିଳମ୍ବିତ ରାତି ଓ ଆକସ୍ମିକ ଭାବେ ଏହି ଅଗ୍ନିକାଣ୍ଡ ଘଟିଥିବାରୁ ଘରୁ କୌଣସି ଆସବାବ ପତ୍ର ଉଦ୍ଧାର କରିବା ସମ୍ଭବପର ହୋଇନଥିଲା । କେବଳ ପିନ୍ଧାବସ୍ତ୍ର ସମେତ ବିପନ୍ନ ପରିବାର ଅଗ୍ନିକାଣ୍ଡରେ ସର୍ବସ୍ୱ ହରାଇଛନ୍ତି । ଖବରପାଇ ଡେରାବିଶ ଓ ନିଶ୍ଚିନ୍ତକୋଇଲି ଅଗ୍ନିଶମ ବିଭାଗର ୨ଗୋଟି ଗାଡି ଘଟଣା ସ୍ଥଳରେ ପହଁଚି ନିଆଁକୁ ଆୟତ କରିଥିଲେ । ଅଗ୍ନିକାଣ୍ଡର ପ୍ରକୃତ କାରଣ ଜଣାପଡିନଥିଲେ ହେଁ ବିଦ୍ୟୁତ୍ ସର୍ଟ ସର୍କିଟ୍‌ରୁ ଏହା ଘଟିଥିବା ଅନୁମାନ କରାଯାଉଛି । ଆଜି ପ୍ରତ୍ୟୁଷରୁ ଚାନ୍ଦୋଳ ରାଜସ୍ୱ ନୀରିକ୍ଷକ ତ୍ରିଲୋଚନ ବେହେରା ଘଟଣାସ୍ଥଳରେ ପହଁଚି କ୍ଷୟକ୍ଷତିର ଆକଳନ କରି ଫେରିଥିବାବେଳେ ତହସିଲ୍ କାର୍ଯ୍ୟାଳୟ ପକ୍ଷରୁ ବିପନ୍ନଙ୍କୁ ପାଲ ପ୍ରଦାନ କରାଯାଇଛି । ସରପଂଚ ସୁରେନ୍ଦ୍ର ମଳିକ ବିପନ୍ନଙ୍କୁ ଭେଟି ସୁଖିଲା ଖାଦ୍ୟ ଓ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ ଯୋଗାଇ ଦେଇଛନ୍ତି । ତେବେ ଅଜୟ ଜଣେ ଇଲେକ୍ଟ୍ରୀକ୍ ମେକାନିକ୍ ଭାବେ କାମକରି ପରିବାର ପ୍ରତିପୋଷଣ କରିଆସୁଥିବାବେଳେ ତୁରନ୍ତ ଏହି ବିପନ୍ନ ପରିବାରକୁ ସରକାରୀ ସହାୟତା ଯୋଗାଇ ଦେବାପାଇଁ ଗ୍ରାମବାସୀଙ୍କ ପକ୍ଷରୁ ଦାବି ହେଉଛି ।

## ସୁବଳୟା ପଥରଖଣିରେ ପୋଲିସ ଚଢ଼ାଉ: ଦୁଇ ଗିରଫ

ଦଶପଲ୍ଲା,(ସବ୍ୟୁ) : ଦଶପଲ୍ଲାର ବିଭିନ୍ନ ସ୍ଥାନରେ ଚାଲିଛି ବେଆଇନ ପଥର ଖଣି ।ଏଭଳି ଭାବେ ପଥର ଖଣି ଚାଲିଥିବା ବେଳେ ବିଶେଷ ସୂତ୍ରରୁ ଖବର ପାଇ ଦଶପଲ୍ଲା ପୋଲିସ ସୁବଳୟା ପଥର ଖଣି ଉପରେ ଚଢ଼ାଉ କରିଛି । ଏହି ଚଢ଼ାଉ ସମୟ ରେ ପୋଲିସ କୁ ଦେଖି ପଥର ଖନନରେ ଲିପ୍ତ ଥିବା କିଛି ଲୋକ ଦୌଡ଼ି ପଳାଇ ଯାଇଥିବା ବେଳେ ପୋଲିସ ଦୁଇ ଜଣଙ୍କୁ ଗିରଫ କରିଛି ।ଗିରଫ ଦୁଇଜଣ ହେଉଛନ୍ତି ସୁବଳୟା ଗ୍ରାମର ପ୍ରଶାନ୍ତ କୁମାର ପରିଡା ଓ ଜିତୁ ବରାଡ଼ । ଏହା ସହ ପୋଲିସ ଦୁଇଟି ଟ୍ରାକ୍ଟର ସହ କଂପ୍ରେସର ମେସିନ କୁ ଜବତ କରିଛି ।ଏହି ଘଟଣାରେ ପୋଲିସ ଏକ ମାମଲା ରୁଜୁ କରି ଉଭୟ ଜିତୁ ବରାଡ଼ ଓ ପ୍ରଶାନ୍ତ କୁମାର ପରିଡାଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ବେଳେ ସେମାନଙ୍କ ଜାମିନ ମଞ୍ଜୁର ହୋଇ ଯାଇଥିବା ଜଣାପଡିଛି । ମାତ୍ର ଏହି ଘଟଣାରେ ପୋଲିସ କୋହଳ ଦଫା ପାଇଁ ଅଭିଯୁକ୍ତମାନେ ଜାମିନରେ ଆସୁଥିବା ଚର୍ଚ୍ଚା ହେଉଛି ।

## ଦୁର୍ଘଟଣାରୁ ଅଳ୍ପକେ ବର୍ତ୍ତିଲା ଯାତ୍ରୀବାହୀ ବସ

ପାଣିକୋଇଲି, (ସବ୍ୟୁ) :ଅନଭିଜ୍ଞ ଗାଡ଼ି ଚାଳକଙ୍କ ଲାଗି ପ୍ରତ୍ୟେକ ଦିନ ଦୁର୍ଘଟଣାର ମାତ୍ରା ବଢି ଚାଲିଛି। ବୁଧବାର ସଂଧ୍ୟାରେ ପାଣିକୋଇଲି ଥାନା ଅନ୍ତର୍ଗତ ଶର୍ମା ପେଟ୍ରୋଲ ପମ୍ପ ନିକଟସ୍ଥ ଡ଼ାଇଭର୍ସନ ଠାରେ ଏକ ହାଇୱା ଚାଳକଙ୍କ ଅନଭିଜ୍ଞ ଗାଡ଼ି ଚାଳନା ଲାଗି ଏକ ବଡ଼ ଧରଣର ଦୁର୍ଘଟଣାରୁ ଅଳ୍ପକେ ବର୍ତିଲା ଯାତ୍ରୀବାହୀ ବସ। ପ୍ରକାଶଯେ ସବୁଦିନ ପରି (ଓଡ଼ି୦୫ ଟି ୧୧୪୯) ମା ନାମକ ଏକ ଘରୋଇ ଯାତ୍ରିବାହୀ ବସ କଟକରୁ ଯାଜପୁରରୋଡ ଅଭିମୁଖେ ଆସୁଥିବା ବେଳେ ଉକ୍ତ ଶର୍ମା ଡ଼ାଇଭର୍ସନ ଠାରେ ଏକ ହାଇୱା (ଓଡ଼ି୦୯ଜେଡ଼୨୨୦୬) ହଠାତ ଚାଲି ଆସିବାରୁ ବସର ଚାଳକଙ୍କ ଉପସ୍ଥିତ ବୁଦ୍ଧି ଯୋଗ୍ୟୁ ହାଇୱା ପଛରେ ପିଟି ହେବାରୁ ଅଳ୍ପକେ ବର୍ତି ଯାଇଥିଲା। ତେବେ ଅନଭିଜ୍ଞ ହାଇୱା ଚାଳକଙ୍କ ଏପରି ଭୁଲ ଯୋଗୁ ଅକାରଣରେ ବହୁ ଯାତ୍ରୀଙ୍କ ଜୀବନ କ୍ଷତିଗ୍ରସ୍ତ ହୋଇଥାଆନ୍ତା।

## ଦୁର୍ଘଟଣା : ଜଣେ ମୃତ

ସାକ୍ଷୀଗୋପାଳ ,(ସବ୍ୟୁ) : ପୁରୀ ଭୁବନେଶ୍ୱର ଜାତୀୟ ରାଜପଥର ସତ୍ୟବାଦୀ ଥାନା ଅନ୍ତର୍ଗତ ସତ୍ୟବାଦୀ ବ୍ଲକ ଛକ ନିକଟରେ ବୁଧବାର ଅପରାହ୍ନ ପ୍ରାୟ ୫ଟାରେ ଏକ ଦୁର୍ଘଟଣାରେ ଜଣେ ବାଇକ ଆରୋହୀଙ୍କର ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ଜଣେ ଆହତ ହୋଇଛନ୍ତି । ଆଚାର୍ଯ୍ୟ ବିହାର,ଭୁବନେଶ୍ୱରର ନିରାକାର ବେହେରା(୫୦) ଢେଙ୍କାନାଳର ଅନନ୍ତ ସାହୁ (୫୦) ଏକ ବାଇକ ଯୋଗେ ପୁରୀରୁ ଭୁବନେଶ୍ୱର ଫେରୁଥିଲେ । ସତ୍ୟବାଦୀ ବ୍ଲକ ଛକ ନିକଟରେ ଏକ ଅଜଣା ଗାଡି ବାଇକକୁ ପଛ ପଟୁ ଧକ୍କା ଦେଇଥିଲା । ସେମାନଙ୍କ ବାଇକ ସହିତ ରାଜପଥ ଡିଭାଇଡ଼ରରେ ପିଟି ହୋଇ ଯାଇଥିଲେ । ସ୍ଥାନୀୟ ଜନସାଧାରଣ ଓ ରାଜପଥ ପେଟ୍ରୋଲିଂ ପୋଲିସ ଗୁରୁତର ଆହତ ଶ୍ରୀବେହେରା ଓ ଶ୍ରୀ ସାହୁଙ୍କୁ ଚିକିତ୍ସା ନିମନ୍ତେ ସାକ୍ଷୀଗୋପାଳ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ । କାର୍ଯ୍ୟରତ ଡାକ୍ତର ଶ୍ରୀବେହେରାଙ୍କୁ ମୃତ ଘୋଷଣା କରିଥିଲେ । ସତ୍ୟବାଦୀ ପୋଲିସ ଶବଟିକୁ ଜବତ କରିଛନ୍ତି । ମୃତକଙ୍କ ପରିବାର ସଦସ୍ୟ ଆସିବା ପରେ ଶବ ବ୍ୟବଚ୍ଛେଦ ନିମନ୍ତେ ପୁରୀ ପଠାଯିବ ବୋଲି ଜଣାପଡିଛି ।

## ଉଚ୍ଚ ପ୍ରାଥମିକ ଶିକ୍ଷକ,ଶିକ୍ଷୟିତ୍ରୀ ପ୍ରଶିକ୍ଷଣ ଶିବିର

କୋରେଇ , (ସବ୍ୟୁ) :କୋରେଇ ବ୍ଲକ ଅନ୍ତର୍ଗତ ବରୁଣ୍ଡେଇ ପଂଚାୟତ ସ୍ଥିତ ବୈତରଣୀ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ବରୁଣ୍ଡେଇ ସିଆରସିସି ବିଜୟ କୁମାର ପରିଡା ଓ ମୁକୁନ୍ଦପୁର ସିଆରସିସି ଚନ୍ଦ୍ରମଣୀ ବେହେରାଙ୍କ ତତ୍ତ୍ୱାବଧାନରେ ଛଅଟି କ୍ଲଷ୍ଟରର ଶିକ୍ଷକ/ଶିକ୍ଷୟିତ୍ରୀ ମାନଙ୍କୁ ନେଇ ଏକ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି । ଏହାକୁ ବୈତରଣୀ ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଅବଦୁଲ ମୁସ୍ତାକିମ ଖାଁ ଉଦଯାପିତ କରିଥିଲେ । ଏହି ଶିବିରକୁ ବ୍ଲକ ଶିକ୍ଷାଧିକାରୀ ସୁଦର୍ଶନ ମଲିକ ପରିଦର୍ଶନ କରିଥିଲେ । ଏଥିରେ ଆରପି ଅଶୋକ କୁମାର ପତି, କ୍ଷିରୋଦ ବରଣ ହୋତା, ରଙ୍ଗାଧର କାଣ୍ଡି ଓ ହରେକୃଷ୍ଣ ସ୍ୱାଇଁ ଏହି ଶିବିରରେ ଯୋଗଦେଇଥିବା ୪୭ ଜଣ ଶିକ୍ଷକ/ଶିକ୍ଷୟିତ୍ରୀଙ୍କୁ ବିଦ୍ୟାଳୟ ପରିଚାଳନାଗତ ଦକ୍ଷତା, ନେତୃତ୍ୱ ବିକାଶ, ଅନ୍ତର୍ନିବେଶୀ ଶିକ୍ଷା ଆଦି ଉପରେ ପ୍ରଶିକ୍ଷଣ ପ୍ରଦାନ କରିଥିଲେ । ଏହି କାର୍ଯ୍ୟକ୍ରମରେ ଶିକ୍ଷକ/ଶିକ୍ଷୟିତ୍ରୀ ଅବଦୁଲ ମୋରାଦ ଖାଁ, କୈଳାଶ ଚନ୍ଦ୍ର ନାୟକ, ଲମ୍ବୋଦର ସାହୁ, ପୁଷ୍ପଲତା ସାହୁ, ରଫିକ୍ ଖାଁ, ଶରତ କୁମାର ବେହେରା, ଚିନ୍ତାମଣୀ ବେହେରା, କୃଷ୍ଣଚନ୍ଦ୍ର ସ୍ୱାଇଁ, ଝରଣା ପାତ୍ର, ରୋଜାଲିନ ନାୟକ, ଅଭିଶିକ୍ତା ହରିଚନ୍ଦନ, ବିମଳା ସେଠୀ, ସସ୍ମିତା ବେହେରା, ରତନାକର ବେହେରା, ଅରୁଣ କୁମାର ପଣ୍ଡା, ତାରିଣୀ ପ୍ରସାଦ ରାୟ, କେଦାରନାଥ କୁଣ୍ଡୁ, ମନୋରଂଜନ ଘୋଡ଼ା, ପୁଷ୍ପାବତୀ ପାଢ଼ୀ, କିଶୋର ସାହୁ, ବିଧୁଭୂଷଣ ମହାପାତ୍ର, ଉପେନ୍ଦ୍ର ଜେନା, ସଂଜୟ ଜେନା, ନରହରି ପରିଡା ପ୍ରମୁଖ ପ୍ରଶିକ୍ଷଣରେ ଅଂଶ ଗ୍ରହଣ କରିଥିଲେ । ବିଦ୍ୟାଳୟର ଶିକ୍ଷ/ଶିକ୍ଷୟିତ୍ରୀ ଧର୍ମାନନ୍ଦ ସାହୁ, ଦେବଦତ ସ୍ୱାଇଁ, ଅମିତ କୁମାର ବରାଳ, ନିରଂଜନ ବାହାଲିଆ, ପୂର୍ଣ୍ଣଚନ୍ଦ୍ର ଦାସ, ଚମ୍ପାବତୀ ନାୟକ, ଅପର୍ଣ୍ଣା ଦତ, ନମିତାରାଣୀ ବଇତାରୁ, ଲୋପାମୁଦ୍ରା ନାୟକ, ଅର୍ପିତା ସାହୁ, ଦିପ୍ତି ଜେନା ଓ ଶିକ୍ଷାକର୍ମୀ କାତିକ ଚନ୍ଦ୍ର ଦାସ, ଅନୁରାଗ ପତି, ଦେବାଶିଷ ବେହେରା, ପୁଷ୍ପାରଂଜନ ସାହୁ ଆଦି କାର୍ଯ୍ୟକ୍ରମକୁ ସହଯୋଗ କରିଥିଲେ ।

# ଅଦାଲତଙ୍କ ନିର୍ଦ୍ଦେଶକୁ ଅବଜ୍ଞା

ଫୁଲନଖରା, (ସବ୍ୟୁ) : ଏକ ବିବାଦୀୟ ଜମି ଉପରେ ଅଦାଲତ ପରବର୍ତ୍ତି ରାୟ ପ୍ରକାଶ ପର୍ଯ୍ୟନ୍ତ ସ୍ଥିତାବସ୍ଥା ବଜାୟ ରଖିବାକୁ ସ୍ପଷ୍ଟ ନିର୍ଦ୍ଦେଶ ଜାରି କରିଥିଲେ ମଧ ଏହାର ଖୋଲାଖୋଲି ଉଲ୍ଲଙ୍ଘନ ହୋଇଥିବା ଥାନାରେ ଅଭିଯୋଗ ହୋଇଛି। ଘଟଣାରୁ ପ୍ରକାଶ ଯେ, କଟକ ଲାଲବାଗ ଅଞ୍ଚଳର ରଂଜିତା ପଣ୍ଡାଙ୍କ ୫୦ ଡିସିମିଲ ଘରବାରି କିସମ ଜାଗା ପାହାଳ ଥାନା ଅନ୍ତର୍ଗତ ଅନନ୍ତପୁର ମୌଜାରେ ରହିଛି। ତେବେ ଉକ୍ତ ଜମିକୁ ଜନୈକ ବିଲଡ଼ର ଜବରଦଖଲ କରିବାକୁ ଉଦ୍ୟମ କରିବାରୁ ଏହାକୁ ନେଇ ଜମି ମାଲିକଙ୍କ ସହ ବିବାଦୀୟ ପରିସ୍ଥିତି ଉପୁଜିଥିଲା। ପରବର୍ତ୍ତି ସମୟରେ ଏ ସଂକ୍ରାନ୍ତୀୟ ଏକ ମାମଲା ଭୁବନେଶ୍ୱର ଅତିରିକ୍ତ ସିଭିଲ ଜଜଙ୍କ ଅଦାଲତରେ ବିଚାରାଧିନ ଥିଲା। ମାନବର ଅଦାଲତ ୨୫.୯.୨୦୨୪ ରେ ଏକ ରାୟ ଜରିଆରେ ଉକ୍ତ ଜମି ଉପରେ ସ୍ଥିତାବସ୍ଥା ଜାରି କରିଥିଲେ। ଅଥଚ ସମ୍ପୃକ୍ତ ବିଲଡ଼ର ଏହା ଉପରେ ରାତି ଅଧିଆ ଏକ ରାସ୍ତା ନିର୍ମାଣ କରିଛନ୍ତି। ଏହା ଯୋଗୁଁ ଅଦାଲତଙ୍କ ନିର୍ଦ୍ଦେଶକୁ ଖୋଲାଖୋଲି ଉଲ୍ଲଙ୍ଘନ କରାଯାଇଥିବା ଥାନାରେ ଅଭିଯୋଗ ହୋଇଛି।

# ମଦ ଜବତ : ଜଣେ ଗିରଫ

ଦଶପଲ୍ଲା,(ସବ୍ୟୁ) :ଦଶପଲ୍ଲା ଅବକାରୀ ବିଭାଗ ପକ୍ଷରୁ ଚଢ଼ାଉ କରାଯାଇ ୧୦ଲିଟର ମଦ ଜବତ କରାଯିବା ସହ ଏଥିରେ ସମ୍ପୃକ୍ତ ଜଣେ ବୃଦ୍ଧଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି । ଗିରଫ ବୃଦ୍ଧ ଜଣଙ୍କ ଦଶପଲ୍ଲା ଥାନା ଟାଙ୍ଗିସାହି ଗ୍ରାମର ସୁଦର୍ଶନ ଯାନୀ ବୋଲି ସ୍ଥାନୀୟ ଅବକାରୀ ଥାନା ସୂତ୍ରରୁ ଜଣା ପଡ଼ିଛି । ସୂଚନା ଯୋଗ୍ୟ ଯେ, ଅବକାରୀ ବିଭାଗ ପକ୍ଷରୁ ପେଟ୍ରୋଲିଂ ଚାଲିଥିବା ବେଳେ ବିଶେଷ ସୂତ୍ରରୁ ଖବର ପାଇ ଅବକାରୀ ପୋଲିସ ସୁଦର୍ଶନ କୁ ଗିରଫ କରିବାରେ ସଫଳ ହୋଇଥିଲେ ।

# ରାସ୍ତାପାର୍ଶ୍ୱ ଅବରୋଧକାରୀଙ୍କୁ ନୋଟିସ

ଟାଙ୍ଗୀ,(ସବ୍ୟୁ):୧୬ ନଂ ଜାତୀୟ ରାଜପଥର କନ୍ଧନୟାଗଡ ଉଡନ୍ତାପୋଲଠାରୁ ଟାଙ୍ଗୀ, ଚାନ୍ଦପୁର ମଧ ଦେଇ ଯାଇଥିବା ୪.୫ କିମି ଦୂରତା ବିଶିଷ୍ଟ ପୂର୍ତ ବିଭାଗ ରାସ୍ତା ଶେଷ ପର୍ଯ୍ୟନ୍ତ ପ୍ରସସ୍ତିକରଣ କାର୍ଯ୍ୟ ବିଭାଗ ତରଫରୁ ଆରମ୍ଭ କରାଯାଇଛି । ଏହି ରାସ୍ତା ପାର୍ଶ୍ୱରେ ଥିବା ପ୍ରାୟ ୭ ଶହରୁ ଅଧିକ ଗଛକୁ ଛେଦନ କାର୍ଯ୍ୟ ଚାଲିଛି । ଗତ ଫେବୃୟାରୀ ମାସରେ ପ୍ରସସ୍ତିକରଣ ପାଇଁ ଚିହ୍ନଟ କରାଯାଇଥିଲା । ରାସ୍ତା ପାର୍ଶ୍ୱରେ ଥିବା ଅସ୍ଥାୟୀ ଦୋକାନ ଗୃହଗୁଡିକୁ ହଟାଇ ନେବା ପାଇଁ ସେତେବେଳେ ସୂଚନା ଦିଆଯାଇଥିଲା। ମାତ୍ର ଏହି ଅବରୋଧ ଏଯାବ୍ ହଟାଯାଇ ନଥିବାରୁ ରାଜସ୍ୱ ବିବାଗ ତରଫରୁ ଡାକବାଜି ଯନ୍ତ୍ରରେ ୩ ଦିନ ମଧରେ ଅବରୋଧ ଉଚ୍ଛେଦ କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ୩ ଦିନ ମଧରେ ଏହାକୁ ପାଳନ ନକଲେ ବାଧ ହୋଇ ରାଜସ୍ୱ ବିଭାଗ ତରଫରୁ ଏହି ଅସ୍ଥାୟୀ ଦୋକାନ ଗୁଡିକୁ ଭାଙ୍ଗି ଦିଆଯିବ ବୋଲି ଡାକବାଜିଯନ୍ତ୍ରରେ ସୂଚନା ପ୍ରଦାନ କରାଯାଇଛି ।

## ଶ୍ରୀ ରାମ ଚରିତ ମାନସ: ଶ୍ରୀ ରାମଙ୍କ ବିବାହ ଉତ୍ସବ

ନିରାକାରପୁର,(ସବ୍ୟୁ): ବୁଧବାର ଖୋର୍ଦ୍ଧା ଜିଲ୍ଲା ନିରାକାରପୁରସ୍ଥିତ ରାମ ଦୟା ପରିଷଦ ପକ୍ଷରୁ ଚାଲିଥିବା ୪୨ ତମ ବାର୍ଷିକ ଅଧିବେଶନ ତଥା ଶ୍ରୀ ରାମ ଚରିତ ମାନସ ନବାହ୍ନ ପାରାୟଣର ତୃତୀୟ ଦିବସରେ ଶିବ ଧନୁ ଭଙ୍ଗ ଓ ଶ୍ରୀ ରାମଚନ୍ଦ୍ରଙ୍କ ବିବାହ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ବିବାହ ପାଇଁ ମାତା ସୀତାଙ୍କ ପିତା ଜନକଙ୍କ ଦାୟିତ୍ୱ ତାରାପ୍ରସାଦ ରଥ ଓ ତାଙ୍କ ଧର୍ମପତ୍ନୀ ସ୍ୱାଗତିକା ପଣ୍ଡା ବିବାହ ମଣ୍ଡପରେ ଅବସ୍ଥାନ କରି ବିବାହ କାର୍ଯ୍ୟକ୍ରମ ତୁଲାଇଥିଲେ। ବହୁ ସଂଖ୍ୟାରେ ଶ୍ରୀ ରାମ ଚନ୍ଦ୍ରଙ୍କ ତରଫରୁ ବରଯାତ୍ରୀ ବି ଉପସ୍ଥିତ ଥିବାର ଦେଖିବାକୁ ମିଳିଥିଲା।ବିବାହ ମଣ୍ଡପରେ ଘଣ୍ଟାଘଣ୍ଟି ସହିତ ଅତାସବାଜି ପ୍ରଦର୍ଶନ କରାଯାଇଥିଲା। ସନ୍ଧ୍ୟାରେ ଭକ୍ତମାନେ ଭୋଜିଭାତ ଆସରରେ ଭାଗ ନେଇ ସ୍ୱାଦିଷ୍ଟ ଭୋଜନ ଗ୍ରହଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ବିଧାୟକ ପ୍ରଶାନ୍ତ କୁମାର ଜଗଦେବ ,ରାମ ଦୟା ପରିଷଦର ଉପସଭାପତି ସତ୍ୟବାଦୀ ବଳବନ୍ତରାୟ ଓ ବହୁ ମାନ୍ୟଗଣ୍ୟ ବ୍ୟକ୍ତିମାନେ ଯୋଗଦେଇ ଠାକୁରଙ୍କ ଆଶିଷ ଲାଭ କରିଥିଲେ ।

# ସୁଧର୍ମା ମହାସଭାରଧାର୍ମିକ ସମାବେଶ

ବାଲିପାଟଣା ,(ସବ୍ୟୁ) : ଶିଶୁ ଅନନ୍ତ ଙ୍କ ପବିତ୍ର ପୀଠରେ ସୁଧର୍ମା ମହାସଭା ତରଫରୁ ଏକ ଧାର୍ମିକ ସମାବେଶ ଅନୁଷ୍ଠିତ ହୋଇଯାଇଛି।ପ୍ରାତଃ ରୁ ଏକ ପବିତ୍ର ପରିବେଶରେ ଭଜନ,କୀର୍ତ୍ତନ ଓ ସାଧୁ ମାନଙ୍କ ପ୍ରବଚନ ମାଧମରେ ଏହି କାର୍ଯ୍ୟକ୍ରମ ଆରମ୍ଭ ହୋଇ ଅପରାହ୍ନ ରେ ଉଦଯାପିତ ହୋଇଛି।ଧାନକୁଦ ମଠର ମଠାଧୀଶ ବାବା ଅରକ୍ଷିତ ଦାସ ଏଥିରେ ପ୍ରବଚନ ଦେଇ ସନାତନ ଧର୍ମର ସୁରକ୍ଷା ସହିତ ସାମାଜିକ ବ୍ୟବସ୍ଥାରେ ଶୃଙ୍ଖଳା ଓ ନୈତିକତା ସମ୍ପନ୍ନ ହୋଇ ଈଶ୍ୱର ଙ୍କ ସହିତ ନିରନ୍ତର ସଂଯୁକ୍ତ ରହିବାକୁ ପରାମର୍ଶ ଦେଇଥିଲେ।ଅନ୍ୟାନ୍ୟ ସାଧୁ ସନ୍ଥ ଙ୍କ ମଧ୍ୟରେ ଜ୍ଳକା ଭୀମ ନଙ୍ଗଳା ଆଶ୍ରମର ନାରଣ ବାବା,ବଡ଼ବିଲ ପଞ୍ଚସଖା ଆଶ୍ରମ ଶିଶୁ ସିଦ୍ଧ ଧୁନ୍ଦା ରାମ ମହାରାଜ,ନେମାଳ ପୀଠର ଗୁରୁଦତ୍ତ ପୃଷ୍ଟି,ଖୋର୍ଦ୍ଧା ଜୋହଳ ଆଶ୍ରମର ଭୋଳା ବାବା,କୋଣାର୍କ ଅନନ୍ତ ଅବଧୂତ ମଠ ର ଆଦିତ୍ୟ ମହାରାଜ,ମାଛଗାଁ ସୀତାରାମ ଆଶ୍ରମ ର ଦାସିଆ ବାବା,ଅଯୋଧା ରୁ ଆସିଥିବା ଅଶ୍ୱିନୀ ବାବା,ସିଦ୍ଧ ବଟ ପିଙ୍ଗଳା ଆଶ୍ରମ ଦେବାନନ୍ଦ ସରସ୍ୱତୀ ପ୍ରମୁଖ ଯୋଗଦେଇ ବେଦ,ପୁରାଣ ଓ ଧର୍ମ ଗ୍ରନ୍ଥ ମାନଙ୍କରେ ରହିଥିବା ନିର୍ଦ୍ଦେଶ ପାଳନ କରି ଶାନ୍ତି ଓ ଆନନ୍ଦମୟ ଜୀବନ ଯାପନ ପାଇଁ ପରାମର୍ଶ ଦେଇଥିଲେ।ଶିଶୁ ଅନନ୍ତ ମଣ୍ଡଳ ତରଫରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଶହ ଶହ ସଂଖ୍ୟାରେ ଭକ୍ତବୃନ୍ଦ ଯୋଗଦେଇଥିଲେ ।

(ଶ୍ରୀମଦ୍‌ଭଗବଦ୍ ଗୀତା ୧୦/୩୭)

–ବିଭୂତିଯୋଗଃ–

( ଶ୍ରୀଭଗବାନୁବାଚ )

**ବୃଷ୍ଣୀନାଂ ବାସୁଦେବୋଽସ୍ମି ପାଣ୍ଡବାନାଂ ଧନଞ୍ଜୟଃ ।**
**ମୁନୀନାମପ୍ୟହଂ ବ୍ୟାସଃ କବୀନାମୁଶନା କବିଃ ।।୩୭।।**

ମୁଁ ବୃଷ୍ଣିବଂଶୀୟମାନଙ୍କ ମଧ୍ୟରେ ବାସୁଦେବ, ପାଣ୍ଡବମାନଙ୍କ ମଧ୍ୟରେ ଧନଞ୍ଜୟ, ମୁନିମାନଙ୍କ ମଧ୍ୟରେ ବ୍ୟାସ, କବିମାନଙ୍କ ମଧ୍ୟରେ ଉଶନା କବି ଶୁକ୍ରାଚାର୍ଯ୍ୟ ।।୩୭।।

# ଜାମ୍ମୁକଶ୍ମୀରକୁ ରାଜ୍ୟ ମାନ୍ୟତା

ସମ୍ପାଦକୀୟ

ଜାମ୍ମୁ କାଶ୍ମୀର ନିର୍ବାଚନ ଶାନ୍ତିଶୃଙ୍ଖଳାର ସହ ସମାପ୍ତ ହେବା ଏବଂ ମତଦାନ ହାର ଉତ୍ସାହଜନକ ହେବା, ସ୍ପଷ୍ଟ କରୁଛି ଯେ' ସେଠାକାର ଜନତା ଗଣତାନ୍ତ୍ରିକ ବ୍ୟବସ୍ଥାକୁ ଆଦରି ନେଇଛନ୍ତି ଏବଂ ଭାରତର ଗଣତାନ୍ତ୍ରିକ ବ୍ୟବସ୍ଥା ମଧ୍ୟରେ ରାଜ୍ୟର ବିକାଶ ତ୍ୱରାନ୍ୱିତ ହେଇପାରିବ ବୋଲି ସେମାନଙ୍କର ହୃଦ୍‌ବୋଧ ହେଇଛି । ଏହା ହିଁ ପ୍ରକୃଷ୍ଟ ସମୟ, ଆମେ ଜାମ୍ମୁକାଶ୍ମୀରର ରାଜ୍ୟ ମାନ୍ୟତା ଫେରାଇ ଦେବା ଉଚିତ, ଯାହା ଲୋକଙ୍କ ବିଶ୍ୱାସକୁ ବଳବତ୍ତର କରିବା ସହ ବିକାଶର ଧାରାକୁ ଆଗେଇ ନେବାରେ ସାହାଯ୍ୟ କରିବ । ନଭେମ୍ବର ୪ ତାରିଖରେ, ଜାମ୍ମୁ କାଶ୍ମୀର ବିଧାନସଭାର ପ୍ରଥମ ଅଧିବେଶନରେ ଲେଫ୍ଟନାଣ୍ଟ ଗଭର୍ଣ୍ଣର (ଏଲ–ଜି) ମନୋଜ ସିହ୍ନା ନିଜ ଅଭିଭାଷଣରେ ରାଜ୍ୟ ମାନ୍ୟତା ଫେରାଇବା ଉପରେ ଗୁରୁତ୍ୱ ଆରୋପ କରିଛନ୍ତି । ମତଦାନ ସଂଖ୍ୟା ଓ ହାର ବୃଦ୍ଧି ପାଇଁ ସେ ଜମ୍ମୁକାଶ୍ମୀର ଜନତାଙ୍କୁ ପ୍ରଶଂସା କରି କହିଛନ୍ତି, 'ରାଜ୍ୟ ପାଇଁ ସମ୍ପୂର୍ଣ୍ଣ ରାଜ୍ୟ ତଥା ସାମ୍ବିଧାନିକ ଗ୍ୟାରେଣ୍ଟି ପୁନରୁଦ୍ଧାର ପାଇଁ ସରକାର ସମସ୍ତ ଉଦ୍ୟମ କରିବେ । ଗଣତନ୍ତ୍ର ପ୍ରତି ଲୋକମାନଙ୍କ ଦ୍ୱାରା ପ୍ରକାଶିତ ବିଶ୍ୱାସର ଏହା ଏକ ଉପଯୁକ୍ତ ପ୍ରତିକ୍ରିୟା ହେବ । ନୂଆ ସରକାରଙ୍କ ଦାବି, କେନ୍ଦ୍ର ସରକାରଙ୍କ ପ୍ରତିଶ୍ରୁତି ଏବଂ ଜାମ୍ମୁ କାଶ୍ମୀର ଲେଫ୍ଟନାଣ୍ଟ ଗଭର୍ଣ୍ଣର ମନୋଜ ସିହ୍ନା ଏହି ପ୍ରସଙ୍ଗକୁ ବିଧାନସଭା ଅଧିବେଶନରେ ନିଜ ଅଭିଭାଷଣରେ ଦର୍ଶାଇବା, ସ୍ପଷ୍ଟ କରୁଛି ଯେ' ସରକାର ଜମ୍ମୁକାଶ୍ମୀରକୁ ରାଜ୍ୟମାନ୍ୟତା ଯଥାଶୀଘ୍ର ଫେରାଇଦେବେ । ସାଧାରଣତଃ ସରକାରଙ୍କ ଦାବି ଓ ଇଚ୍ଛା, ରାଜ୍ୟପାଳଙ୍କ ଅଭିଭାଷଣରେ ପ୍ରତିଫଳିତ ହେଇଥାଏ ଏବଂ ଲେଫ୍ଟନାଣ୍ଟ ଗଭର୍ଣ୍ଣରଙ୍କ ଅଭିଭାଷଣରେ ଏହା ପ୍ରତିଫଳିତ ହେବାର ଅର୍ଥ, ଏହା ବାସ୍ତବିକ ରୂପ ନିଶ୍ଚୟ ନେବ । ଅନ୍ୟପକ୍ଷରେ କେନ୍ଦ୍ର ସରକାର ମଧ୍ୟ ସୁପ୍ରିମକୋର୍ଟଙ୍କୁ ପ୍ରତିଶ୍ରୁତି ଦେଇଛନ୍ତି ଯେ ଅଗଷ୍ଟ ୨୦୧୯ରେ ଦୁଇଟି ୟୁନିଅନ୍ ଟେରିଟୋରୀରେ ବିଭକ୍ତ ହୋଇଥିବା ଜାମ୍ମୁକାଶ୍ମୀର ରାଜ୍ୟ ମାନ୍ୟତା ଫେରି ପାଇବ । ଯଦିଓ କୌଣସି ସମୟସୀମା ଦିଆଯାଇ ନାହିଁ, କିନ୍ତୁ ବିଧାନସଭା ନିର୍ବାଚନ ଦ୍ୱାରା ଏକ ଲୋକପ୍ରତିନିଧୀ ସରକାର ଗଠିତ ହେବା ପରେ, ଏ ସଂକ୍ରାନ୍ତରେ ନିଷ୍ପତ୍ତି ନେବାରେ ବିଳମ୍ବ କରିବା ଉଚିତ ହେବନାହିଁ । ଧାରା ୩୭୦ ରଦ୍ଦ କରିବା ନେଇ ରାଷ୍ଟ୍ରପତିଙ୍କ ବିଜ୍ଞପ୍ତିର ବୈଧତା ଏବଂ ସଂସଦ ଦ୍ୱାରା ଜାମ୍ମୁ କାଶ୍ମୀର ପୁନର୍ଗଠନ ଆଇନ ପ୍ରଣୟନ ଉପରେ ଶୁଣାଣି ସମୟରେ ଏହି ଆଶ୍ୱାସନା ଦିଆଯାଇଥିଲା । ବିଧାନସଭା ନିର୍ବାଚନରେ ଯଥେଷ୍ଟ ଅଧିକ ମତଦାନ ଗଣତାନ୍ତ୍ରିକ ଅନୁଷ୍ଠାନ ପ୍ରତି ଲୋକଙ୍କ ବିଶ୍ୱାସକୁ ପ୍ରକାଶିତ କରିଛି ଏବଂ ଲୋକପ୍ରିୟ ଶାସନକୁ ଫେରିବା ପାଇଁ ଜନତା ଇଚ୍ଛା ପ୍ରଦର୍ଶନ କରିଛନ୍ତି । ଏହାଭିତରେ ସ୍ୱତନ୍ତ୍ର ମାନ୍ୟତା ଫେରି ପାଇବା ନେଇ ଆଞ୍ଚଳିକ ରାଜନୈତିକ ଦଳଗୁଡିକ ନିଜର ଦାବି ଦୋହରାଇଛନ୍ତି । ବିଜେପି ସଦସ୍ୟଙ୍କ ବିରୋଧ ମଧ୍ୟରେ ଜାମ୍ମୁ କାଶ୍ମୀର ବିଧାନସଭା ବୁଧବାର ଦିନ ସ୍ୱତନ୍ତ୍ର ସ୍ଥିତିର ପୁନରୁଦ୍ଧାର ପାଇଁ ଏକ ସଂକଳ୍ପ ପାରିତ କରିଛି । ଜାତୀୟ ସମ୍ମିଳନୀର ନିର୍ବାଚନୀ ଇସ୍ତାହାର ଅନୁଯାୟୀ, ଦଳ ସ୍ୱତନ୍ତ୍ର ସ୍ଥିତି ଏବଂ ସାମ୍ବିଧାନିକ ଗ୍ୟାରେଣ୍ଟି ପୁନରୁଦ୍ଧାର ପାଇଁ ଦାବି କରିଛି ଏବଂ ଧାରା ୩୭୦ ଅପସାରଣକୁ ନେଇ ଉଦ୍‌ବେଗ ପ୍ରକାଶ କରିଛି । ଏହାସହ ଭାରତ ସରକାର ଜାମ୍ମୁ କାଶ୍ମୀରର ନିର୍ବାଚିତ ପ୍ରତିନିଧୀଙ୍କ ସହ ସ୍ୱତନ୍ତ୍ର ସ୍ଥିତିର ପୁନରୁଦ୍ଧାର ପାଇଁ କଥାବାର୍ତ୍ତା ଆରମ୍ଭ କରିବାକୁ ଅନୁରୋଧ କରାଯାଇଛି । ବିଧାନସଭାରେ ପାରିତ ସଂକଳ୍ପ ଅନୁସାରେ, ପୁନରୁଦ୍ଧାର ପାଇଁ ଯେ କୌଣସି ପ୍ରକ୍ରିୟା ଉଭୟ ଜାତୀୟ ଏକତା ତଥା ଜାମ୍ମୁ କାଶ୍ମୀରବାସୀଙ୍କ ଆଇନଗତ ଆକାଂକ୍ଷାକୁ ସୁରକ୍ଷିତ ରଖିବା ଆବଶ୍ୟକ । ତେବେ ବର୍ତ୍ତମାନ ସମୟରେ ସ୍ୱତନ୍ତ୍ର ମାନ୍ୟତା ଫେରିପାଇବା ସେମିତି କିଛି ଗୁରୁତ୍ୱ ବହନ କରେନାହିଁ ବରଂ ରାଜ୍ୟ ମାନ୍ୟତା ଫେରିପାଇବା ଉପରେ ଗୁରୁତ୍ୱ ଦିଆଯିବା ଆବଶ୍ୟକ । ଜନତାଙ୍କ ଇଚ୍ଛାକୁ ସମ୍ମାନ ଜଣାଇ କେନ୍ଦ୍ର ସରକାର ଶୀଘ୍ର ଏ ନେଇ ନିଷ୍ପତ୍ତି ନେବେ ବୋଲି ଆଶା କରାଯାଉଥିବାବେଳେ, ପୁଣି ଥରେ କାଶ୍ମୀରରେ ଆତଙ୍କବାଦୀଙ୍କ ଆକ୍ରମଣ ସରକାରଙ୍କ ପାଇଁ ଚିନ୍ତାର କାରଣ ପାଲଟିଛି । ଉଭୟ ସାଧାରଣ ନାଗରିକ ଏବଂ ସେନା ଏହି ଆକ୍ରମଣରେ ନିହତ ହେଇଛନ୍ତି ଓ କେତେକ ଆହତ ମଧ୍ୟ ହେଇଛନ୍ତି । ସେମାନଙ୍କ ମଧ୍ୟରୁ ଅଧିକାଂଶ ବାହାର ରାଜ୍ୟର ଶ୍ରମିକ ଥିଲେ । ଏହି ବୃଦ୍ଧି ପାଇଁ ସର୍ବାଧିକ ସମ୍ଭାବ୍ୟ ବ୍ୟାଖ୍ୟା ହେଉଛି ଯେ ଆତଙ୍କବାଦୀ ଗୋଷ୍ଠୀ ବାହାର ରାଜ୍ୟର ଶ୍ରମିକଙ୍କ ମଧ୍ୟରେ ଭୟର ବାତାବରଣ ସୃଷ୍ଟି କରିବାକୁ ଚାହୁଁଛନ୍ତି ଏବଂ ସୁରକ୍ଷା ବାହିନୀର ପ୍ରତିକ୍ରିୟା ପରଖିବାକୁ ଚାହୁଁଛନ୍ତି । ଅକ୍ଟୋବର ବିଧାନସଭା ନିର୍ବାଚନ ପରଠାରୁ ଜାମ୍ମୁ–କାଶ୍ମୀରରେ ଆତଙ୍କବାଦୀ ଘଟଣା ବୃଦ୍ଧି ପାଇବାରେ ଲାଗିଛି ଏବଂ ଶ୍ରୀନଗରର ରବିବାର ମାର୍କେଟରେ ଗ୍ରେନେଡ ଆକ୍ରମଣରେ ୧୨ ଜଣ ସାଧାରଣ ନାଗରିକ ଆହତ ହୋଇଛନ୍ତି । ଏହିଭଳି ଆକ୍ରମଣ ପ୍ରମାଣ କରିଛି ଯେ' ଜାମ୍ମୁକାଶ୍ମୀରରେ ଶାନ୍ତିଶୃଙ୍ଖଳାର ସହ ନିର୍ବାଚନ ହେବା ଏବଂ ଲୋକଙ୍କ ଭାରତୀୟ ଗଣତନ୍ତ୍ର ବ୍ୟବସ୍ଥାକୁ ସମର୍ଥନ କରିବା ଦେଖି ପଡୋଶୀ ଦେଶ ଓ ଏହାଦ୍ୱାରା ପ୍ରାୟୋଜିତ ଆତଙ୍କବାଦୀ ସଂଗଠନଗୁଡିକ ହତାଶ ହେଇପଡ଼ିଛନ୍ତି । ତେଣୁ ସେମାନେ ଏହିପରି ଆତଙ୍କବାଦ କାର୍ଯ୍ୟ ମାଧ୍ୟମରେ ଲୋକଙ୍କ ମଧ୍ୟରେ ପୁଣିଥରେ ଭୟର ବାତାବରଣ ସୃଷ୍ଟି କରିବାକୁ ଚାହୁଁଛନ୍ତି । ଏହାକୁ ପ୍ରତିହତ କରିବାକୁ ପଡିବ ଏବଂ ସେମାନେ ଯେପରି ନିଜ ଲକ୍ଷ୍ୟରେ ସଫଳ ହେଇ ନ ପାରିବେ, ସେ ନେଇ ସରକାର ଓ ପ୍ରଶାସନ ସ୍ୱତନ୍ତ୍ର ଦୃଷ୍ଟି ଦେବା ଆବଶ୍ୟକ । ସେ ଯାହାବି ହେଉ, ବର୍ତ୍ତମାନ ସମୟର ସବୁଠାରୁ ବଡ କାର୍ଯ୍ୟ ଜମ୍ମୁକାଶ୍ମୀରକୁ ରାଜ୍ୟ ମାନ୍ୟତା ଫେରାଇଦେବା, ଯାହା ଲୋକଙ୍କ ମନରେ ଦୃଢ ଆତ୍ମବିଶ୍ୱାସ ସୃଷ୍ଟି କରିବା ସହ ଦେଶ ପାଇଁ ଭଲପାଇବା ବୃଦ୍ଧି ପାଇବ । ନବ ନିର୍ବାଚିତ ସରକାର ମଧ୍ୟ ଜାମ୍ମୁକାଶ୍ମୀରରେ ବିକାଶ କିପରି ସମସ୍ତଙ୍କ ପାଖରେ ପହଞ୍ଚିପାରିବ, ସେ ଦିଗରେ ପ୍ରୟାସ କରିବା ଉଚିତ । ବିଶେଷକରି ଶିକ୍ଷା, ସ୍ୱାସ୍ଥ୍ୟ, ଶିଳ୍ପ,ବ୍ୟବସାୟ, ଗମନାଗମନର ଉନ୍ନତି କରାଯିବା ସହ ଯୁବସମାଜ ପାଇଁ ପର୍ଯ୍ୟାପ୍ତ ନିଯୁକ୍ତି ସୁଯୋଗ ସୃଷ୍ଟି କରାଯାଇପାରିଲେ , ଜନତାଙ୍କ ମଧ୍ୟରେ ଦେଶ ପାଇଁ ମମତା ବୃଦ୍ଧି ପାଇବ ଯାହା ଆତଙ୍କବାଦକୁ ପରାସ୍ତ କରିବାରେ ସହାୟକ ହେବ ।

# ଈର୍ଷା ସମ୍ବରଣ

ଈର୍ଷା ଅସୂୟା ମନୁଷ୍ୟ ପରାଭବରେ ଷଷ୍ଠ ପ୍ରବେଶପଥ । ଏହା ଏଭଳି ଗୋଟେ ମନୋବିକାର ଯାହାଦ୍ୱାରା ମନୁଷ୍ୟର ମୌଳିକ ବିକାଶ ବ୍ୟାହତ ହୋଇଥାଏ । ଈର୍ଷା ଏକ ଭୟଙ୍କର ମାନସିକ ବ୍ୟାଧି ଯାହା ଅଯଥାରେ ମନୁଷ୍ୟକୁ ଶାସ୍ତି ଦେଇଥାଏ । ଖାସ୍ ଏଇଥିପାଇଁ ମନୁଷ୍ୟର ପୂର୍ଣ୍ଣାଙ୍ଗ ବ୍ୟକ୍ତିତ୍ୱ ବିକୃତ ହୋଇଯାଏ । ନାଶ ହୋଇଯାଏ ତାର କ୍ରିୟାଶକ୍ତି । ତାର ସେଇ ବ୍ୟକ୍ତିତ୍ୱ ସହିତ କିଛି ଦେଣନେଣ ରହି ନଥାଏ । କାରଣ କୌଣସି ବ୍ୟକ୍ତି ନିଜକୁ ଈର୍ଷାକରି ନ ଥାଏ । ସେଥିପାଇଁ ଅପରର ଆବଶ୍ୟକତା ନିହାତି ଜରୁରୀ । ମନୁଷ୍ୟ ଏକୁଟିଆ ଈର୍ଷାର ଶିକାର ହୋଇ ନଥାଏ । ତା' ସାମନାରେ ଅନ୍ୟ କେହି ଜଣେ ଉଭା ହୋଇଗଲେ ତାର ଗାତ୍ର ଦାହ ବଢିଯାଏ । ଯେତେବେଳେ ମନୁଷ୍ୟ ସମାଜରେ, ଘରେ ଅବା ଅଞ୍ଚଳରେ ବସବାସ କରୁଛି, ତା' ମନରେ ନା ଈର୍ଷା ଜାତହୁଏ ନା କୌଣସି ଆତ୍ମଜ୍ୱଳନ ତଥା ଆତ୍ମ–ପୀଡନ ଥାଏ । ମନୁଷ୍ୟ ଏକାକୀ ବର୍ଷ ବର୍ଷ ଧରି ନିଃସଙ୍ଗ ଜୀବନ ବଞ୍ଚିପାରେ । କେବେ ବି ସେ ଈର୍ଷାର ପାତ୍ର ହୋଇ ନ ଥାଏ । ମାତ୍ର କେହି ଜଣେ ଅପର ବ୍ୟକ୍ତି ଯେମିତି ତା କଡ଼ରେ ବସିଯାଏ, ସେ ଈର୍ଷା କରିବା ଆରମ୍ଭ କରିଦିଏ । ସେ ରାଜନୀତି କି ଧର୍ମ କ୍ଷେତ୍ରରେ ହେଉ କିମ୍ବା ସମାଜ ଅବା ପରିବାରର ହେଉ, କେହି ବି କାହାକୁ ଗ୍ରହଣ କରିବାକୁ ଅପ୍ରସ୍ତୁତ । ବାସ୍ତବରେ କେହି ବି ବ୍ୟକ୍ତି ଅନ୍ୟ ବ୍ୟକ୍ତିକୁ ସହ୍ୟ କରିପାରେ ନାହିଁ । ସବୁକିଛି ଓଲଟ ପାଲଟ ହୋଇଯାଏ, ଯେତେବେଳେ କେହିଜଣେ ଅନ୍ୟର କଡରେ ଛିଡ଼ା ହୋଇଯାଏ । କେବଳ ଅନ୍ୟ ଲୋକଟି ସମୀପକୁ ଆସିଲେ ଆମେ ଈର୍ଷାର ଦଂଶନରେ ଛଟପଟ ହେଉଛନ୍ତି । ସାଧକ କେବେ ଈର୍ଷା କରିନଥାଏ, କାରଣ ସେ ଏକା ନିରୋଳା ନିକାଞ୍ଚନ ସ୍ଥାନରେ ସାଧନାରତ ଥାଏ । କଳି ଝଗଡ଼ା କଥା କଟାକଟି ଓ ବଚସା ସେତେବେଳେ ବଢ଼ି ଉଗ୍ର ରୂପ ଧାରଣ କରେ, ଯେତେବେଳେ ଗୋଟିଏ କାମକୁ ଦୁଇଜଣ ବ୍ୟକ୍ତି ସମ୍ପାଦନ କରିବାକୁ ପ୍ରବଳ ଇଚ୍ଛା ପ୍ରକଟ କରନ୍ତି । କେହି ଧନ ପାଇଁ ,କେହି ପଦ ପ୍ରତିଷ୍ଠା ଓ ପ୍ରତିପତ୍ତି ପାଇଁ ଦିନରାତି ଏକାକାର କରି ନିରନ୍ତର ପ୍ରୟାସ ଜାରି ରଖନ୍ତି । ଈର୍ଷାରେ ନା କୌଣସି ଠୋସ କାରଣ ଥାଏ ନା ତା'ର କୌଣସି ଅସ୍ତିତ୍ୱ ଥାଏ । ବେଳେବେଳେ ଆମେ ଏମିତି ଲୋକକୁ ଈର୍ଷା କରି ଚାଲୁ ଯାହାକୁ ଆମେ ବିଲକୁଲ ଚିହ୍ନି ଜାଣି ନ ଥାଉ । ଈର୍ଷାଳୁ ବ୍ୟକ୍ତି ଅଧ୍ୟବସାୟୀ ହୋଇ ନଥାଏ କି ପରିଶ୍ରମ କରେ ନାହିଁ । ଭିତରେ ଖାଲି ଅହରହ ନିଆଁରେ ଜଳୁଥାଏ । ଅନ୍ୟର ଉନ୍ନତି ଓ ବିକାଶ ଦେଖି ଈର୍ଷାରେ ଜଳୁଥିବା ବ୍ୟକ୍ତି ବିନା ପରିଶ୍ରମରେ ଫଳପ୍ରାପ୍ତିର କାମନା କରେ ଏବଂ ସେହି ଲାଳସାରେ ତାର ଜୀବନ ନଷ୍ଟ ବିନଷ୍ଟ ହୋଇଯାଏ ।

**ନଗେନ୍ଦ୍ର ନାଥ ପଟ୍ଟନାୟକ**
**ପ୍ରାକ୍ତନ ଅତିରିକ୍ତ ଶାସନ ସଚିବ ,ଓଡ଼ିଶା ସରକାର**
**ଭୁବନେଶ୍ୱର,ମୋ–୯୪୩୮୩୩୨୧୩୮**

# ଭାରତର ପରିବର୍ତ୍ତିତ ୟୁରୋପ ନୀତି

**ସୌମେନ୍ଦ୍ର ଜେନା**

ଗତ କିଛିଦିନ ଧରି ଦେଖିଲେ ଆମେ ଜାଣିପାରିବା ଯେ ଭାରତକୁ ଜଣକ ପରେ ଜଣେ ଲେଖାଏଁ ୟୁରୋପର ନେତା ଗସ୍ତରେ ଆସି ଦ୍ୱିପାକ୍ଷିକ ଆଲୋଚନା କରି ବୁଝାମଣାପତ୍ରରେ ସ୍ୱାକ୍ଷର କରୁଛନ୍ତି । ଏହା ଅବଶ୍ୟ ଆକସ୍ମିକ ନୁହେଁ । କାରଣ ଚଳିତବର୍ଷ ନିର୍ବାଚନର ବର୍ଷ ହୋଇଥିବା ହେତୁ ଫେବୃଆରୀଠାରୁ ବୈଦେଶିକ ସମ୍ପର୍କ ଓ ଗସ୍ତରେ ଯିବାପାଇଁ ପ୍ରଧାନମନ୍ତ୍ରୀଙ୍କ ନିକଟରେ ସମୟ ନ ଥିଲା କି ବାହାର ଦେଶର ନେତୃବୃନ୍ଦଙ୍କୁ ଭାରତକୁ ନିମନ୍ତ୍ରଣ କରିବା ସହଜ ବ୍ୟାପାର ନଥିଲା । ନିଜେ ପ୍ରଧାନମନ୍ତ୍ରୀ ନିର୍ବାଚନ ପ୍ରଚାର କାର୍ଯ୍ୟରେ ବ୍ୟସ୍ତ ରହିଥିବା ହେତୁ ସମୟାଭାବ ଯୋଗୁଁ ଏଥିରେ ଅଧିକ ସଂପୃକ୍ତ ହେବାରେ ଅସୁବିଧା ଥିଲା । ତେଣୁ ବିଦେଶୀ ନେତୃବୃନ୍ଦଙ୍କ ଭାରତ ଗସ୍ତ କାର୍ଯ୍ୟକ୍ରମ ସାଧାରଣତଃ ସେପ୍ଟେମ୍ବର–ଅକ୍ଟୋବରକୁ ଧାର୍ଯ୍ୟ କରାଯାଇଥିଲା । ତେଣୁ ପୁରୁଣା କାର୍ଯ୍ୟକ୍ରମ ଅନୁଯାୟୀ ନୂଆ ସରକାରଙ୍କ ସହ ଆଲୋଚନା କରିବା ଲାଗି ଏବେ ଗସ୍ତ କାର୍ଯ୍ୟକ୍ରମ ବୃଦ୍ଧିପାଇବା ସମ୍ଭାବନା ରହିଛି । କିନ୍ତୁ ଆମେ ଯଦି ୟୁକ୍ରେନ ଯୁଦ୍ଧର ପରବର୍ତ୍ତୀ କାଳ ଓ କୋରୋନା ପରବର୍ତ୍ତୀ କାଳକୁ ସମୀକ୍ଷା କରିବା, ତେବେ ଜାଣିପାରିବା ଯେ ଭାରତ କ୍ରମଶଃ ୟୁରୋପ ପ୍ରତି ଦୃଷ୍ଟିକୋଣ ବଦଳାଇବାରେ ଲାଗିଛି ।

ରୁଷିଆଠାରୁ ତୈଳ କ୍ରୟ ବ୍ୟାପାର ହେଉ କିମ୍ବା ୟୁରୋପକୁ ଖାଦ୍ୟାନ୍ନ ଯୋଗାଣ ଉପରେ କଟକଣା ଜାରି କରାଯିବା ହେଉ, ୟୁରୋପ ସିଭିଲ ସୋସାଇଟୀ ନାମରେ ଭାରତର ରାଷ୍ଟ୍ରନୀତିକୁ ପ୍ରଭାବିତ କଲାପରି କାର୍ଯ୍ୟକୁ ଆର୍ଥିକ ସହାୟତା ପ୍ରଦାନ ହେଉ, ଏସବୁଥିରେ ଭାରତ ୟୁରୋପ ପ୍ରତି ଦିନକୁ ଦିନ କଠୋର ନୀତି ଗ୍ରହଣ କରିବାରେ ଲାଗିଛି । ମରିସସ୍‌ର ଦ୍ୱୀପକୁ ବ୍ରିଟେନର ନିୟନ୍ତ୍ରଣରୁ ମୁକ୍ତ କରିବା ମାମଲା ହେଉ, ରୁଷିଆଠାରୁ ପ୍ରତିରକ୍ଷା କ୍ରୟ ହେଉ, ଭାରତୀୟ ମୁଦ୍ରାରେ ବାଣିଜ୍ୟ କାରବାର, ୟୁପିଆଇକୁ ଗ୍ରହଣ କରାଯିବା ପରି ନାନାଦି ପ୍ରସଙ୍ଗରେ ଭାରତ ୟୁରୋପ ପ୍ରତି ପୂର୍ବପରି ଦୁର୍ବଳ କିମ୍ବା ନିରବ ରହିବା ନୀତିକୁ ହଟେଇ ଦେଇଛି, ବରଂ ଆପଣା ସ୍ୱାର୍ଥ ଦୃଷ୍ଟିରୁ ଆବଶ୍ୟକ ନୀତି ଗ୍ରହଣ କରିଛି ।

ଆବଶ୍ୟକ ସ୍ଥଳେ ୟୁରୋପକୁ ତାଙ୍କରି ଭାଷାରେ ଉତ୍ତର ଦେଇଛି । ତୁର୍କୀ, ବ୍ରିଟେନ, ଆଜରବୈଜାନ ପରି ରାଷ୍ଟ୍ରଗୁଡିକୁ ନାଲିଆଖି ଦେଖାଇବାକୁ ପଛାଇନାହିଁ । ତୁର୍କୀର ଅଟୋମନ ସେନାକୁ ଜବାବ ଦେବାଲାଗି ଗ୍ରୀସ୍, ସାଇପ୍ରସ, ପର୍ତ୍ତୁଗାଲ ସହ ସମ୍ପର୍କକୁ ସୁଦୃଢ କରିଛି । ଆଜରବୈଜାନର ପାକିସ୍ତାନ ଓ କାଶ୍ମୀର ପ୍ରେମ ପାଇଁ ଆର୍ମେନିଆ ହାତରେ ଭାରତ ନିଜ ଅସ୍ତ୍ରଶସ୍ତ୍ରର ମଲମ ଧରାଇ ଦେଇଛି । ଯାହା ଫଳରେ ଏକଦା ରୁଷିଆଠାରୁ ସବୁ ଅସ୍ତ୍ରଶସ୍ତ୍ର କ୍ରୟ କରୁଥିବା ଆର୍ମେନିଆ ଏବେ ଭାରତ ଦ୍ୱାରା ନିର୍ମିତ କ୍ଷେପଣାସ୍ତ୍ର, କ୍ଷେପଣାସ୍ତ୍ର ବ୍ୟବସ୍ଥା, ରାଡାର ପରେ ସୁଖୋଇ–୩୦ର ଆଧୁନିକୀକରଣ ଏବଂ ନୂଆ ଯୁଦ୍ଧ ବିମାନ ନିର୍ମାଣ ପାଇଁ ଭାରତ ଉପରେ ବିଶ୍ୱାସ ବୃଦ୍ଧି କରିଛି । ସେମିତି ୟୁରୋପର ରାଷ୍ଟ୍ରଗୁଡିକ ଜନସଂଖ୍ୟା, ଭିସାପ୍ରଦାନ, ଉତ୍ପାଦନ, ବିଶ୍ୱ ଯୋଗାଣ ବ୍ୟବସ୍ଥା ସମ୍ପର୍କରେ ଭାରତକୁ ଯେପରି ଟିଉସନ୍ କରୁଥିଲେ, ଏବେ ଆଉ କରିପାରୁନାହାନ୍ତି । କୋରୋନା ପର ସମୟରେ ୟୁକ୍ରେନ ଯୁଦ୍ଧ ଯୋଗୁ ରୁଷିଆର ବିରୋଧୀ ହେବାଯୋଗୁ ୟୁରୋପର ରାଷ୍ଟ୍ର ସମୂହ ପେଟ୍ରୋଲ–ଡିଜେଲ, ଗ୍ୟାସ ପରି ଆବଶ୍ୟକ ଦୈନନ୍ଦିନ ବସ୍ତୁ ପାଇଁ ତୃତୀୟ ପକ୍ଷଠାରୁ ଅଧିକ ଦରରେ କ୍ରୟ କରିବା ଯୋଗୁ ଆର୍ଥିକ ଦୃଷ୍ଟିରୁ କ୍ଷତିଗ୍ରସ୍ତ ହୋଇଛନ୍ତି । ପାକ୍–ଚୀନ ପରି ରାଷ୍ଟ୍ରକୁ ମୁକ୍ତ ବାଣିଜ୍ୟର ସୁବିଧା ପ୍ରଦାନ କରି ଭାରତକୁ ଆଜିଯାଏଁ ବାଣିଜ୍ୟିକ ସହଯୋଗରୁ ଦୂରେଇ ରଖିଛନ୍ତି ।

ସେମାନେ ଭାରତ ତୁଳନାରେ ଚୀନକୁ ଅଧିକ ଗୁରୁତ୍ୱ ଦେଇ ଭାରତକୁ ପରୀକ୍ଷାର କାଠଗଡାରେ ଛିଡା କରିଛନ୍ତି, କିନ୍ତୁ ଗଲୱାନ ଏବଂ ଡେପ୍‌ସାଙ୍ଗ୍ ମାମଲାରେ ଭାରତ ଚୀନକୁ ପଛକୁ ହଟିବାକୁ ବାଧ କରିବାକୁ ସକ୍ଷମ ହେବା ସହ ଚୀନର 'ବେଲ୍ଟ ଏଣ୍ଡ ରୋଡ'ର ବିରୋଧ କରିଆସିଛି । ତେଣୁ ଚୀନକୁ ଯେ ଭାରତ ଏକମାତ୍ର ରାଷ୍ଟ୍ରଭାବେ ସାମ୍ନା କରିବା ସହ ଚ୍ୟାଲେଞ୍ଜ ଦେଇପାରିବ,ଏହି ବିଶ୍ୱାସ ସେମାନଙ୍କ ମନରେ ସୃଷ୍ଟି ହେବାରେ ଲାଗିଛି । ଆଫଗାନ–ସିରିଆ–ୟେମେନ–ଇରାକ ସଂଘର୍ଷ କାଳରେ ଶସ୍ତା ଶ୍ରମିକ ପାଇବାକୁ ସୀମାର ୟୁରୋପର ରାଷ୍ଟ୍ରଗୁଡିକ ଅତି ଉତ୍ସାହିତ ହୋଇ ତାରବାଡ ଖୋଲି ଯେଉଁସବୁ ମୁସଲିମ ଶରଣାର୍ଥୀମାନଙ୍କୁ ଦେଶରେ ପ୍ରବେଶାଧିକାର ଦେଇଥିଲେ, ଏବେ ସେମାନେ ୟୁରୋପ ପାଇଁ ମୁଣ୍ଡବ୍ୟଥାର କାରଣ ହୋଇଛନ୍ତି । ଇସଲାମିକ ଆଇନ ପ୍ରଚଳନ, ବୁର୍ଖା ପରିଧାନ, ମୌଳବାଦର ପ୍ରଚାର, ସନ୍ତ୍ରାସର ଆଧାରରେ ସମସ୍ତଙ୍କୁ ଭୟଭୀତ କଲାପରି କାର୍ଯ୍ୟ ସେମାନେ କରି ଚାଲିଛନ୍ତି । ତେଣୁ ସେସବୁ ରାଷ୍ଟ୍ରରେ ଇସଲାମ–ବିରୋଧୀ ବାତାବରଣ ସୃଷ୍ଟି ହେବାରେ ଲାଗିଛି । ସଂପ୍ରତି ଶରଣାର୍ଥୀ ସମସ୍ୟା, ଇସଲାମିକ ସନ୍ତ୍ରାସକୁ ବିରୋଧ କରି ଅନେକ ରାଷ୍ଟ୍ରବାଦୀ ଦଳ ୟୁରୋପରେ ଆଗଧାଡିକୁ ଆସିବାକୁ ସକ୍ଷମ ହୋଇଛନ୍ତି ।

ଅଣକୁଶଳୀ, ଅଶିକ୍ଷିତ, ଅଭଦ୍ର ଶ୍ରମିକଙ୍କୁ ଦେଶରୁ ବାହାର କରିବାକୁ ସେହିସବୁ ଦେଶ ଏବେ ପ୍ରୟାସ କରିବା ସମୟରେ ସେମାନଙ୍କ ଅନୁପସ୍ଥିତିରେ ଯେଉଁ ଶ୍ରମିକ ଅଭାବ ଦେଖାଦେବ ସେହି ଶୂନ୍ୟସ୍ଥାନ ପୂରଣ କରିବାକୁ ସେମାନେ ଭାରତ ଉପରେ ଭରସା କରିଛନ୍ତି । କହିବାକୁ ଗଲେ କୋରୋନା, ୟୁକ୍ରେନ ଯୁଦ୍ଧ ଏବଂ ଇସଲାମ ଏବେ ୟୁରୋପର ବିଧିବ୍ୟବସ୍ଥାକୁ ଦୋହଲାଇ ଦେଇଛି ।

ଦ୍ୱିତୀୟ ବିଶ୍ୱଯୁଦ୍ଧ ପରଠାରୁ ଜନସଂଖ୍ୟା ସମସ୍ୟାକୁ ସାମ୍ନା କରି ଆସିଥିବା ୟୁରୋପର ଅନେକ ଦେଶ ଏବେ ବାଧ ହୋଇ ଭାରତ ପାଇଁ ଭିସା ସଂଖ୍ୟା ବୃଦ୍ଧି କରିବାକୁ ଘୋଷଣା କଲେଣି । ଜର୍ମାନୀ ବାର୍ଷିକ ୨୦,୦୦୦ରୁ (ପୁରୁଣା ହିସାବ ଅନୁଯାୟୀ) ୯୦,୦୦୦ ଭାରତୀୟଙ୍କୁ ଭିସାଦେବା ତା'ର ସ୍ପଷ୍ଟ ପ୍ରମାଣ । ଫ୍ରାନ୍ସ, ସ୍ପେନ ପରି ରାଷ୍ଟ୍ର ସେମାନଙ୍କ ଯୁଦ୍ଧ ଓ ପରିବହନ ବିମାନ ନିର୍ମାଣ କମ୍ପାନୀର ଶାଖା ଭାରତରେ ଖୋଲିବାକୁ ବାଧ ହେବା ମଧ୍ୟ ସମୟର ଆବଶ୍ୟକତା । କାରଣ ସଂଖ୍ୟାଧିକ ଶିକ୍ଷିତ ଶ୍ରମିକ, ଗଣତାନ୍ତ୍ରିକ ବ୍ୟବସ୍ଥା, ଇଂଜିନିୟରିଂ ଏବଂ ମେଡିକାଲ ଗ୍ରାଜୁଏଟଙ୍କ ଭଲସଂଖ୍ୟା ଏବେ ଭାରତରେ ଥିବାରୁ ୟୁରୋପର ଦେଶଗୁଡିକ ସେମାନଙ୍କ ଦେଶର ସ୍ୱାସ୍ଥ୍ୟସେବା, ଆଇଟି ଶିଳ୍ପ, ନିର୍ମାଣ କ୍ଷେତ୍ରର ବିକାଶପାଇଁ ଭାରତର ଲୋକଙ୍କୁ ନିଯୁକ୍ତି ଦେବାକୁ ଆଗ୍ରହୀ । ଖୁବ୍ ଶୀଘ୍ର ଭାରତରୁ ପ୍ରତିବର୍ଷ ୟୁରୋପକୁ ୧୦ଲକ୍ଷ ଲୋକେ କାର୍ଯ୍ୟ କରିବାକୁ ଯିବେ, ଯାହା ଆଗାମୀ ବର୍ଷଗୁଡିକରେ ୫୦ଲକ୍ଷକୁ ଛୁଇଁବ ଏଥିରେ ସନ୍ଦେହ ନାହିଁ । କାରଣ ସେମାନେ ଲକ୍ଷ୍ୟ କରିଛନ୍ତି ଯେ ମଧ୍ୟପ୍ରାଚ୍ୟର ସାଉଦି ଆରବ, ସଂଯୁକ୍ତ ଆରବ ଅମିରାତ, କାତାର ପରି ରାଷ୍ଟ୍ରରେ ତେଲ ଥିଲେ ମଧ୍ୟ ମୂଲ ଲାଗିବାକୁ ଲୋକେ ନାହାନ୍ତି ।

ସେସବୁ ଦେଶର କାୟାକଳ୍ପ ପରିବର୍ତ୍ତନରେ ଭାରତୀୟଙ୍କ ବଡ ଭୂମିକା ରହିଛି, ଏଥିରେ ସନ୍ଦେହ ନାହିଁ । ଆମେରିକାରୁ ୟୁରୋପ, ଅଷ୍ଟ୍ରେଲିଆରୁ ଏମିରେଟ ସବୁଠି ଭାରତୀୟ ଲୋକେ ଶୃଙ୍ଖଳିତ ହୋଇ କାର୍ଯ୍ୟ କରୁଛନ୍ତି । ଦେଶର ଆର୍ଥିକ ବିକାଶରେ ସାମିଲ ହୋଇଛନ୍ତି । ସେ ଦୃଷ୍ଟିରୁ ଆଗାମୀ ଦିନରେ ୟୁରୋପର ବିକାଶ ପାଇଁ ଭାରତୀୟମାନେ ବଡ ଭୂମିକା ନେବେ ଏଥିରେ ସନ୍ଦେହ ନାହିଁ । ଗୋଟିଏ ପରେ ଗୋଟିଏ ଦେଶ ନିଜ ଦେଶରେ ଭାରତୀୟ କୁଶଳୀ ଲୋକଙ୍କୁ ସୁଯୋଗ ଦେଇ ନିଯୁକ୍ତି ଦେବାକୁ ଆଗ୍ରହ ପ୍ରକାଶ କରିବାରେ ଲାଗିଛନ୍ତି ।

ବର୍ତ୍ତମାନର କେନ୍ଦ୍ରରେ ଥିବା ମୋଦୀ ସରକାରଙ୍କ ଦୂରଦୃଷ୍ଟିସଂପନ୍ନ ନୀତି ଯୋଗୁ ଭାରତ ଅର୍ଥନୀତିରେ ୧୦ବର୍ଷରେ ୧୦ମ ସ୍ଥାନରୁ ଉଠି ୫ମ ସ୍ଥାନରେ ପହଞ୍ଚି ତୃତୀୟ ସ୍ଥାନକୁ ଯିବାଲାଗି ପ୍ରୟାସ ଆରମ୍ଭ କରିଦେଇଛି । ୨୦୪୭କୁ ଆଖି ଆଗରେ ରଖି ଭାରତ ସରକାର ଏବେଠୁ ଯୋଜନା କରିବାରେ ଲାଗିପଡିଛନ୍ତି, ବିକଶିତ ଭାରତର ନକ୍ସା ପ୍ରସ୍ତୁତିରେ ଲାଗିଛନ୍ତି ।

ୟୁକ୍ରେନ ସହ ଯୁଦ୍ଧପରେ କଟକଣା ଯୋଗୁ ରୁଷିଆ ମଧ୍ୟ ଉତ୍ପାଦନ, ପରିଚାଳନା, ମରାମତି କ୍ଷେତ୍ରରେ ପଛରେ ପଡିଯାଇଛି । ଯାତ୍ରୀ ପରିବହନ ପାଇଁ ବିମାନର ଅଭାବ ଦେଖାଦେଇଥିବା ଯୋଗୁ ଭାରତୀୟ ବିମାନ ପରିବହନ କମ୍ପାନୀ ଉପରେ ଦୃଷ୍ଟି ପକାଇଛି । ସ୍ୱୀଡେନର ସାବ୍ ଯୁଦ୍ଧ ବିମାନ ଭାରତରେ ଉତ୍ପାଦନ ପାଇଁ ଆଗ୍ରହ ପ୍ରକାଶ କରିଛି । ଆଗାମୀ ଦିନରେ ଅନେକ ୟୁରୋପ କମ୍ପାନୀ ଭାରତକୁ ଆସିବେ ଏଥିରେ ଦ୍ୱିମତ ହେବାର ନାହିଁ । ଜର୍ମାନୀର ଚାନସେଲର ସ୍କଲାଜ୍ ଭାରତ ସମ୍ପର୍କରେ ଏକ ସ୍ୱତନ୍ତ୍ର ନୀତିପତ୍ର ପ୍ରସ୍ତୁତ କରିଛନ୍ତି ।

ସମସ୍ତପ୍ରକାର ନାଲିଆଖି, ସମାଲୋଚନା, କଟକଣାର ଭୟ ସତ୍ତ୍ୱେ ଭାରତ ଯେପରି ରୁଷିଆ ସହ ବନ୍ଧୁତାରକ୍ଷା କରିଆସିଛି, ତାହା ସେମାନଙ୍କୁ ଚକିତ କରିଛି । କଷ୍ଟକର ସମୟରେ ବନ୍ଧୁରାଷ୍ଟ୍ରକୁ ସାହାଯ୍ୟ କରିବାରେ ଭାରତର ଆଗ୍ରହ ଦେଖି ୟୁରୋପର ରାଷ୍ଟ୍ର ସମୂହ ଭାରତ ପ୍ରତି ଆକର୍ଷିତ ହେଉଛନ୍ତି । ହେଲେ ଜେ. ଜୟଶଙ୍କର ୟୁରୋପରେ ସେମାନଙ୍କ ନୀତିକୁ, ଭାରତରେ ଜର୍ମାନୀ ଭାଇସ ଚାନସେଲରଙ୍କୁ, ପୀୟୂଷ ଗୋୟଲ ଜର୍ମାନୀ କମ୍ପାନୀଙ୍କ ଦୋମୁହାଁ ନୀତିର କଠୋର ସମାଲୋଚନା କରିବାକୁ ପଛାଇ ନାହାନ୍ତି । ବ୍ରିଟେନ, କାନାଡା, ଆମେରିକା ପରି ରାଷ୍ଟ୍ରଙ୍କ ଭାରତକୁ ନିୟନ୍ତ୍ରଣ କରିବା ନୀତି ମଧ୍ୟ ସଫଳ ହୋଇପାରିନାହିଁ । ଭାରତ ନିକଟରେ କାନାଡାରୁ କୂଟନୀତିଜ୍ଞଙ୍କୁ ପ୍ରତ୍ୟାହାର କରି ସେଠାକାର ସରକାରଙ୍କୁ ଜବାବ ଦେଇଛି ।

ଜର୍ମାନୀର ଚାନ୍‌ସେଲର ସ୍କଲାଜ ଏବଂ ସ୍ପେନ ରାଷ୍ଟ୍ରପତି ସାସେ୍ ଭାରତର ସ୍ପଷ୍ଟ ନୀତିକୁ ଏବେ ବୁଝିପାରିଛନ୍ତି । ଦୁହେଁ ନିକଟରେ ଭାରତ ଗସ୍ତକରି ଦ୍ୱିପାକ୍ଷିକ ସମ୍ପର୍କ ଓ ବାଣିଜ୍ୟ ପାଇଁ ମାର୍ଗ ପ୍ରସ୍ତୁତ କରିବା ଲାଗି ପ୍ରୟାସ କରିଛନ୍ତି । ଫ୍ରାନ୍ସ ଯେପରି ପ୍ରତିରକ୍ଷା କ୍ଷେତ୍ରରେ ଭାରତଠୁ ଲାଭବାନ ହୋଇଛି, ସେମିତି ସେମାନେ ଲାଭବାନ ହେବାକୁ ଚାହୁଁଛନ୍ତି । ଭାରତର ପ୍ରତିରକ୍ଷା ପ୍ରକଳ୍ପଗୁଡିକୁ ହାତେଇବା ଲାଗି ଚାହୁଁଛନ୍ତି । ବୃହତ ଶକ୍ତିଙ୍କ ସହ ସନ୍ତୁଳନ ରକ୍ଷା କରି ଅନ୍ୟ ରାଷ୍ଟ୍ରକୁ ନିଜର କରିବା ଦୃଷ୍ଟିକୋଣ ଭାରତ ନେଉଥିବା ଦେଖି ୟୁରୋପ ଏବେ ଭାରତ ମୁହାଁ ହୋଇଛି ।

**ଭୁବନେଶ୍ୱର–୭୫୧୦୦୩**

# ପୁଣ୍ୟ ମାସ 'କାର୍ତ୍ତିକ'

**ହେମନ୍ତ କୁମାର ପରିଡ଼ା**

ହିନ୍ଦୁ ପଞ୍ଜିକାରେ ବାର ମାସ ମଧ୍ୟରୁ କାର୍ତ୍ତିକ ମାସକୁ ପୁଣ୍ୟ ପବିତ୍ର ମାସ ବୋଲି ବିବେଚନା କରାଯାଏ । ଏହି ମାସକୁ ସବୁଠୁ ଅଧିକ ଧର୍ମ ତଥା ପୁଣ୍ୟ ମାସ ମନେକରି ଲୋକମାନେ ଭଗବାନ ଶିବଙ୍କର ଆରାଧନା କରନ୍ତି । କଥିତ ଅଛି, ଉଭୟ ଶୈବ ଏବଂ ବୈଷ୍ଣବ ଭକ୍ତଗଣ ଜୀବନର ସବୁ ଶୃଙ୍ଖଳାକୁ କଠୋର ଭାବରେ ପାଳନ କରିବା ସହିତ ଆଧ୍ୟାତ୍ମିକ ଧାରାର ରୀତିନୀତିକୁ ବିଶେଷ ଗୁରୁତ୍ୱ ଦେଇଥାନ୍ତି । ଲୋକଙ୍କ ମଧ୍ୟରେ ବିଶ୍ୱାସ ରହିଛି, କାର୍ତ୍ତିକ ମାସରେ ବ୍ରତ ପାଳନ କଲେ ସୁଖମୟ ଓ ନିରାମୟ ଜୀବନଯାପନ ସହ ମୋକ୍ଷ ପ୍ରାପ୍ତ ହୁଏ । କୁମାର ପୂର୍ଣ୍ଣିମା ପରଦିନଠାରୁ କାର୍ତ୍ତିକ ମାସର ଆରମ୍ଭ ହୋଇଥାଏ । ବାର ମାସ ମଧ୍ୟରୁ ଭଗବାନ ମହାଦେବଙ୍କ ପ୍ରିୟର ମାସ ହେଉଛି କାର୍ତ୍ତିକ । କାର୍ତ୍ତିକ ମାସର ପ୍ରତ୍ୟେକ ସୋମବାର ଦିନ ପ୍ରାୟ ଲୋକେ ଉପବାସ କରିଥାନ୍ତି । ଇଂରାଜୀ କ୍ୟାଲେଣ୍ଡର ଅନୁସାରେ ଅକ୍ଟୋବରର ଶେଷ ଓ ନଭେମ୍ବର ମାସର ପ୍ରଥମ ଭାଗରେ ଏହି ବ୍ରତ ଆରମ୍ଭ ହୁଏ । ବ୍ରତ କରୁଥିବା ଶ୍ରଦ୍ଧାଳୁଙ୍କ ମନରେ ଏକ ଆଧ୍ୟାତ୍ମିକ ବିଶ୍ୱାସ ଆସେ ଯେ ଭଗବାନ ବିଷ୍ଣୁ ଏବଂ ମହାଦେବ ଏକ ଅଟନ୍ତି । ତେଣୁ ଏହି ମାସରେ ବିଷ୍ଣୁ ଅଥବା ଶିବଙ୍କୁ ପୂଜାର୍ଚ୍ଚନା କଲେ ଧର୍ମୀୟ ସୌଭାଗ୍ୟ ମିଳେ ବୋଲି ଲୋକଙ୍କ ମଧ୍ୟରେ ବିଶ୍ୱାସ ରହିଛି । ଏହି ମାସରେ ଶ୍ରଦ୍ଧାଳୁ, ବିଷ୍ଣୁ ସହସ୍ର ନାମ ଅବା ଶିବ ସହସ୍ର ନାମ, ଶିବସ୍ତୋତ୍ର ଆଦି ବେଶ୍ ଭକ୍ତିର ସହ ଜପ କରିଥାନ୍ତି ।

କାର୍ତ୍ତିକ ମାସରେ ପ୍ରାତଃସ୍ନାନ କଲେ ସମସ୍ତ ବିଘ୍ନ ନାଶ ଏବଂ ମନୋବାଞ୍ଛା ପୂରଣ ହୋଇଯାଏ ବୋଲି ପଦ୍ମପୁରାଣରେ ଉଲ୍ଲେଖ ଅଛି । ବାସ୍ତବରେ କାର୍ତ୍ତିକ ମାସରେ ପ୍ରତ୍ୟୁଷରୁ ଯେଉଁ ବ୍ରତୀ ପୁଷ୍କରିଣୀରେ ସ୍ନାନ କରେ ସେ ପାଞ୍ଚଗୁଣ ଧର୍ମଫଳ ପ୍ରାପ୍ତ ହୁଏ ବୋଲି ମଧ୍ୟ ଲୋକଙ୍କ ମଧ୍ୟରେ ଧାରଣା ହୋଇଛି । ଏହି ସ୍ନାନ ପରେ ପରିଧାନ କରୁଥିବା ବସ୍ତ୍ରର ବର୍ଣ୍ଣ ବିଶେଷକରି ଶୁକ୍ଳ ଏବଂ ହଳଦିଆ ହୋଇଥିବା ବିଧେୟ । ଏହି ମାସରେ ପଳାଶ ପତ୍ରର ଗୁରୁତ୍ୱ ସର୍ବାଧିକ ଅନୁଭବ କରାଯାଇଥାଏ ବୋଲି ବିଶ୍ୱାସ ଅଛି । ଏହା ବ୍ରହ୍ମାଙ୍କ ସ୍ୱରୂପ ବୋଲି ଶାସ୍ତ୍ରରେ ବର୍ଣ୍ଣନା ରହିଛି । କାର୍ତ୍ତିକ ମାସରେ ଅରୁଣୋଦୟରେ ଜାଗରଣ ପୂର୍ବକ ଶଯ୍ୟାତ୍ୟାଗ, ତିଳଦାନ, ସତ୍‌କଥା ଶ୍ରବଣ, ବୈଷ୍ଣବ ଜନସମ୍ପର୍କ, ସାଧୁସେବା, ସର୍ବକାମଦ ମୁକ୍ତିଦାୟକ ପଳାଶ ପତ୍ରରେ ଭୋଜନ କରି ଦାମୋଦରଙ୍କ ପୂଜାର୍ଚ୍ଚନା କଲେ ଗୋସହସ୍ର ଦାନର ଫଳ ଲାଭ ହୁଏ । ପୁରାଣ କଥାବସ୍ତୁ ଅନୁସାରେ, ଭଗବାନ ବିଷ୍ଣୁ ଆଷାଢ଼ ଶୁକ୍ଳ ଏକାଦଶୀ ଦିନ ନିଦ୍ରା ଯାଇ କାର୍ତ୍ତିକ ଶୁକ୍ଳ ଏକାଦଶୀ ଦିନ ଜାଗ୍ରତ ହୁଅନ୍ତି । କଥିତ ଅଛି, ଭଗବାନ ଶିବ କାର୍ତ୍ତିକ ପୂର୍ଣ୍ଣିମା ଦିନ ତ୍ରିପୁରାସୁରକୁ ବଧ କରି ବ୍ରହ୍ମାଣ୍ଡକୁ ରକ୍ଷା କରିଥିଲେ । ଏ ମାସରେ ଦେବୀ ଗଙ୍ଗା ବା ଗଙ୍ଗାନଦୀ ସମସ୍ତ ନଦୀ, ପୁଷ୍କରିଣୀ ଆଦିରେ ପ୍ରବେଶ କରିଥାନ୍ତି ବୋଲି କଥିତ ରହିଛି । ତେଣୁ ଗଙ୍ଗାନଦୀ ଭଳି ଏମାନେ ବି ପବିତ୍ର ହେବାର ସୁଯୋଗ ଲାଭ କରନ୍ତି ।

**କଥିତ ଅଛି, ଉଭୟ ଶୈବ ଏବଂ ବୈଷ୍ଣବ ଭକ୍ତଗଣ ଜୀବନର ସବୁ ଶୃଙ୍ଖଳାକୁ କଠୋର ଭାବରେ ପାଳନ କରିବା ସହିତ ଆଧ୍ୟାତ୍ମିକ ଧାରାର ରୀତିନୀତିକୁ ବିଶେଷ ଗୁରୁତ୍ୱ ଦେଇଥାନ୍ତି । ଲୋକଙ୍କ ମଧ୍ୟରେ ବିଶ୍ୱାସ ରହିଛି, କାର୍ତ୍ତିକ ମାସରେ ବ୍ରତ ପାଳନ କଲେ ସୁଖମୟ ଓ ନିରାମୟ ଜୀବନଯାପନ ସହ ମୋକ୍ଷ ପ୍ରାପ୍ତ ହୁଏ ।**

ପୁଣ୍ୟ ମାସ କାର୍ତ୍ତିକରେ ନଦୀରେ ସ୍ନାନ କରି ଭକ୍ତମାନେ ଶିବଙ୍କର ଉପାସନା କରିଥାନ୍ତି । ଯାହାକୁ କି କାର୍ତ୍ତିକ ସ୍ନାନ କୁହାଯାଏ । ହିନ୍ଦୁ ପରମ୍ପରାରେ କାର୍ତ୍ତିକ ସ୍ନାନର ଏକ ସ୍ୱତନ୍ତ୍ରତା ରହିଛି, ଯାହାକି ସୂର୍ଯ୍ୟୋଦୟ ଆଗରୁ କରିବା ବିଧେୟ। । କେତେକ ବୈଜ୍ଞାନିକ କାରଣରୁ ମଧ୍ୟ ପ୍ରବାହିତ ହେଉଥିବା କୌଣସି ଏକ ଜଳାଶୟରେ କାର୍ତ୍ତିକ ମାସରେ ୧୫ ମିନିଟ୍ ଗାଧୋଇଲେ ପେଟ ସମ୍ବନ୍ଧୀୟ ସମସ୍ୟା, ଲିଭର ସମସ୍ୟା ଭଳି ରୋଗରୁ ମଣିଷ ଆରୋଗ୍ୟ ଲାଭ କରିବାର ସମ୍ଭାବନା ରହିଛି । ଏହା ଚୁମ୍ବକୀୟ ଥେରାପି ହେତୁ ହୋଇଥାଏ । କାର୍ତ୍ତିକ ମାସକୁ ରାଇ ଦାମୋଦର ମାସ ବି କୁହାଯାଏ । କାରଣ ଏହି ମାସରେ ବିଷ୍ଣୁଙ୍କ ଆରାଧନା କରାଯାଇଥାଏ । ଯେଉଁମାନେ ତିରିଶ ଦିନ ଯାକ ପୂଜାବିଧି କରିନପାରନ୍ତି ସେମାନେ ଅତି କମ୍‌ରେ ଦଶ ଦିନ ନିଷ୍ଠାର ସହ ଭଗବାନଙ୍କୁ ସ୍ମରଣ କରନ୍ତି । କାର୍ତ୍ତିକ ମାସ ଭଳି ଧର୍ମୀୟ ମାସ ଆଉ ନଥିବା କଥା ପୁରାଣରେ ବର୍ଣ୍ଣିତ । ଉଭୟ ମହାଦେବ ଏବଂ ବିଷ୍ଣୁଙ୍କର ଏହା ଅତିପ୍ରିୟ ମାସ ।

ଏ ମାସର ଅନ୍ୟ ଏକ ବୈଶିଷ୍ଟ୍ୟ ହେଉଛି ଦୀପଦାନ । ଭଗବାନଙ୍କୁ ଦୀପ, ପୁଷ୍ପ, ଭୋଗ ଅର୍ପଣ କରାଯାଇ ଭକ୍ତ ନିଜର ଗୁହାରି ଜଣାଇଥାଏ । ତେଣୁ ଏହି ମାସରେ ମନ୍ଦିରରେ ଦୀପ ଜାଳିଲେ ଅଧିକ ପୁଣ୍ୟଲାଭ ହୁଏ ବୋଲି ବିଶ୍ୱାସ ରହିଛି । ହିନ୍ଦୁ ମହିଳାମାନେ କାର୍ତ୍ତିକ ଶୁକ୍ଳ ପଞ୍ଚମୀ ଠାରୁ ପୂର୍ଣ୍ଣିମା ପର୍ଯ୍ୟନ୍ତ ଚଉରା ଉପରେ ଠାକୁରଙ୍କ ଉଦ୍ଦେଶ୍ୟରେ ଏକ ଠେକିରେ ଦୀପକୁ ରଖି ପ୍ରଜ୍ୱଳିତ କରାଯାଇଥାଏ । ଏହା ଦୀର୍ଘ ସମୟ ଧରି ଜଳିଥାଏ । ଏହାକୁ 'ଆକାଶ ଦୀପ' ବୋଲି କୁହାଯାଇଥାଏ । କାର୍ତ୍ତିକ ପୂର୍ଣ୍ଣିମା ଦିନସାରା ଓଷା, ବ୍ରତ ପାଳନ କରାଯାଇଥାଏ । ମହାଦେବଙ୍କ ପାଖରେ ଦିନଟି ସବୁଠାରୁ ଅଧିକ ଧର୍ମ, ପୁଣ୍ୟ ଅର୍ଜନ କରିବାର ଦିବସ । କାର୍ତ୍ତିକ ପୂର୍ଣ୍ଣିମା ସହ ତାରକାସୁର କାହାଣୀ ଜଡ଼ିତ । ମହାଦେବଙ୍କ ପୁତ୍ର କାର୍ତ୍ତିକ ତାରକାସୁରକୁ ଏହି ଦିନ ବଧ କରିଥିଲେ । ଅପରପକ୍ଷେ ଭଗବାନ ବିଷ୍ଣୁଙ୍କ ମତ୍ସ୍ୟ ଅବତାରକୁ ମଧ୍ୟ ଏହି ଦିନରେ ସ୍ମରଣ କରାଯାଇଥାଏ । ଭକ୍ତ ମନୁଙ୍କୁ ରକ୍ଷା କରିବା ପାଇଁ ଏହି ପୂର୍ଣ୍ଣିମାରେ ବିଷ୍ଣୁ ମତ୍ସ୍ୟ ରୂପ ଧାରଣ କରିଥିଲେ, ବୋଲି ପୁରାଣରେ ବର୍ଣ୍ଣିତ ଅଛି । ପୂର୍ଣ୍ଣିମା ଦିନ ପ୍ରତ୍ୟୁଷରୁ ପ୍ରାୟ ସମସ୍ତ ନରନାରୀ ନଦୀସ୍ନାନ କରି ଡଙ୍ଗା ଭସାଇଥାନ୍ତି । ଏହାପରେ ନିଜର ସୁଖ, ସମୃଦ୍ଧି ପାଇଁ ମନ୍ଦିର ଯାଇ ପୂଜାର୍ଚ୍ଚନା କରିଥାନ୍ତି । ଏହିଦିନ ଠାରୁ ବଣିକମାନେ ବିଦେଶକୁ ବେପାର ବଣିଜ ପାଇଁ ନିଜର ଯାତ୍ରା ଆରମ୍ଭ କରିଦିଅନ୍ତି ।

ଦୀପାବଳି ଅମାବାସ୍ୟାର ଚାରିଦିନ ପରେ ନାଗ ଚତୁର୍ଥୀ ପଡ଼େ । ଏହି ଦିନ ନାଗ ଦେବତାଙ୍କ ପୂଜା କରାଯାଇଥାଏ । ପରେ ପରେ ନାଗ ପଞ୍ଚମୀ, ନାଗଷଷ୍ଠୀ ପାଳନର ବିଧି ରହିଛି । କାର୍ତ୍ତିକ ମାସରେ ଏକାଦଶୀ ପାଳନ ବି ହିନ୍ଦୁ ଭକ୍ତମାନଙ୍କ ପାଇଁ ବେଶ ମଙ୍ଗଳଦାୟକ। ନୈବେଦ୍ୟ ଭଗବାନଙ୍କୁ ଅର୍ପଣ କରି ଭକ୍ତମାନଙ୍କ ମଧ୍ୟରେ ପ୍ରସାଦ ବଣ୍ଟନ କରାଯାଏ । କାର୍ତ୍ତିକ ମାସର ପ୍ରତ୍ୟେକ ସୋମବାରରେ ବ୍ରତ ରଖିବା ଦ୍ୱାରା ଭକ୍ତର ଜୀବନକାଳରେ ସୁଖ, ସମୃଦ୍ଧି ସହ ମୃତ୍ୟୁ ପରେ ସ୍ୱର୍ଗପ୍ରାପ୍ତି ହୋଇଥାଏ ବୋଲି ବିଶ୍ୱାସ ରହିଛି । ଏହି ଦିନ ଭଗବାନଙ୍କୁ ଦର୍ଶନ କରିବା ସହ ଶିବଙ୍କ ନାମ ଜପ କରିବାକୁ ପଡ଼େ ।

ଏହାବ୍ୟତୀତ ପୂର୍ଣ୍ଣିମା ପୂର୍ବଦିନ ଓଡ଼ିଆ ମହିଳାମାନେ ଅନେକେ 'ବଡ଼ଓଷା' ବ୍ରତ ପାଳନ କରିଥାନ୍ତି । ଏହିଦିନ ଗଜପିଠା ପ୍ରସ୍ତୁକ କରାଯାଇ ଭଗବାନଙ୍କ ଉଦ୍ଦେଶ୍ୟରେ ଭୋଗ କରାଯାଇଥାଏ । କାର୍ତ୍ତିକ ପୂର୍ଣ୍ଣିମାର ପୂର୍ବ ପାଞ୍ଚଦିନ ଅର୍ଥାତ୍ ଏକାଦଶୀ ଠାରୁ ପୂର୍ଣ୍ଣିମା ପର୍ଯ୍ୟନ୍ତ ଦିନଗୁଡ଼ିକୁ ପଞ୍ଚୁକ ଭାବେ ପାଳନ କରାଯାଏ । ଏହି ପାଞ୍ଚଦିନ ପ୍ରତ୍ୟୁଷରୁ ଦେବୀ ବୃନ୍ଦାବତୀଙ୍କ ନିକଟରେ ମହିଳାମାନେ ମୁରୁଜ ପକାଇ ନିଷ୍ଠାର ସହ ପୂଜାର୍ଚ୍ଚନା କରିଥାନ୍ତି । ସମୁଦାୟ ମାସ ମଧ୍ୟରୁ ଏହି ପାଞ୍ଚଦିନର ଗୁରୁତ୍ୱ ଯଥେଷ୍ଟ ଅଧିକ । ଲୋକ ବିଶ୍ୱାସ ରହିଛି ଯେ, ପଞ୍ଚୁକରେ ମନୁଷ୍ୟ ବ୍ୟତୀତ କେତେକ ପଶୁପକ୍ଷୀ ଏପରିକି 'ବଗ' ମଧ୍ୟ ଆମିଷ ଆହାର ବର୍ଜନ କରିଥାଏ ।

ସ୍ୱାମୀ ହରାଇ ଥିବା ମହିଳାମାନେ ବେଶ ନିଷ୍ଠା ସହକାରେ କାର୍ତ୍ତିକ ମାସକୁ ଅପେକ୍ଷା କରି ରହିଥାନ୍ତି । କାରଣ ଏହି ମାସରେ ସେମାନେ ଅଧିକାଂଶ ପ୍ରତ୍ୟହ ଥରେ ମାତ୍ର ଶୁଦ୍ଧପୂତ ଭାବରେ ସ୍ୱତନ୍ତ ଭାବେ ପାକ କରି 'ଅନ୍ନ ସହ ଡାଲମା, ଅଗସ୍ତି ଶାଗ' ଆଦି ଭୋଜନ କରିଥାନ୍ତି । ମାସ ସାରା ପାଳନ ,ହଉଥିବା ଏହି ବ୍ରତକୁ 'ହବିଷ୍ୟ' ବୋଲି କୁହାଯାଇଥାଏ । ଏହି ମାସର ମୁଖ୍ୟ ତଥା ପ୍ରଧାନ ବ୍ରତ କହିଲେ ହବିଷ୍ୟାଳିଙ୍କ ବ୍ରତ ଉପାସନାକୁ ବୁଝାଯାଏ । ବର୍ଷଯାକର ଅଭିଳାଷକୁ ଈଶ୍ୱରଙ୍କ ପାଖରେ ସମର୍ପିତ କରିବା ପାଇଁ ଏଇ ମାସରେ ଧର୍ମ ଓ ପୁଣ୍ୟ କାମ କରିବାକୁ ସମସ୍ତେ ତତ୍ପର ଯେପରି ହୋଇଉଠନ୍ତି । ଏଥିପାଇଁ ଅନେକ ହବିଷ୍ୟାଳି ପୁରୀ ଶ୍ରୀମନ୍ଦିରରେ ମାସ ସାରା ରହି ହବିଷ୍ୟାନ୍ନ ଭୋଜନ କରିବା ସହ ପୂଜାବିଧି ଓ ରୀତିନୀତିକୁ ଶୃଙ୍ଖଳାର ସହ ପାଳନ କରିଥାନ୍ତି । କେହି କେହି ନିଜ ଗୃହରେ ରହି ମଧ୍ୟ ଏହି ହବିଷ ପାଳନ କରିଥାନ୍ତି । ମଣିଷ ନିଜର ଆତ୍ମା ଶରୀରର ପବିତ୍ରତା ପାଇଁ କାର୍ତ୍ତିକ ମାସକୁ ଏକ ପୁଣ୍ୟ ସେତୁ ଭାବେ ଗ୍ରହଣ କରିଥାଏ ।

**ମାଳତୀକୁଞ୍ଜ, ପ୍ଲଟନଂ ୫୨୬/ଡି,**
**ସେକ୍ଟର–୧୦, ସିଡିଏ, କଟକ,**
**ମୋ–୮୭୬୩୧୦୭୧୨୬**

ସମ୍ପାଦକୀୟ ପୃଷ୍ଠାପାଇଁ ଆଲେଖ୍ୟ ଏବଂ ସମ୍ପାଦକଙ୍କୁ ପତ୍ର, ଆପଣ ଆମକୁ ନିମ୍ନ ଇ–ମେଲ୍‌ରେ ପଠାଇପାରିବେ । (ସମସ୍ତ ଲେଖାରେ ଲେଖକଙ୍କ ସମ୍ପୂର୍ଣ୍ଣ ଠିକଣା ସହ ମୋବାଇଲ ନମ୍ବର ଏବଂ ଫଟୋ ରହିବା ଆବଶ୍ୟକ )
samayaeditorial2021@gmail.com

**ଏହି ପୃଷ୍ଠାରେ ସ୍ଥାନିତ ଆଲେଖ୍ୟଗୁଡ଼ିକର ତଥ୍ୟ,ମତାମତ ଆଦି ଲେଖକଙ୍କ ଏକାନ୍ତ ନିଜସ୍ୱ । ଏଥିପାଇଁ 'ସମୟ' କର୍ତ୍ତୃପକ୍ଷ ଦାୟୀ ନୁହଁନ୍ତି ।**

## କଳିଙ୍ଗ ହର୍ବାଲ ମେଳା ଉଦ୍‌ଘାଟିତ

# ଗୁଳ୍ମଲତାର ଔଷଧୀୟ ଗୁଣକୁ ବ୍ୟବହାର ବ୍ୟାଧି ନିରାକରଣରେ ସହାୟକ ହେବ : ଜଙ୍ଗଲ ମନ୍ତ୍ରୀ

ଭୁବନେଶ୍ୱର, (ସବ୍ୟୁ): ରାଜ୍ୟ ଔଷଧୀୟ ଗୁଳ୍ମଲତା ବୋର୍ଡ ଆନୁକୂଲ୍ୟରେ ଆୟୋଜିତ ସପ୍ତଦଶ ରାଜ୍ୟସ୍ତରୀୟ କଳିଙ୍ଗ ହର୍ବାଲ ମେଳା ଆଜି ୟୁନିଟ୍-୩ ସ୍ଥିତ ପ୍ରଦର୍ଶନୀ ପଡ଼ିଆ ପରିସରରେ ଉଦ୍‌ଘାଟିତ ହୋଇଯାଇଛି । ଏଥିରେ ମୁଖ୍ୟଅତିଥି ରୂପେ ଯୋଗଦେଇ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ଗଣେଶରାମ ସିଂ ଖୁଣ୍ଟିଆ କହିଲେ ଯେ, ଆମର ଜୀବନଶୈଳୀ କ୍ରମଶଃ ଅତ୍ୟାଧୁନିକ ହେବାରେ ଲାଗିଛି । ଆମେ ଯନ୍ତ୍ର ଉପରେ ଅଧିକରୁ ଅଧିକ ନିର୍ଭର କରୁଛୁ । ପ୍ରକୃତି ଓ ପ୍ରକୃତିଦତ୍ତ ସମ୍ପଦର ଉପଯୋଗରୁ ଆମେ ଧୀରେ ଧୀରେ ଦୂରେଇ ଯାଉଛୁ । ଫଳରେ ନାନାଦି ରୋଗବ୍ୟାଧିରେ ପୀଡ଼ିତ ହୋଇ ସିନ୍ଥେଟିକ୍ ଔଷଧ ନେବାକୁ ଆଗ୍ରହ ପ୍ରକାଶ କରୁଛୁ । ମାତ୍ର, ସେସବୁ ଔଷଧଗୁଡ଼ିକର ପାର୍ଶ୍ୱ ପ୍ରତିକ୍ରିୟା ରୋଗକୁ ଅଧିକ ଜଟିଳ କରିଦେଉଛି । ବିଶ୍ୱର ଅଧିକାଂଶ ବିକଶିତ ଦେଶ ରୋଗବ୍ୟାଧିରୁ ମୁକ୍ତି ପାଇଁ ମୂଲ୍ୟବାନ ପ୍ରାକୃତିକ ଗୁଳ୍ମଲତାର ଉପଯୋଗ ଆରମ୍ଭ କଲେଣି । ଆୟୁର୍ବେଦର ଜନ୍ମମାଟି ଭାରତବର୍ଷ କୋଟି କୋଟି ଟଙ୍କା ଖର୍ଚ୍ଚ କରି ବିଦେଶରୁ ଔଷଧ ଆମଦାନୀ କରିବା ପରିବର୍ତ୍ତେ ପ୍ରାକୃତିକ ବ୍ୟାଧି ନିରାକରଣ ପ୍ରକ୍ରିୟାକୁ ଆପଣାଇ ନେବାର ଆବଶ୍ୟକତା ସମସ୍ତେ ଉପଲବ୍ଧି କରିବା ଉଚିତ୍ । ବୁଧବାର ଅନୁଷ୍ଠିତ ସପ୍ତାହବ୍ୟାପୀ ହର୍ବାଲ ମେଳା ଜନସାଧାରଣଙ୍କୁ ପ୍ରାକୃତିକ ଉପଚାର ସମ୍ପର୍କରେ ସଚେତନ କରି ଔଷଧୀୟ ବୃକ୍ଷରୋପଣ କରି, ଏହି ବୃକ୍ଷଲତାର ଔଷଧୀୟ ଗୁଣକୁ ବ୍ୟାଧି ନିରାକରଣରେ ବ୍ୟବହାର କରିବା ନିମନ୍ତେ ସମସ୍ତଙ୍କୁ ଉତ୍ସାହିତ କରି ମନ୍ତ୍ରୀ ଶ୍ରୀ ସିଂ ଖୁଣ୍ଟିଆ ମତ ପ୍ରକାଶ କରିଥିଲେ । ଏଥିରେ ସମ୍ମାନିତ ଅତିଥିଭାବେ ବିଭାଗୀୟ ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ କହିଲେ ଯେ ୨୦୦୮ ମସିହାରୁ ଆୟୋଜିତ ହେଉଥିବା କଳିଙ୍ଗ ହର୍ବାଲ ମେଳା ପାରମ୍ପରିକ ଚିକିତ୍ସକ, ଚାଷୀ, ଓ ବ୍ୟବସାୟୀଙ୍କ ମଧ୍ୟରେ ସମ୍ପର୍କ ସ୍ଥାପନ କରିପାରିଛି । ରାଜ୍ୟରେ ୪୧ ଔଷଧୀୟ ବୃକ୍ଷ ବିଲୁପ୍ତ ପ୍ରଜାତିରେ ପହଞ୍ଚି ଥିବାରୁ ସଂରକ୍ଷଣ ପ୍ରୟାସକୁ ଜୋରଦାର କରାଯାଇଛି । ମେଳାରେ ହୋଇଥିବା ୧୩୦ଟି ଷ୍ଟଲରେ ପାରମ୍ପରିକ ଚିକିତ୍ସକମାନେ ଦୁରାରୋଗ୍ୟ ବ୍ୟାଧିର ନିରାକରଣ କରୁଥିବା ପ୍ରଶଂସନୀୟ ବୋଲି ଶ୍ରୀ ସାହୁ ପ୍ରକାଶ କରିଥିଲେ । ପ୍ରଧାନ ମୁଖ୍ୟ ବନ ସଂରକ୍ଷକ ତଥା ବନବାହିନୀ ମୁଖ୍ୟ ଦେବୀଦତ୍ତ ବିଶ୍ୱାଳ ଅନ୍ୟତମ ସମ୍ମାନିତ ଅତିଥିଭାବେ ଯୋଗଦେଇ ବକ୍ତବ୍ୟ ରଖିଥିଲେ । ରାଜ୍ୟ ଔଷଧୀୟ ଗୁଳ୍ମଲତା ବୋର୍ଡର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଏମ୍. ଯୋଗଜୟା ନନ୍ଦ ସ୍ୱାଗତ ଭାଷଣ ଦେଇଥିଲେ । ଏହି ମେଳା ନଭେମ୍ବର ୧୨ ତାରିଖ ପର୍ଯ୍ୟନ୍ତ ଜନସାଧାରଣଙ୍କ ନିମନ୍ତେ ଖୋଲା ରହିବ ।



### ଜଙ୍ଗଲରେ ଅଟକି ରହିଛନ୍ତି ୬୬ ହାତୀ
### ଏକର ଏକର ଚାଷ ଜମି କ୍ଷତିଗ୍ରସ୍ତ

ବେତନଟୀ (ସବ୍ୟୁ): ବେତନଟୀ ରେଞ୍ଜ ଅଧୀନରେ ଥିବା ୫୩ ଟିକିଆ ଝାଡଖଣ୍ଡୀ ହାତୀପଲ ବୁଧବାର ରାତି ସୁଦ୍ଧା ବେତନଟୀ ବ୍ଲକ ଅଧୀନ ଭାଲୁବସା , ଫୁଲଝରି , ନଡପୁର ଜଙ୍ଗଲରେ ଅଟକି ରହିଥିବାର ଦେଖାଯାଇଛି । ପ୍ରତ୍ୟେକ ଦିନ ରାତ୍ରୀ ସମୟରେ ଆଉ ଅଳ୍ପ ଦିନ ପରେ ଅମଳ ହେବାକୁ ଥିବା ଏକର ଏକର ଧାନ ଚାଷ କୁ ଦଳି ଚକଟି ସମ୍ପୂର୍ଣ୍ଣ ନଷ୍ଟ କରୁଥିବାର ଦେଖିବାକୁ ମିଳିଛି । ସେହିପରି ବେତନଟୀ ରେଞ୍ଜ ବଡାମପୁର ସେକ୍ସନ ଅଧୀନର ବେଣାଶୂଳୀ , ଫାଲଝରି ଏବଂ କୁରାଡିକ ଜଙ୍ଗଲ ମଧ୍ୟରେ ୨ ଦନ୍ତା ଥିବା ବେଳେ କେସିପୁର ଜଙ୍ଗଲ ମଧ୍ୟରେ ୧୧ ଟି ହାତୀ ଅଟକି ରହିଥିବା ଜଣାଯାଇଛି । ବେତନଟୀ ସେକ୍ସନ ଏବଂ ବଡାମପୁର ସେକ୍ସନ ଅଧୀନରେ ଥିବା ମୋଟ ୬୬ଟି ହାତୀ ର ଗତିବିଧି ଉପରେ ବନବିଭାଗର ବେତନଟୀ ରେଞ୍ଜ ଅଧିକାରୀ ମନୱର ଖାଁ , ବେତନଟୀ ବନପାଳ ପ୍ରଶାନ୍ତ ସିଂ ସାମନ୍ତ ,ବଡାମପୁର ବନପାଳ ଦୀପକ କୁମାର ପାତ୍ର , ସମସ୍ତ ବନରକ୍ଷୀ ଏବଂ ଗଜସାଥୀ ମାନେ ସମ୍ପୂର୍ଣ୍ଣ ଭାବେ ନଜର ରଖି ଥିବାର ଦେଖିବାକୁ ମିଳିଛି ।

## ସିଡ୍‌ନିରେ ରାଜ୍ୟ ଗୋଷ୍ଠୀ ସଂସଦୀୟ ସଂଘର ୬୭ତମ ସମ୍ମିଳନୀ

# ଗଣତନ୍ତ୍ରରେ ଜନସାଧାରଣଙ୍କ ଆସ୍ଥାଭାଜନ ହେବା ଜରୁରୀ : ବାଚସ୍ପତି

ଭୁବନେଶ୍ୱର, (ସବ୍ୟୁ): ବାଚସ୍ପତି ଶ୍ରୀମତୀ ସୁରମା ପାଢ଼ୀ ତାଙ୍କର ବିଦେଶ ଗସ୍ତ ଅବସରରେ ଆଜି ଅଷ୍ଟ୍ରେଲିଆର ସିଡ୍‌ନିଠାରେ ଅନୁଷ୍ଠିତ ରାଜ୍ୟଗୋଷ୍ଠୀ ସଂସଦୀୟ ସଂଘର ୬୭ତମ ସମ୍ମିଳନୀରେ ଯୋଗଦେଇ ସଂସଦୀୟ କାର୍ଯ୍ୟପଦ୍ଧତି ଓ କାର୍ଯ୍ୟଧାରାରେ କୃତ୍ରିମ ବୁଦ୍ଧିମତ୍ତାର ପ୍ରୟୋଗ, ସୁଯୋଗ ଓ ଆହ୍ୱାନ ଶୀର୍ଷକ କର୍ମଶାଳାରେ ନିଜର ମତ ଓ ବକ୍ତବ୍ୟ ଉପସ୍ଥାପନ କରି କହିଲେ ଯେ, କୃତ୍ରିମ ବୁଦ୍ଧିମତ୍ତାର ପ୍ରୟୋଗ ସମୟରେ ଆମକୁ ଏହାର ସକରାତ୍ମକ ଓ ନକରାତ୍ମକ ଉଭୟ ଦିଗ ପ୍ରତି ସଚେତନ ରହି କାର୍ଯ୍ୟ କରିବାକୁ ପଡ଼ିବ । ଯଦିଓ ଦୁନିଆ ଏବେ ନୂତନ ବୈଷୟିକ ଜ୍ଞାନକୌଶଳର ପ୍ରୟୋଗ ଉପରେ ଗୁରୁତ୍ୱ ଦେଇ ପାରମ୍ପରିକ କାର୍ଯ୍ୟପଦ୍ଧତି ଓ ଧାରାରେ ବ୍ୟାପକ ପରିବର୍ତ୍ତନ ଆଣିବାରେ ସହାୟକ ହୋଇପାରିଛି, ତେବେ ବି ମଧ୍ୟ ସଂସଦୀୟ କାର୍ଯ୍ୟାଧାରାରେ ଜନମତର ପ୍ରାଧାନ୍ୟ ରହିଛି । ଗଣତାନ୍ତ୍ରିକ ପ୍ରକ୍ରିୟାରେ ଆମକୁ ସର୍ବଦା ଜନସାଧାରଣଙ୍କ ଆସ୍ଥାଭାଜନ ହୋଇ କାର୍ଯ୍ୟ କରିବାକୁ ପଡ଼ିବ । ଏଠାରେ ସୂଚନାଯୋଗ୍ୟ ଯେ ଏହି ରାଜ୍ୟ ଗୋଷ୍ଠୀ ସଂସଦୀୟ ସଂଘର ୬୭ତମ ସମ୍ମିଳନୀ ସିଡ୍‌ନିଠାରେ ଚଳିତ ମାସ ନଭେମ୍ବର ୩ରୁ ଆରମ୍ଭ ହୋଇ ୮ ତାରିଖ ପର୍ଯ୍ୟନ୍ତ ଚାଲିବ । ଏଥିରେ ରାଜ୍ୟ ଗୋଷ୍ଠୀ ସଂଘର ବିଭିନ୍ନ ଦେଶର ପ୍ରତିନିଧିମାନେ ଅଂଶଗ୍ରହଣ କରୁଛନ୍ତି । ବ୍ୟବସ୍ଥାପକ ସଭାର ସମର୍ଥନ ଓ ସହଯୋଗରେ କିପରି ତୃତୀୟଲିଙ୍ଗୀ, କିନ୍ନର ଓ ଟ୍ରାନ୍ସଜେଣ୍ଡରମାନଙ୍କୁ ସମାଜର ମୁଖ୍ୟସ୍ରୋତରେ ସାମିଲ କରାଯାଇ ପାରିବ୍,୩ଏନ୍ତେ ଏ ସମ୍ପର୍କରେ ବାଚସ୍ପତି ଦ୍ୱିତୀୟାର୍ଦ୍ଧରେ ତାଙ୍କର ମତ ଓ ବକ୍ତବ୍ୟ ରଖି କହିଲେ ଯେ ଗଣତାନ୍ତ୍ରିକ ପଦ୍ଧତିରେ ଆମର ସମ୍ବିଧାନ ସମସ୍ତଙ୍କୁ ବଞ୍ଚିବାର ସମାନ ଅଧିକାର ଦେଇଛି । ତେବେ ସ୍ଥଳବିଶେଷରେ ଏଲ୍‌ଜିବିଟିକ୍ୟୁ (ଷ୍ଟ)ମାନଙ୍କ କ୍ଷେତ୍ରରେ ସାମାଜିକ ଭେଦଭାବ ପରିଲକ୍ଷିତ ହୋଇଥାଏ । ଏହାର ପରିସମାପ୍ତି ପାଇଁ ସମସ୍ତେ ଆଗେଇ ଆସିବା ଉଚିତ । ଏ କ୍ଷେତ୍ରରେ ପ୍ରାଥମିକ ଅବସ୍ଥାରୁ ସେମାନଙ୍କର ଶିକ୍ଷା, ସ୍ୱାସ୍ଥ୍ୟ, ଆତ୍ମନିର୍ଭରଶୀଳତା ଓ ସଶକ୍ତିକରଣ ଦିଗରେ ଗୁରୁତ୍ୱ ଦେବାକୁ ପଡ଼ିବ । ତା ହେଲେ ଯାଇ ଏକ ସୁସ୍ଥ ତାରତମ୍ୟବିହୀନ ସହାବସ୍ଥାନ ସମ୍ଭବ ହୋଇପାରିବ ଓ ଗଣତାନ୍ତ୍ରିକ ପ୍ରକ୍ରିୟାରେ ସେମାନଙ୍କର ସହଯୋଗ ରହିପାରିବ ବୋଲି ବାଚସ୍ପତି ଶ୍ରୀମତୀ ସୁରମା ପାଢ଼ୀ ପ୍ରକାଶ କରିଛନ୍ତି ।ଏହି ଅବସରରେ ବିଧାନସଭାର ସଚିବ ଶ୍ରୀ ଦାଶରଥୀ ଶତପଥୀ ଉପସ୍ଥିତ ଥିଲେ ।



## ଅର୍ଥ ଠକେଇ ଅଭିଯୋଗରେ ଅଜୁ ଓରଫ ଅଜୟ ଅଗ୍ରୱାଲ ଗିରଫ

ପୁରୀ, (ସବ୍ୟୁ): ଫ୍ଲାଟ୍ ବିକ୍ରି କରିବା ନାମରେ ଭୁବନେଶ୍ୱର ଶହିଦ ନଗର ଜଣେ ବ୍ୟକ୍ତିଙ୍କୁ ଅର୍ଥ ଠକେଇ ଓ କାଗଜପତ୍ର ଜାଲିଆତି କରିବା ଅଭିଯୋଗରେ ବଳିଆ ପଣ୍ଡା ଥାନା ପୋଲିସ ଆଜି ପୁରୀର ଜଣେ ଜଣାଶୁଣା ଠକକୁ ଗିରଫ କରି କୋର୍ଟ ଚାଲାଣ କରିଛି । ଗିରଫ ହୋଇ ଥିବା ଠକର ପରିଚୟ ହେଲା ପୁରୀ ଗ୍ରାଣ୍ଡ ରୋଡ ବଳଗଣ୍ଡି ଛକର ଅଜୁ ଓରଫ ଅଜୟ ଅଗ୍ରୱାଲ । ଅଜୟ ଓ ତାଙ୍କ ଧର୍ମ ପତ୍ନୀ ମନିଷା ଅଗ୍ରୱାଲ ପିଜିଏସ କଂସ୍ଟ୍ରକ୍ସନ୍ କମ୍ପାନୀର ନିର୍ଦ୍ଦେଶକ ଅଟନ୍ତିଛ ପୋଲିସ ସୂଚନା ମୁତାବକ ଅଜୟଙ୍କର ଏକ କଂସ୍ଟ୍ରକ୍ସନ୍ କମ୍ପାନୀ ରହିଛି । ପୁରୀ ତାଳବଣିଆ ଥାନା ଅନ୍ତର୍ଗତ ବ୍ରହ୍ମଗିରି ତହସିଲ ଅଧିନ ସିପସୁରବାଲି ମୌଜାରେ ଏକ ଭୂସମ୍ପତ୍ତି ରହିଛି । ସେଠାରେ ଅଜୟ ଦୁଇ ମହଲା ବିଶିଷ୍ଟ ଆପର୍ଟମେଣ୍ଟ ନିର୍ମାଣ କରି ବିକ୍ରି କରି ଥିଲେ । ୨୦୧୧ ମସିହାରେ ଭୁବନେଶ୍ୱର ଶହିଦ ନଗରର କିରଣ କୁମାର ପାତ୍ର ନାମକ ଜଣେ ବ୍ୟକ୍ତିକୁ ଅଜୟ ତାଙ୍କ ଆସିଆନ ଆପର୍ଟ ମେଣ୍ଟରେ ଦୁଇଟି ଫ୍ଲାଟ୍ ନମ୍ବର ୪୦୪ ଓ ୪୦୫ କୁ ବିକ୍ରି କରିବା ପାଇଁ ଏଗ୍ରୀମେଣ୍ଟ କରି ୪୯ ଲକ୍ଷ ଟଙ୍କା ଆଇଡିବିଆଇ ବ୍ୟାଙ୍କ୍ ଜରିଆରେ ଏବଂ ବ୍ୟାଙ୍କ୍ ଡ୍ରାଫ୍ଟ ଓ ଚେକ ଜରିଆରେ କିରଣଙ୍କ ଠାରୁ ମୋଟା ଅଙ୍କର ଅର୍ଥ ନେଇ ଥିଲେ । ହେଲେ ପରବର୍ତ୍ତୀ ସମୟରେ ଅଜୟ ଉକ୍ତ ଫ୍ଲାଟ୍ ଦ୍ୱୟକୁ କିରନଙ୍କ ନାମରେ ବିକ୍ରି କବଲା କରି ନ ଥିଲେଛ ପରବର୍ତ୍ତୀ ସମୟରେ କିରଣ ଜାଣିବାକୁ ପାଇ ଥିଲେ ଯେ ଅଜୟ ଓ ମନୀଷା ଉକ୍ତ ଫ୍ଲାଟ୍ ଦୁଇଟି କୁ ୨୦୦୯ ମସିହାରେ ନିରୁ ଦୁବେ ନାମକ ଜଣେ ବ୍ୟକ୍ତିକୁ ବିକ୍ରି କରି ଦେଇଛନ୍ତି । ଏହା ଜାଣିବା ପରେ କିରଣ ବଳିଆ ପଣ୍ଡା ଥାନା ରେ ଏକ ଲିଖିତ ଏତଲା ଦାଏର କରି ଥିଲେ । ପୋଲିସ ଆଜି ଠକ ଅଜୟ କୁ ଗିରଫ କରି କୋର୍ଟ ଚାଲାଣ କରିଛି । ଅପରପକ୍ଷରେ ଅଜୟ ନାମରେ ଭୁବନେଶ୍ୱର ନୟାପଲ୍ଲୀର ପବିତ୍ର କୁମାର ରାଉତ ରାୟ ନମକ ଜଣେ ବ୍ୟକ୍ତିଙ୍କ ଅଭିଯୋଗ କ୍ରମେ ନୟାପଲ୍ଲୀ ଥାନାରେ କେଶ ନମ୍ବର ୪୯୫/୨୧୯ କ୍ରମେ ପଚାଶ ଲକ୍ଷ ଟଙ୍କାର ଏକ ଠକେଇ ମାମଲା ରହିଛି ।

## ୱାର୍ଲଡ ଟୁରିଜିମ ମାର୍କେଟ (ଡବ୍ଲୁଟିଏମ)ରେ ଝଲସିଲା ଓଡ଼ିଶା ପର୍ଯ୍ୟଟନ

# ଡବ୍ଲୁଟିଏମ୍ ଓଡ଼ିଶା ପାଭିଲିୟନକୁ ଉଦ୍‌ଘାଟନ କଲେ ଉପମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, (ସବ୍ୟୁ) : ବିଶ୍ୱ ଦରବାରରେ ଓଡ଼ିଶା ପର୍ଯ୍ୟଟନକୁ ଏକ ସ୍ୱତନ୍ତ୍ର ପରିଚୟ ଦେଇ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ଲଣ୍ଡନ ଏକ୍ସେଲ ସେଣ୍ଟରରେ ଅନୁଷ୍ଠିତ ୱାର୍ଲଡ ଟୁରିଜିମ ମାର୍କେଟ (ଡବ୍ଲୁଟିଏମ)– ୨୦୨୪ରେ ଓଡ଼ିଶା ପାଭିଲିୟନକୁ ଉଦଘାଟନ କରିଛନ୍ତି । ଏହି କାର୍ଯ୍ୟକ୍ରମରେ ୟୁନାଇଟେଡ କିଙ୍ଗଡମ୍ ଭାରତୀୟ ହାଇ–କମିଶନର ବିକ୍ରମ ଦୋରାଇ ସ୍ୱାମୀଙ୍କ ସହ ତେଲେଙ୍ଗନାର ପର୍ଯ୍ୟଟନ ମନ୍ତ୍ରୀ ଜୁପଲି କ୍ରୀଷ୍ଣା ରାଓ ଓ କେନ୍ଦ୍ର ପର୍ଯ୍ୟଟନ ମନ୍ତ୍ରାଳୟର ମହାନିର୍ଦ୍ଦେଶକା ମୁଗ୍ଧା ସିହ୍ନା ମଧ୍ୟ ଉପସ୍ଥିତ ଥିଲେ । ୱାର୍ଲଡ ଟୁରିଜିମ ମାର୍କେଟ (ଡବ୍ଲୁଟିଏମ)– ୨୦୨୪ରେ ଓଡ଼ିଶା ପାଭିଲିୟନକୁ ଉଦଘାଟନ କରିବା ନିମନ୍ତେ ଶ୍ରୀମତୀ ପରିଡାଙ୍କୁ ସମ୍ମାନିତ କରାଯାଇଥିଲା। ଏହା ସହ ଶ୍ରୀମତୀ ପରିଡା ଅନ୍ୟ ପ୍ରତିଷ୍ଠିତ ରାଜ୍ୟର ପର୍ଯ୍ୟଟନ ପାଭିଲିୟନକୁ ମଧ୍ୟ ପରିଦର୍ଶନ କରିଥିଲେ। ଓଡ଼ିଶା ପର୍ଯ୍ୟଟନର ବିକାଶ ନିମନ୍ତେ ଶ୍ରୀମତୀ ପରିଡାଙ୍କ ନେତୃତ୍ୱରେ ଲଣ୍ଡନ ଗସ୍ତ କରିଥିବା ଉଚ୍ଚସ୍ତରୀୟ ପ୍ରତିନିଧିବୃନ୍ଦ ୟୁକେ ସ୍ଥିତ ପ୍ରମୁଖ ନିବେଶକ, ଅଂଶୀଦାର ଓ ଉଦ୍ୟୋଗୀମାନଙ୍କ ସହ ଆଲୋଚନା କରିଥିଲେ । ଏହି ବୈଠକରେ ପ୍ରତିନିଧିବୃନ୍ଦ ଇନ୍‌ଦସ୍ ଏକ୍ସପେରିଏନ୍ସର ନିର୍ଦ୍ଦେଶକ ମିଷ୍ଟର ୟାଶୀନ ଜାରଗରଙ୍କ ସହ ୟୁକେ ମାର୍କେଟରେ ଓଡ଼ିଶା ପର୍ଯ୍ୟଟନର ବିକାଶକୁ ପ୍ରୋତ୍ସାହିତ କରିବା ବିଷୟରେ ଆଲୋଚନା କରାଯାଇଥିଲା । ଏହା ସହ ସିଗ୍ନେଚର ହସ୍ପିଟାଲିଟି ଗ୍ରୁପର ପ୍ରତିଷ୍ଠାତା ଓ ସିଇଓ ରମେଶ ଅରୋରାଙ୍କ ସହ ପିଆଇଓ ଚାମ୍ବର ଅଫ କମର୍ସ୍ ଆଣ୍ଡ ଇଣ୍ଡଷ୍ଟ୍ରୀ (ପିଆଇଓସିସିଆଇ)ର ସେକ୍ରେଟାରୀ ଇଣ୍ଟରନାସନାଲ କୋଡିନେଟର ତଥା ପିଆଇଓ ଟିଭିର ଚେୟାରମ୍ୟାନ ମନୀଷ ଗୁପ୍ତାଙ୍କ ସହ ମଧ୍ୟ ପ୍ରତିନିଧିବୃନ୍ଦ ଆଲୋଚନା କରିଥିଲେ। ଡବ୍ଲୁଟିଏମରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡା ଉପସ୍ଥିତ ଅନ୍ତର୍ଜାତୀୟ ଗଣମାଧ୍ୟମ ପ୍ରତିନିଧି, ଶିଳ୍ପପତି, ନିବେଶକ ଏବଂ ପ୍ରମୁଖ ପ୍ରତିନିଧିବୃନ୍ଦଙ୍କୁ ସମ୍ବୋଧନ କରି ଓଡ଼ିଶାର ସାଂସ୍କୃତିକ ଐତିହ୍ୟ, ପ୍ରାକୃତିକ ସୌନ୍ଦର୍ଯ୍ୟ ଏବଂ ସମୃଦ୍ଧ ପରମ୍ପରା ସମସ୍ତ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିଥାଏ । ୟୁକେ ଓ ୟୁରୋପିଆନ ପର୍ଯ୍ୟଟନର ଅଂଶୀଦାର ଓ ନିବେଶକମାନଙ୍କୁ ଓଡ଼ିଶା ପର୍ଯ୍ୟଟନରେ ପୁଞ୍ଜିନିବେଶ କରିବା ପାଇଁ ଆମେ ଆଶାବାଦୀ ଅଛୁ । ଓଡ଼ିଶାରେ ଅନୁଷ୍ଠିତ ହବାକୁ ଥିବା ପ୍ରବାସୀ ଭାରତୀୟ ଦିବସରେ ଯୋଗ ଦେବା ପାଇଁ ଶ୍ରୀମତୀ ପରିଡା ୟୁକେରେ ଅବସ୍ଥିତ ପ୍ରବାସୀ ଓଡିଆମାନଙ୍କୁ ନିମନ୍ତ୍ରଣ କରିଛନ୍ତି । ପର୍ଯ୍ୟଟନ ବିଭାଗର କମିଶନର ତଥା ଶାସନ ସଚିବ ବଲବନ୍ତ ସିଂ ଓଡ଼ିଶା ଭ୍ରମଣ ସହ ଓଡ଼ିଶାରେ ବିବାହ ପର୍ଯ୍ୟଟନକୁ ପ୍ରୋତ୍ସାହିତ କରିବା ପାଇଁ ଫାମ୍ ଟ୍ରିପ ନିମନ୍ତେ ୟୁକେ ପ୍ରତିନିଧିଙ୍କୁ ଓଡ଼ିଶାକୁ ଆମନ୍ତ୍ରଣ କରିଛନ୍ତି । ଉନ୍ନୟନ କମିଶନର ତଥା ଅତିରିକ୍ତ ଶାସନ ସଚିବ ଅନୁ ଗର୍ଗ ଓଡ଼ିଶାରେ ହେବାକୁ ଥିବା ମେକ୍ ଇନ ଇଣ୍ଡିଆ କାର୍ଯ୍ୟକ୍ରମରେ ଯୋଗ ଦେବା ପାଇଁ ମଧ୍ୟ ନିମନ୍ତ୍ରଣ କରିଥିଲେ । ଏହି କାର୍ଯ୍ୟକ୍ରମରେ ସକ୍ରିୟ ଅଂଶଗ୍ରହଣ କରି ସାଂସ୍କୃତିକ ବିନିମୟ ଓ ରାଜ୍ୟର ଅର୍ଥନୈତିକ ବିକାଶ ସାଙ୍ଗକୁ ବିଦେଶୀ ନିବେଶକଙ୍କ ସହ ରାଜ୍ୟ ସରକାର ସ୍ଥାୟୀ ସହଭାଗିତା ନିମନ୍ତେ ପ୍ରୟାସ କରିଛନ୍ତି ।



## ଆମ୍ବ ଟାକୁଆ ଜାଉ ଖାଇ ମୃତ୍ୟୁ ଘଟଣା

### ମନ୍ତ୍ରୀ ଇସ୍ତଫା ଦିଅନ୍ତୁ ଓ ଉପମୁଖମନ୍ତ୍ରୀ ପ୍ରଭାତୀ ପରିଡା ରାଜ୍ୟବାସୀଙ୍କୁ କ୍ଷମା ମାଗନ୍ତୁ : ବିଜେଡି

ଭୁବନେଶ୍ୱର, (ସବ୍ୟୁ): କନ୍ଧମାଳ ଜିଲ୍ଲାର ମାଣ୍ଡିପଙ୍କା ଗାଁରେ ଆମ୍ବ ଟାକୁଆ ଜାଉ ଖାଇ ୨ ମୃତ ଓ ୬ ଗୁରୁତର ହେବା ଘଟଣାରେ ବୁଧବାର ବିଜୁ ଜନତା ଦଳ ରାଜ୍ୟ ସରକାରକୁ ସଂପୂର୍ଣ୍ଣ ଦାୟୀ ବୋଲି ଅଭିହିତ କରିବା ସହିତ ରାଜ୍ୟ ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ରଙ୍କ ଇସ୍ତଫା ଓ ଉପମୁଖମନ୍ତ୍ରୀ ପ୍ରଭାତୀ ପରିଡାଙ୍କ ଦାୟିତ୍ୱହୀନ ମନ୍ତବ୍ୟ ପାଇଁ ସେ ରାଜ୍ୟବାସୀଙ୍କ ନିକଟରେ କ୍ଷମା ମାଗନ୍ତୁ ବୋଲି ଦାବି କରାଯାଇଛି । ବୁଧବାର ଶଙ୍ଖଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଦଳର ମୁଖପାତ୍ର ଡ଼ଃ ଲେଖାଶ୍ରୀ ସାମନ୍ତସିଂହାର କହିଥିଲେ, ରାଜ୍ୟରେ ପିଡ଼ିଏସ ବଣ୍ଟନ ବ୍ୟବସ୍ଥା ଭୁଶୁଡି ପଡିବା କାରଣରୁ, କନ୍ଧମାଳ ଜିଲ୍ଲାର ମାଣ୍ଡିପଙ୍କା ଗ୍ରାମର ଆଠଟି ପରିବାରର ମହିଳାମାନେ ଆମ୍ବ ଟାକୁଆ ଜାଉ ଖାଇବାକୁ ବାଧ ହୋଇଥିଲେ। ରାଜ୍ୟବାସୀଙ୍କ ପାଖରେ ପିଡ଼ିଏସ ରାସନ ପହଞ୍ଚାଇବାରେ ରାଜ୍ୟ ସରକାର ବିଫଳ ହୋଇଥିବା କାରଣରୁ ଦୁଇ ଜଣଙ୍କ ମୃତ୍ୟୁ ହୋଇଛି ଓ ଅନ୍ୟ ଚାରିଜଣ ମୃତ୍ୟୁ ସହ ସଂଗ୍ରାମ କରୁଛନ୍ତି । ତେଣୁ ରାଜ୍ୟର ଖାଦ୍ୟ ଯୋଗାଣ ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ପାତ୍ରଙ୍କ ତୁରନ୍ତ ଇସ୍ତଫା ଆମେ ଦାବୀ କରୁଛୁ । ତାଛଡା, ଖାଦ୍ୟ ଯୋଗାଣ ମନ୍ତ୍ରୀଙ୍କ ବିରୋଧରେ କ୍ରିମିନାଲ ନେଗଲିଜେନ୍ସ କେସରେ ଗିରଫ କରାଯାଉ । ଡ଼ଃ ସାମନ୍ତସିଂହାର କହିଥିଲେ, ରାଜ୍ୟବାସୀଙ୍କୁ ବିଭିନ୍ନ ମିଥ୍ୟା ପ୍ରତିଶ୍ରୁତି ମାଧ୍ୟମରେ ସୁନେଲି ସ୍ୱପ୍ନ ଦେଖାଇ ରାଜ୍ୟରେ ବିଜେପି କ୍ଷମତାକୁ ଆସିବାରେ ସଫଳ ହୋଇଥିଲା। ଗାଟିଏ ବ୍ୟବସ୍ଥିତ ବ୍ୟବସ୍ଥା ମାଧ୍ୟମରେ ପିଡ଼ିଏସ ବଣ୍ଟନ ଚାଲି ଆସୁଥିବା ବେଳେ ହଠାତ ବଣ୍ଟନ ବ୍ୟବସ୍ଥା ଭୁଶୁଡି ପଡିବା, ରାଜ୍ୟ ସରକାରଙ୍କ ଅପାରଗତାକୁ ପଦାରେ ପକାଇଛି । ରାଜ୍ୟ ସରକାରଙ୍କ ତିନିଜଣ ବରିଷ୍ଠ ମନ୍ତ୍ରୀ, ଯଥା ଉପ ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା, ଖାଦ୍ୟ ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର, ସ୍ୱାସ୍ଥ୍ୟ ମନ୍ତ୍ରୀ ଡ଼ଃ ମୁକେଶ ମହାଲିଙ୍ଗ ଆମ୍ବ ଟାକୁଆ ଆଦିବାସୀ ମାନଙ୍କ ପାରମ୍ପରିକ ଖାଦ୍ୟ ବୋଲି ମନ୍ତବ୍ୟ ଦେବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ। ରାଜ୍ୟର ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ଜଣେ ଆଦିବାସୀ ଓ ମନ୍ତ୍ରୀ ମଣ୍ଡଳରେ ପ୍ରାୟ ଆହୁରି ଛଅ ଜଣ ଆଦିବାସୀ ମନ୍ତ୍ରୀ ଅଛନ୍ତି, ସେମାନେ ଆମ୍ବ ଟାକୁଆ ଆଦିବାସୀ ମାନଙ୍କ ଏକ ପାରମ୍ପରିକ ଖାଦ୍ୟ ମନ୍ତବ୍ୟ ସହିତ ଏକମତ ହେବେ କି? ସେମାନଙ୍କ ଘରେ ମଧ୍ୟ ଆମ୍ବ ଟାକୁଆ ଜାଉ ଖାଉଛନ୍ତି କି ବୋଲି ସେ ପ୍ରଶ୍ନ କରିଛନ୍ତି ।

# ୪ ଫାଇଲକୁ ୫୧ କର୍ମଚାରୀ

ଭୁବନେଶ୍ୱର(ସବ୍ୟୁ): ଲକ୍ଷ କି ଦୁଇ ଲକ୍ଷ ନୁହଁ, ମାସକୁ ନେଉଛନ୍ତି ପ୍ରାୟ ୩୦ ଲକ୍ଷ ଟଙ୍କା । ୪ଟି ଫାଇଲକୁ ଅଛନ୍ତି ୫୧ କର୍ମଚାରୀ । କାମ କିଛି ନାହିଁ, ବସେଇକି ଦରମା ଦେଉଛି ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ(ବିଡିଏ) । ବିଡିଏର ପ୍ଲାନିଂ ବିଭାଗର ଏଭଳି ଅନିୟମିତତା ଦେଖିବାକୁ ମିଳିଛି । କାହିଁକି ସେମାନଙ୍କୁ ବସେଇକି ପୁଳାପୁଳା ଟଙ୍କା ଦେଉଛି ବିଡିଏ ବୋଲି ଜଣେ ପୂର୍ବତନ ଟାଉନ ପ୍ଲାନର ପ୍ରଶ୍ନ ଉଠାଇଛନ୍ତି । କେବଳ ସେତିକି ନୁହେଁ, ମାଳମାଳ ପ୍ଲାନିଂ ଅଧିକାରୀଙ୍କ ଦୀର୍ଘ ଦିନ ଧରି ବଦଳି ହେଉନି । ଜଟଣୀ, ଖୋର୍ଦ୍ଧା ପୌରାଞ୍ଚଳରେ ନାହାନ୍ତି ଟାଉନ୍ ପ୍ଲାନର । ସେଠାକୁ କାହିଁକି ବିଡିଏ ଆସୋସିଏଟ ଟାଉନ ପ୍ଲାନରଙ୍କ ବଦଳି କରୁନି? ଏ ଘଟଣା ଏବେ ଚର୍ଚ୍ଚାର କେନ୍ଦ୍ର ବିନ୍ଦୁ ପାଲଟିଛି । ବିଡିଏରେ ପୂର୍ବରୁ ଘର ପ୍ଲାନ ମଞ୍ଜୁର ଦୈନିକ ୫୦ରୁ ଉର୍ଦ୍ଧ୍ୱ ଲୋକ ଆବେଦନ କରୁଥିଲେ । ଭୁବନେଶ୍ୱର ଅଞ୍ଚଳରେ ହେଉଥିବା ଘର ପ୍ଲାନ ମଞ୍ଜୁର ୨୦୧୪ରେ ଭୁବନେଶ୍ୱର ମହାନଗର ନିଗମ(ବିଏମସି)କୁ ଦାୟିତ୍ୱ ହସ୍ତାନ୍ତର କରାଗଲା । ଅର୍ଥାତ ବିଏମସି ଅଞ୍ଚଳରେ ଯେଉଁମାନେ ଘର ତିଆରି ପାଇଁ ପ୍ଲାନ ଆବେଦନ ବିଏମସି ପ୍ଲାନିଂ ବିଭାଗରେ କରିପାରିବେ । ସେହିଦିନ ଠାରୁ ବି ବିଡିଏ ଆଉ ପ୍ଲାନ ମଞ୍ଜୁର କରିପାରିବନି । ହେଲେ ବିଡିଏ ବି ବିଏମସି ଅଞ୍ଚଳ ଅନ୍ତର୍ଗତ ପ୍ଲାନ ମଞ୍ଜୁର କରୁଥିଲା । ୨୦୨୩ରୁ ବିଡିଏରୁ ସମ୍ପୂର୍ଣ୍ଣ ଭାବେ ବିଏମସି ଘର ପ୍ଲାନ ମଞ୍ଜୁର କ୍ଷମତା ଛଡ଼ାଇ ନେଲା । ସେହିପରି ଖୋର୍ଦ୍ଧା ଓ ଜଟଣୀ ପୌରାଞ୍ଚଳ ଅଲଗା ହେବା ପରେ ସେଠାରେ ଟାଉନ ପ୍ଲାନର ନାହାନ୍ତି । ତେଣୁ ସେଠାରେ ଘର ପ୍ଲାନ ମଞ୍ଜୁର ହୋଇପାରୁନି ।

୨୦୨୩ରୁ ବିଏମସି ଅନ୍ତର୍ଗତ ୬୭ଟି ୱାର୍ଡରେ ବସବାସ କରୁଥିବା ଲୋକମାନେ ନିଜର ଘର ତିଆରି ଲାଗି ବିଏମସିରେ ପ୍ଲାନ ଆବେଦନ କରୁଛନ୍ତି । ତେବେ ବିଏମସି ଆଖପାଖ ଅଞ୍ଚଳରେ ଥିବା ଲୋକମାନେ ଘର ପ୍ଲାନ ମଞ୍ଜୁର ଲାଗି ବିଡିଏରେ ଆବେଦନ କରୁଛନ୍ତି । ପୂର୍ବରୁ ବିଡିଏରେ ଯେଉଁ ୫୦ରୁ ଉର୍ଦ୍ଧ୍ୱ ଫାଇଲ ଆବେଦନ ହେଉଥିଲା, ତାହା ଏବେ ବିଏମସିରେ ହେଉଛି । ବିଡିଏରେ ଏବେ ଦୈନିକ ମାତ୍ର ୨ରୁ ୪ଟି ଫାଇଲ ଆବେଦନ କରାଯାଉଛି । ବିଡିଏ ପ୍ଲାନିଂ ବିଭାଗରେ ୫୦ଜଣ କର୍ମଚାରୀ ବସିକି ଦରମା ନେଉଥିବା ଅଭିଯୋଗ ହେଉଛି ।

ବିଡିଏ ପ୍ଲାନିଂ ବିଭାଗରେ ଜଣେ ଟାଉନ ପ୍ଲାନର(ଟିପି) ଅଥବା ପ୍ଲାନିଂ ମେମ୍ବର ଦାୟିତ୍ୱରେ ଥିବାବେଳେ ଆସୋସିଏଟ ଟାଉନ ପ୍ଲାନର(ଏଟିପି) ୩ଜଣ, ଆସିଷ୍ଟାଣ୍ଟ ଟାଉନ ପ୍ଲାନର(ଏଟିପି) ଜଣେ, ଜୁନିୟର ଟାଉନ ପ୍ଲାନର(ଜେଟିପି) ଜଣେ, ଆସିଷ୍ଟାଣ୍ଟ ଆରକିଟେକ୍ଟ ଡ୍ରାଫ୍ଟ ମ୍ୟାନ ୩ଜଣ, ଡିଲିଂ ଆସିଷ୍ଟାଣ୍ଟ ୩ଜଣ, ଅମିନ୨ଜଣ, ପିଲ୍ଡ ଇନ୍ସପେକ୍ଟର ୪ଜଣ ଓ ୧୦ ଜଣ ଚତୁର୍ଥ ଶ୍ରେଣୀ କର୍ମଚାରୀ କାର୍ଯ୍ୟରତ ଅଛନ୍ତି । ମୋଟ ୨୧ ଜଣ ସ୍ଥାୟୀ ଅଧିକାରୀ ଓ କର୍ମଚାରୀ ଅଛନ୍ତି । ସେହିପରି ଆଉଟସୋର୍ସିଂ ଜରିଆରେ ଆଉ ୩ ଜଣ ପ୍ଲାନିଂ ଆସିଷ୍ଟାଣ୍ଟଙ୍କୁ ନିଯୁକ୍ତି ଦିଆଯାଇଛି । ସେମାନଙ୍କୁ ଗତ ୩ ବର୍ଷ ହେବ ମାସକୁ ଦରମା ବାବଦ ୭୫ ହଜାର ଟଙ୍କା ଦେଉଛି ବିଡିଏ । ତେବେ ଏତିକିରେ କଥା ସରିନି ପୁଣି ଆଉଟସୋର୍ସିଂ ମାଧ୍ୟମରେ ଆଉ ୨୦ ଜଣଙ୍କୁ ଡାଟା ଏଣ୍ଟ୍ରିଅପରେଟର ଭାବେ ମଧ୍ୟ ନିଯୁକ୍ତି ମିଳିଛି । ଏମାନଙ୍କ ମାସିକ ଦରମା ବାବଦକୁ ପ୍ରାୟ ୨ରୁ ୨.୨୦ଲକ୍ଷ ଟଙ୍କା ଖର୍ଚ୍ଚ କରୁଛି ବିଡିଏ । ବିଡିଏରେ ଏବେ ଦିନକୁ ୨ରୁ ୪ଟି ଫାଇଲ ଆବେଦନ ହେଉଛି । ବେଳେବେଳେ ଦିନକରେ ବି ଗୋଟିଏ ଫାଇଲ ଆବେଦନ କରୁନାହାନ୍ତି ହିତାଧିକାରୀ । ତାହାଲେ ବିଡିଏର ପ୍ଲାନିଂ ବିଭାଗରେ କ'ଣ ପାଇଁ ଏତେ ସଂଖ୍ୟକ ଟାଉନ ପ୍ଲାନର ଓ କର୍ମଚାରୀ ଅଛନ୍ତି? ବିଏମସିର ପ୍ଲାନିଂ ବିଭାଗରେ ପ୍ଲାନର ଓ କର୍ମଚାରୀ ଅଭାବ ଥିବାବେଳେ ଜଟଣୀ ଓ ଖୋର୍ଦ୍ଧା ପୌରାଞ୍ଚଳରେ ନାହାନ୍ତି ଟାଉନ ପ୍ଲାନର । କାହିଁକି ସେମାନଙ୍କୁ ବିଏମସି, ଖୋର୍ଦ୍ଧା ଓ ଜଟଣୀକୁ ବଦଳି କରାଯାଉନି? ରାଜ୍ୟ ସରକାର ଏ ଘଟଣାର ତଦନ୍ତ କରି ଦୃଢ଼ କାର୍ଯ୍ୟାନୁଷ୍ଠାନ ନେଲେ ଲକ୍ଷାଧିକ ଟଙ୍କା ଅଯଥା ଖର୍ଚ୍ଚକୁ ବାଦ ଦିଆଯାଇପାରିବ ବୋଲି ଜଣେ ପୂର୍ବତନ ଟାଉନ ପ୍ଲାନର କହିଛନ୍ତି ।



**୨୮ସ୍ଥାୟୀ ପ୍ଲାନିଂ କର୍ମଚାରୀ ବସିକି ନେଉଛନ୍ତି ଦରମା**
**ଆଉଟସୋର୍ସିଂ ୨୩ କର୍ମଚାରୀଙ୍କୁ କିଏ ଦେଲା ନିଯୁକ୍ତି !**
**ଆସୋସିଏଟ ଟାଉନ ପ୍ଲାନରଙ୍କ ବଦଳି କେବେ ?**
**ଜଟଣୀ, ଖୋର୍ଦ୍ଧା ପୌରାଞ୍ଚଳରେ ନାହାନ୍ତି ଟାଉନ୍ ପ୍ଲାନର**

# ବିଶିଷ୍ଟ କୃଷିବିତ୍ ବିଷ୍ଣୁ ସାମନ୍ତ ପଟ୍ଟନାୟକଙ୍କ ସ୍ମୃତିପୀଠ ଓ ପ୍ରତିମୂର୍ତ୍ତି ଉନ୍ମୋଚନ

ଖୋର୍ଦ୍ଧା, (ସବ୍ୟୁ): ଖୋର୍ଦ୍ଧା ଜିଲ୍ଲାର ଜଣେ ବିଶିଷ୍ଟ କୃଷିବିତ୍ ସ୍ୱର୍ଗତ ବିଷ୍ଣୁ ସାମନ୍ତ ପଟ୍ଟନାୟକଙ୍କର ସ୍ମୃତି ଉଦ୍ଦେଶ୍ୟରେ ଖୋର୍ଦ୍ଧା ବରୁଣେଇ ନିକଟସ୍ଥ ସ୍ୱର୍ଣ୍ଣ ଭବନ ପରିସରରେ ତାଙ୍କର ଏକ ସ୍ମୃତିପୀଠ ସମେତ ଏକ ଅବକ୍ଷୟ ପ୍ରତିମୂର୍ତ୍ତି ଉନ୍ମୋଚିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ଓଡ଼ିଶାର ଏକାବନଟି ପ୍ରମୁଖ ମଠର ମହନ୍ତ, ସାଧୁସନ୍ଥ ଯୋଗ ଦେଇ ହିନ୍ଦୁ ରୀତିନୀତି ସହ ବେଦପାଠ, ଗୀତା ପାଠ ଓ ମନ୍ତ୍ର ଉଚ୍ଚାରଣରେ ଏହାକୁ ସର୍ବସାଧାରଣଙ୍କ ନିମନ୍ତେ ଉନ୍ମୋଚନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଅତିଥିଭାବରେ ଭାରତ ବର୍ଷର ଜଣାଶୁଣା ଭଜନ ସମ୍ରାଟ ଅନୁପ୍ ଜଲୋଟା, ମହାପ୍ରଭୁ ଜଗନ୍ନାଥଙ୍କ ମୁଖ୍ୟ ବାଡଗ୍ରାହୀ ଜଗନ୍ନାଥ ସ୍ୱାଇଁ ମହାପାତ୍ର, ପୂର୍ବତନ ମୁଖ୍ୟମନ୍ତ୍ରୀ ଗିରିଧାରୀ ଗମାଙ୍ଗ, ପୂର୍ବତନ ମନ୍ତ୍ରୀ ନିରଞ୍ଜନ ପଟ୍ଟନାୟକ, ପୂର୍ବତନ ସାଂସଦ ସୌମ୍ୟରଞ୍ଜନ ପଟ୍ଟନାୟକ, ଖୋର୍ଦ୍ଧା ବିଧାୟକ ପ୍ରଶାନ୍ତ ଜଗଦେବ, ବେଗୁନିଆ ବିଧାୟକ ପ୍ରଦୀପ ସାହୁ, କେନ୍ଦ୍ରାପଡ଼ା ବିଧାୟକ ଗଣେଶ୍ୱର ବେହେରା, ପୂର୍ବତନ ବିଧାୟକ ଜ୍ୟୋତିରିନ୍ଦ୍ର ନାଥ ମିତ୍ର, ପୂର୍ବତନ ବିଧାୟକ ଡଃ ଦିଲ୍ଲୀପ୍ ଶ୍ରୀଚନ୍ଦନ, ପୂର୍ବତନ ବିଧାୟକ ଚିନ୍ମୟ ବେହୁରାଙ୍କ ସମେତ ବହୁ ରାଜନେତା, ବୁଦ୍ଧିଜିବୀ, ସାହିତ୍ୟିକ, ସମାଜସେବୀ ପ୍ରମୁଖ ଯୋଗଦାନ କରି ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିବା ସହ ଶ୍ରୀ ପଟ୍ଟନାୟକଙ୍କ ବିଗତ ଦିନର ସ୍ମୃତିକୁ ଆଲୋକ ପାତ କରିଥିଲେ । ଏହି କାର୍ଯ୍ୟକ୍ରମରେ ଓଡ଼ିଶାର ବିଶିଷ୍ଟ ଭାସ୍କର୍ଯ୍ୟ ଶିଳ୍ପୀ ସରୋଜ ଭଞ୍ଜ ଓ ସୁପତି ନିତ୍ୟାନନ୍ଦ ଓଝାଙ୍କୁ ତାଙ୍କର ଉଲ୍ଲେଖନୀୟ କୃତିତ୍ୱ ପାଇଁ ବିଷ୍ଣୁ ସାମନ୍ତ ସ୍ମୃତି ସମ୍ମାନ ପ୍ରଦାନ କରାଯାଇଥିଲା । ଏହି କାର୍ଯ୍ୟକ୍ରମକୁ କନିଷ୍ଠ ପୁତ୍ର ତଥା ସମାଜ ସେବୀ ସଂଜୟ ପଟ୍ଟନାୟକ ପରିଚାଳନା କରିଥିବା ବେଳେ ବଡ଼ପୁଅ ବିରେନ ପଟ୍ଟନାୟକ, ମଧ୍ୟମ ପୁତ୍ର ବିଜୟ ପଟ୍ଟନାୟକ, ସଂଯୁକ୍ତା ପଟ୍ଟନାୟକ ପ୍ରମୁଖ ସହଯୋଗ କରିଥିଲେ। ସୂଚନା ଯୋଗ୍ୟ ସମାଜ ସେବୀ ସଂଜୟ ପଟ୍ଟନାୟକ ଅତୀତରେ ବିଭିନ୍ନ ସୁନାମ ଧନ୍ୟ ବ୍ୟକ୍ତି ବିଶେଷଙ୍କ ବିୟୋଗରେ ବିଭିନ୍ନ ସମୟରେ ସ୍ମୃତି ଚାରଣ ସଭାର ଆୟୋଜନ କରି ବେଶ୍ ଲୋକପ୍ରିୟତା ହାସଲ କରିଛନ୍ତି।



# ପିଏନବି, ଭୁବନେଶ୍ୱର ମଣ୍ଡଳ ପକ୍ଷରୁ ସତର୍କତା ସଚେତନତା ସପ୍ତାହ ଆୟୋଜିତ

ଭୁବନେଶ୍ୱର (ସବ୍ୟୁ): ପଞ୍ଜାବ ନ୍ୟାସନାଲ ବ୍ୟାଙ୍କ, ଭୁବନେଶ୍ୱର ମଣ୍ଡଳ ପକ୍ଷରୁ ୨୮ ଅକ୍ଟୋବର୨୦୨୪ରୁ ୩ ନଭେମ୍ବର ୨୦୨୪ ପର୍ଯ୍ୟନ୍ତ ସତର୍କତା ସଚେତନତା ସପ୍ତାହ ପାଳନ କରାଯାଇଛି। ଏହି ଅବସରରେ ବ୍ୟାଙ୍କର ଭୁବନେଶ୍ୱର ମଣ୍ଡଳର ମଣ୍ଡଳ ମୁଖ୍ୟ ଲକ୍ଷ୍ମୀକାନ୍ତ ମିଶ୍ରଙ୍କ ମାର୍ଗଦର୍ଶନରେ ଏକ ୱାକାଥନ୍‌ର ଆୟୋଜନ କରାଯାଇଥିଲା। ଏହି ୱାକାଥନ୍ ଭୁବନେଶ୍ୱର ମଣ୍ଡଳ କାର୍ଯ୍ୟାଳୟରୁ ବାହାରି ରାମ ମନ୍ଦିର ଛକ ଦେଇ ପୁନର୍ବାର ମଣ୍ଡଳ କାର୍ଯ୍ୟାଳୟଠାରେ ପହଞ୍ଚିଥିଲା । ସାଧାରଣ ଲୋକମାନଙ୍କ ମଧ୍ୟରେ ଦୁର୍ନୀତି ବିରୁଦ୍ଧରେ ସଚେତନତା ସୃଷ୍ଟି କରିବା ଏହି ୱାକାଥନ୍‌ର ମୁଖ୍ୟ ଉଦ୍ଦେଶ୍ୟ ଥିଲା। ସତର୍କତା ଦିବସ ପାଳନ ଅବସରରେ ବ୍ୟାଙ୍କ ପକ୍ଷରୁ ଖାରବେଳ ନଗରସ୍ଥିତ ସରକାରୀ ଉଚ୍ଚ ବିଦ୍ୟାଳୟରେ ଏକ ୱାଟର ପ୍ୟୁରିଫାୟାର ପ୍ରଦାନ କରାଯାଇଥିଲା। ଏଥି ସହିତ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ସାଧାରଣ ଜ୍ଞାନ ପ୍ରତିଯୋଗିତାର ଆୟୋଜନ କରାଯାଇ ବିଜୟୀ ପ୍ରତିଯୋଗୀମାନଙ୍କୁ ପୁରସ୍କାର ବିତରଣ କରାଯାଇଥିଲା। ୟୁନିଟ୍–୮ ସ୍ଥିତ ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଆବାସିକ ଛାତ୍ରାବାସ ଠାରେ ମଧ୍ୟ ସତର୍କତା ସଚେତନତା ସପ୍ତାହ ପାଳନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ସହାୟକ ମହାପ୍ରବନ୍ଧକ ପ୍ରମୋଦ କୁମାର ସାହୁ, ମଣ୍ଡଳ ମାର୍କେଟିଂ ମୁଖ୍ୟ ସଞ୍ଜୟ ପଣ୍ଡା, ନୀରିକ୍ଷଣ ବିଭାଗର ମୁଖ୍ୟ ମିତାଲି ସାମନ୍ତରାୟ, ସୁଜାତା ସାହୁ, ସ୍ୱତଃ ଓଁକାର ଆଚାର୍ଯ୍ୟ, ସୂର୍ଯ୍ୟଶିଖା ମହାନ୍ତି, ବନଜା ଲେଙ୍କା ଓ ଅନ୍ୟାନ୍ୟ ଅଧିକାରୀବର୍ଗ ଯୋଗଦେଇଥିଲେ।



## ରୋଷେଇ ଘରେ ସୁବିଧା ଖଞ୍ଜିବା ପାଇଁ କ୍ରମ୍ପଟନ ଆରମ୍ଭ କରିଛି ନାଇଜେଲା ପ୍ରୋ ମିକ୍ସର ଗ୍ରାଇଣ୍ଡର

ଭୁବନେଶ୍ୱର (ସବ୍ୟୁ): ବୈଷୟିକ ପ୍ରଗତି ଏବଂ ଉପଭୋକ୍ତା ସନ୍ତୋଷତା ପାଇଁ ଚିରକାଳୀନ ପ୍ରତିବଦ୍ଧତା ପାଇଁ ପ୍ରସିଦ୍ଧ କ୍ରମ୍ପଟନ ଗ୍ରୀଭସ କଞ୍ଜ୍ୟୁମର ଇଲେକ୍ଟ୍ରିକାଲ୍ସ ଲିମିଟେଡ ନାଇଜେଲା ପ୍ରୋ ୫୦୦ ୱାଟ୍ ମିକ୍ସର ଗ୍ରାଇଣ୍ଡର – ଏହାର ସମ୍ପୂର୍ଣ୍ଣ ନୂତନ ରୋଷେଇ ଉପକରଣ ପରିସର ଉନ୍ମୋଚନ କରିଛି । ଆଧୁନିକ ସୌନ୍ଦର୍ଯ୍ୟତା ସହିତ କାର୍ଯ୍ୟକାରିତାକୁ ନିରବଚ୍ଛିନ୍ନ ମିଶ୍ରଣ କରି ସୁଖଦ ରନ୍ଧନ ଅଭିଜ୍ଞତା ପ୍ରଦାନ ପାଇଁ କାରଗରୀ କରାଯାଇଥିବା କ୍ରମ୍ପଟନ ନାଇଜେଲା ପ୍ରୋ ଯେକୌଣସି ଘରେ ରହିବା ଜରୁରୀ । ଦକ୍ଷତା ଏବଂ ସୁବିଧା ପାଇଁ ପରିକଳ୍ପିତ ଏହା ଆପଣଙ୍କର ସମସ୍ତ ରନ୍ଧନୀୟ ଆବଶ୍ୟକତା ପୂରଣ କରିଥାଏ । ଆପଣଙ୍କର ଦୈନନ୍ଦିନ ରନ୍ଧନ କାର୍ଯ୍ୟରେ ମୂଲ୍ୟବାନ ସମୟ ସଞ୍ଚୟ କରିବାରେ ସାହାଯ୍ୟ କରିବାକୁ ଏହାର ଶକ୍ତିଶାଳୀ ୫୦୦ଡ ପାୱାର ଟ୍ରନ ମୋଟର ଦ୍ୱାରା ଏହା ଶୀଘ୍ର ଗ୍ରାଇଣ୍ଡିଂ ଏବଂ ମିଶ୍ରଣ ପ୍ରଦାନ କରିଥାଏ । ଏହାର ଶକ୍ତିଶାଳୀ ରନ୍ଧନ କ୍ଷମତା ଦ୍ୱାରା କ୍ରମ୍ପଟନ ନାଇଜେଲା ପ୍ରୋ ମିକ୍ସରର ଗ୍ରାଇଣ୍ଡର ଆପଣଙ୍କ ରନ୍ଧନ କାର୍ଯ୍ୟକୁ ସରଳ କରିବାକୁ ପ୍ରସ୍ତୁତ କରାଯାଇଛି । ମିଶ୍ରଣ, ଗ୍ରାଇଣ୍ଡିଂ, ଗଚ୍ଛିତ ରଖିବା ଏବଂ ଉପାଦାନ ବହନ କରିବାକୁ ଏହାର ଅନେକ ପାତ୍ର ଦ୍ୱାରା ଦକ୍ଷତା ଏବଂ ସୁବିଧା ପ୍ରଦାନ କରି ଏହି ବହୁ ଉଦ୍ଦେଶ୍ୟ ସାଧ କରୁଥିବା ଗ୍ରାଇଣ୍ଡରବିନା ପ୍ରୟାସରେ ମୂଲ୍ୟବାନ ସମୟ ସଞ୍ଚୟ କରିଥାଏ । ଅତ୍ୟଧିକ ଚାହିଦା ରେସିପି ପାଇଁ ମଧ୍ୟ ସୁଗମ କାର୍ଯ୍ୟକାରିତା ନିଶ୍ଚିତ କରିବାକୁ ୩୦ମିନିଟର ନିରନ୍ତର ଗ୍ରାଇଣ୍ଡିଙ୍ଗ କ୍ଷମତା ଥିବା ଯୋଗୁଁ ନାଇଜେଲା ପ୍ରୋ ଆପଣଙ୍କର ରନ୍ଧନ ପ୍ରକଳ୍ପ ପାଇଁ ଏକ ନିର୍ଭରଶୀଳ ଅଂଶୀଦାର । ଆପଣ ସକାଳର ତ୍ୱରିତ ଗାଢ଼ାମିଶ୍ରଣ କରନ୍ତୁ, ନ ହେଲେ ଶିଶୁ ଖାଦ୍ୟ ପ୍ରସ୍ତୁତ କରନ୍ତୁ, କିମ୍ବା ସ୍ୱାଦିଷ୍ଟ ଚଟଣି ତିଆରି କରନ୍ତୁ, ନାଇଜେଲା ପ୍ରୋ ମକ୍ସଳର ଗ୍ରାଇଣ୍ଡର କେବଳ ଅନ୍ୟ ଏକ ରୋଷେଇ ଉପକରଣ ନୁହେଁ – ଏହା ଏକ ଜୀବନଶୈଳୀ ସମୃଦ୍ଧକାରୀ ଅଟେ ।

# ପଣ୍ଡିତ ଗୋବିନ୍ଦ ରଥ ଓଡିଆ ସ୍ୱାଭିମାନର ଜ୍ୱଳନ୍ତ ଉଦାହରଣ

କଟକ ,(ସବ୍ୟୁ): ଖାନନଗରସ୍ଥ କଟକ ଲେଖକ ସହଯୋଗ ସମିତି ଲିର ସଭାଗୃହ କାଳି ଭବନ ଠାରେ ବିପ୍ଳବୀ ପଣ୍ଡିତଗୋବିନ୍ଦ ରଥଙ୍କର ୧୭୬ତମ ଜନ୍ମଜୟନ୍ତୀ ଉତ୍ସବ ପାଳିତ ହୋଇଯାଇଛି । ଏହି ସଭାରେ ସଭାପତି କରି ବରିଷ୍ଠ ସାହିତ୍ୟିକ ଡଃ. ବାବାଜୀ ଚରଣ ପଟ୍ଟନାୟକ କହିଲେ ଯେ ପଣ୍ଡିତ ରଥ ବିଭିନ୍ନ ଦୁର୍ଲଭ ପୋଥି ଉଦ୍ଧାର କରି ପ୍ରକାଶିତ କରାଇଥିଲେ । ସେହି ପୁସ୍ତକ ମଧ୍ୟରେ ବଳରାମ ଦାଶଙ୍କର ଦାଣ୍ଡି ରାମାୟଣ ଅନ୍ୟତମ ଏବଂ ଏହି ପୁସ୍ତକ ପାଇଁ ହିଁ ଆମେ ରସଗୋଲାର ଉତ୍ପତି ଓଡିଶାରେ ବୋଲି ପ୍ରମାଣ କରିପାରିଛେ । ବାଙ୍କୀ ବିକାଶ ମଞ୍ଚର ସଭାପତି ତଥା ସମାଜସେବୀ ଶୁଭ୍ରାଂଶୁ ମୋହନ ପାଢୀ ମୁଖ୍ୟଅତିଥି ଭାବେ ଯୋଗଦେଇ ଓଡ଼ିଆ ଭାଷା ସାହିତ୍ୟ ଛଡ଼ା ବାଙ୍କୀର ଜନସାଧାରଣଙ୍କ ଜମିକୁ ହଡପ ପାଇଁ ସେହି ସମୟର ତହସିଲଦାର ଇଂରେଜ ସରକାରଙ୍କ ସହାୟତାରେ କରିଥିବା ଚକ୍ରାନ୍ତକୁ ପଣ୍ଡ କରିଦେଇ ସେଥିପାଇଁ ସେ ଜେଲଦଣ୍ଡ ମଧ୍ୟ ଭୋଗ କରିଥିଲେ । କିନ୍ତୁ ତାଙ୍କର ଦୃଢନିଷ୍ଠା ପାଇଁ ସେ ଅଦାଲତରେ ବିଜୟୀ ହେବା ସହ ତଥାକଥିତ ତହସିଲ୍ଦାର ଆତ୍ମହତ୍ୟା କରିବାକୁ ବାଧ ହୋଇଥିଲେ ବୋଲି ସ୍ମୃତିଚର୍ଚ୍ଚା ଅବସରରେ କହିଥିଲେ । ମୁଖ୍ୟବକ୍ତା ଭାବେ ସାହିତ୍ୟିକ ସୌମେନ୍ଦ୍ରଜେନା, ସମ୍ମାନିତ ଅତିଥି ଭାବେ ଗାଳ୍ପିକ ରଘୁନାଥ ମହାପାତ୍ର ଯୋଗଦେଇଥିଲେ । ସମ୍ପାଦକ ଅଜିତ କୁମାର ମହାପାତ୍ର ପ୍ରାରମ୍ଭିକ ସୂଚନା ଦେଇଥିବାବେଳେ ସଙ୍ଗଠନ ସମ୍ପାଦକ ରାଜୀବ କୁମାର ଷଡ଼ଙ୍ଗୀ ଅତିଥି ପରିଚୟ ପ୍ରଦାନ କରିଥିଲେଛଅନ୍ୟମାନଙ୍କ ମଧ୍ୟରେ ଗୌରୀଶଙ୍କର ସ୍ମୃତିସଂସଦର ସମ୍ପାଦକ ଇନ୍ଦ୍ରଜିତ ଘୋଷ, ମନୋରଞ୍ଜନ ମହାପାତ୍ର, ଆଡଭୋକେଟ ସୁରଜିତ ନାଥ , ଅଶୋକ କୁମାର ଦାସ, ରଞ୍ଜନ କୁମାର ସାହୁ, ମୈତ୍ରୀଭୂଷଣ ଖୁଣ୍ଟିଆ,ରନୁପ କୁମାର ବେହେରା,ଅଶ୍ୱିନୀ କୁମାର ସେଠୀ ପ୍ରମୁଖ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେଛ ସର୍ବଶେଷରେ ବିଶ୍ୱମିତ୍ର ମିଶ୍ର ଧନ୍ୟବାଦ ପ୍ରଦାନ କରିଥିଲେ ।



## ମେଧାବୀ ଛାତ୍ରଛାତ୍ରୀଙ୍କୁ ଆର୍ଥିକ ସହାୟତା

# ପିଏମ୍-ବିଦ୍ୟାଲକ୍ଷ୍ମୀ ଯୋଜନାକୁ କ୍ୟାବିନେଟ୍ ମଞ୍ଜୁରୀ

**ନୂଆଦିଲ୍ଲୀ:** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କେନ୍ଦ୍ର କ୍ୟାବିନେଟ ବୈଠକରେ ପ୍ରଧାନମନ୍ତ୍ରୀ ବିଦ୍ୟାଲକ୍ଷ୍ମୀ ନାମକ ଏକ ନୂତନ କେନ୍ଦ୍ରୀୟ କ୍ଷେତ୍ର ଯୋଜନାକୁ ଅନୁମୋଦନ କରାଯାଇଛି । ଏହି ଯୋଜନାର ଉଦ୍ଦେଶ୍ୟ ହେଉଛି ମେଧାବୀ ଛାତ୍ରଛାତ୍ରୀଙ୍କୁ ଆର୍ଥିକ ସହାୟତା ପ୍ରଦାନ କରିବା ଯାହାଫଳରେ ଆର୍ଥିକ ଅଭାବ କାରଣରୁ କେହି ଜଣେ ଉଚ୍ଚ ଶିକ୍ଷା ଗ୍ରହଣ କରିବାରୁ ବଞ୍ଚିତ ହେବେ ନାହିଁ । ପ୍ରଧାନମନ୍ତ୍ରୀ ବିଦ୍ୟାଲକ୍ଷ୍ମୀ ଯୋଜନା ଜାତୀୟ ଶିକ୍ଷା ନୀତି, ୨୦୨୦ ଅଧୀନରେ ଗ୍ରହଣ କରାଯାଇଥିବା ଅନ୍ୟତମ ପ୍ରମୁଖ ପଦକ୍ଷେପ । ଉଭୟ ସରକାରୀ ଏବଂ ବେସରକାରୀ ଉଚ୍ଚଶିକ୍ଷାନୁଷ୍ଠାନରେ ବିଭିନ୍ନ ପଦକ୍ଷେପ ମାଧ୍ୟମରେ ମେଧାବୀ ଛାତ୍ରଛାତ୍ରୀଙ୍କୁ ଆର୍ଥିକ



## କେହି ଉଚ୍ଚଶିକ୍ଷାରୁ ବଞ୍ଚିତ ହେବେନି

## ମେଧାବୀ ଛାତ୍ରଛାତ୍ରୀଙ୍କୁ ଶିକ୍ଷାଋଣ

## ୧୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣ ଉପରେ ୩% ସୁଧ ରିହାତ

ସହାୟତା ଉପଲବ୍ଧ କରାଇବା ପାଇଁ ଏନଇପିରେ ସୁପାରିସ କରାଯାଇଥିଲା । ଏହାକୁ ଗ୍ରହଣ କରି ପିଏମ୍ ବିଦ୍ୟାଲକ୍ଷ୍ମୀ ଯୋଜନା ଅଣାଯାଇଛି । ଏହାଦ୍ୱାରା ଗୁଣାତ୍ମକ ଉଚ୍ଚଶିକ୍ଷା ଅନୁଷ୍ଠାନରେ ନାମ ଲେଖାଇଥିବା ଯେକୌଣସି ଛାତ୍ରଛାତ୍ରୀ ବ୍ୟାଙ୍କ ଏବଂ ଆର୍ଥିକ ଅନୁଷ୍ଠାନରୁ ସମ୍ପୂର୍ଣ୍ଣ ପରିମାଣର ଟ୍ୟୁସନ୍ ଫି' ଏବଂ ପାଠ୍ୟକ୍ରମ ସମ୍ବନ୍ଧୀୟ ଅନ୍ୟାନ୍ୟ ଖର୍ଚ୍ଚ ବହନ କରିବା ପାଇଁ ବନ୍ଧକ ମୁକ୍ତ, ଗ୍ୟାରେଣ୍ଟର ମୁକ୍ତ ଋଣ ପାଇବାକୁ ଯୋଗ୍ୟ ହେବେଚ୍ଛ ଏହି ଯୋଜନା ଏକ ସରଳ, ସ୍ୱଚ୍ଛ ଏବଂ ବିଦ୍ୟାର୍ଥୀ ଅନୁକୂଳ ବ୍ୟବସ୍ଥା ମାଧ୍ୟମରେ ପରିଚାଳିତ ହେବ ଏବଂ ଏହା ଆନ୍ତଃପରିଚାଳନାଯୋଗ୍ୟ (ଇଣ୍ଟର-ଅପରେବଲ) ତଥା ସମ୍ପୂର୍ଣ୍ଣ ଡିଜିଟାଲ ହେବ ।

ଏହି ଯୋଜନା ଦେଶର ଉଚ୍ଚକୋଟୀର ଉଚ୍ଚ ଶିକ୍ଷାନୁଷ୍ଠାନଗୁଡ଼ିକ ପାଇଁ ପ୍ରଯୁଜ୍ୟ ହେବ । ଏନଆଇଆରଏଫ ମାନ୍ୟତାରେ ବର୍ଗ ଆଧାରିତ ଏବଂ ଡୋମେନ୍ ଆଧାରିତ ରେଙ୍କିଙ୍ଗ୍ ସହିତ ଶୀର୍ଷ ୧୦୦ ଶିକ୍ଷାନୁଷ୍ଠାନ ମଧ୍ୟରେ ସ୍ଥାନ ପାଇଥିବା ଶିକ୍ଷାନୁଷ୍ଠାନ, ରାଜ୍ୟ ସରକାରଙ୍କ ଉଚ୍ଚ ଶିକ୍ଷାନୁଷ୍ଠାନ ମାନ୍ୟତାରେ ୧୦୧-୨୦୦ ମଧ୍ୟରେ ସ୍ଥାନ ପାଇଥିବା ଅନୁଷ୍ଠାନ ଏବଂ କେନ୍ଦ୍ର ସରକାରଙ୍କ ଦ୍ୱାରା ପରିଚାଳିତ ସମସ୍ତ ଶିକ୍ଷାନୁଷ୍ଠାନ ପାଇଁ ଏହି ଯୋଜନା ଲାଗୁ ହେବ । ସଦ୍ୟତମ ଏନଆଇଆରଏଫ ମାନ୍ୟତା ବ୍ୟବହାର କରି ଏହି ତାଲିକାକୁ ପ୍ରତିବର୍ଷ ସଂଶୋଧନ ବା ଅପଡେଟ୍ କରାଯିବ ଏବଂ ୮୬୦ଟି ଯୋଗ୍ୟତାପ୍ରାପ୍ତ ଉଚ୍ଚଶିକ୍ଷାନୁଷ୍ଠାନକୁ ନେଇ ଏହି ଯୋଜନା ଆରମ୍ଭ ହେବ, ଯେଉଁଥିରେ ୨୨ ଲକ୍ଷରୁ ଅଧିକ ଛାତ୍ରଛାତ୍ରୀ ସେମାନଙ୍କର ଆବଶ୍ୟକତା ଅନୁଯାୟୀ, ପିଏମ-ବିଦ୍ୟାଲକ୍ଷ୍ମୀର ସମ୍ଭାବ୍ୟ ଲାଭ ଉଠାଇବାରେ ସକ୍ଷମ ହେବେ ।

ସାଢ଼େ ୭ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣ ରାଶି ପାଇଁ ବକେୟା ଖିଲାପୀ ଉପରେ ଛାତ୍ରଛାତ୍ରୀ ୭୫% ଋଣ ଗ୍ୟାରେଣ୍ଟି ପାଇବାକୁ ଯୋଗ୍ୟ ହେବେଚ୍ଛ ଫଳରେ ଏହି ଯୋଜନା ଅଧୀନରେ ଛାତ୍ରଛାତ୍ରୀଙ୍କୁ ଶିକ୍ଷା ଋଣ ଉପଲବ୍ଧ କରାଇବାରେ ବ୍ୟାଙ୍କଗୁଡ଼ିକୁ ସହଯୋଗ ମିଳିବ ।

ଉପରୋକ୍ତ ବ୍ୟତୀତ ବାର୍ଷିକ ୮ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ପାରିବାରିକ ଆୟ ଥିବା ଏବଂ ଅନ୍ୟ କୌଣସି ସରକାରୀ ବୃତ୍ତି କିମ୍ବା ସୁଧ ଛାଡ଼ ଯୋଜନାର ସୁବିଧା ପାଇବାକୁ ଯୋଗ୍ୟ ନଥିବା ଛାତ୍ରଛାତ୍ରୀଙ୍କ ପାଇଁ ମଧ୍ୟ ଋଣସ୍ଥଗନ ଅବଧି ବା ମୋରେଟୋରିୟମ ପିରିୟଡ଼ ମଧ୍ୟରେ ୧୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣ ପାଇଁ ୩ ପ୍ରତିଶତ ସୁଧ ରିହାତି ପ୍ରଦାନ କରାଯିବଚ୍ଛ ପ୍ରତିବର୍ଷ ୧ ଲକ୍ଷ ଛାତ୍ରଛାତ୍ରୀଙ୍କୁ ସୁଧ ରିହାତି ସହାୟତା ପ୍ରଦାନ କରାଯିବ । ସରକାରୀ ଅନୁଷ୍ଠାନରୁ ଆସିଥିବା ଏବଂ ବୈଷୟିକ ଓ ବୃତ୍ତିଗତ ପାଠ୍ୟକ୍ରମ ବାଛିଥିବା ଛାତ୍ରଛାତ୍ରୀଙ୍କୁ ପ୍ରାଥମିକତା ଦିଆଯିବ । ୨୦୨୪-୨୫ରୁ ୨୦୩୦-୩୧ ମଧ୍ୟରେ ଏହି ଯୋଜନା ଲାଗି ୩,୬୦୦ କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି ଏବଂ ଏହି ସମୟ ମଧ୍ୟରେ ୭ ଲକ୍ଷ ନୂତନ ଛାତ୍ରଛାତ୍ରୀ ଏହି ସୁଧ ଛାଡ଼ର ଲାଭ ପାଇବେ ବୋଲି ଆଶା କରାଯାଉଛି ।

ଉଚ୍ଚଶିକ୍ଷା ବିଭାଗର ଏକ ସମନ୍ୱିତ ପୋର୍ଟାଲ ପିଏମ-ବିଦ୍ୟାଲକ୍ଷ୍ମୀ ରହିବ, ଯେଉଁଥିରେ ଛାତ୍ରଛାତ୍ରୀମାନେ ସମସ୍ତ ବ୍ୟାଙ୍କ ଦ୍ୱାରା ବ୍ୟବହୃତ ହେବାକୁ ଥିବା ସରଳୀକୃତ ଆବେଦନ ପ୍ରକ୍ରିୟା ମାଧ୍ୟମରେ ଶିକ୍ଷା ଋଣ ଏବଂ ସୁଧ ଛାଡ଼ ପାଇଁ ଆବେଦନ କରିପାରିବେ । ଇ-ଭାଉଚର ଏବଂ ସେଣ୍ଟ୍ରାଲ ବ୍ୟାଙ୍କ ଡିଜିଟାଲ କରେନ୍ସି (ସିବିଡିସି) ୱାଲେଟ୍ ଜରିଆରେ ସୁଧ ରିହାତି ପ୍ରଦାନ କରାଯିବ ।

ପ୍ରଧାନମନ୍ତ୍ରୀ ବିଦ୍ୟାଲକ୍ଷ୍ମୀ ଯୋଜନା ଭାରତର ଯୁବବର୍ଗଙ୍କ ପାଇଁ ଗୁଣାତ୍ମକ ଉଚ୍ଚ ଶିକ୍ଷାର ସର୍ବାଧିକ ଉପଲବ୍ଧତାକୁ ସକ୍ଷମ କରିବ । ଏହା ଶିକ୍ଷା ଏବଂ ଆର୍ଥିକ ଅନ୍ତର୍ଭୁକ୍ତୀକରଣ କ୍ଷେତ୍ରରେ ଗତ ଦଶନ୍ଧି ମଧ୍ୟରେ ଭାରତ ସରକାରଙ୍କ ଦ୍ୱାରା ନିଆଯାଇଥିବା ବିଭିନ୍ନ ପଦକ୍ଷେପର ପରିସର ଓ ପହଞ୍ଚକୁ ଆହୁରି ବୃଦ୍ଧି କରିବ । ଏହା ଉଚ୍ଚଶିକ୍ଷା ବିଭାଗ ଦ୍ୱାରା କାର୍ଯ୍ୟକାରୀ ହେଉଥିବା ପିଏମ-ୟୁଏସପିର ଦୁଇଟି ଉପାଦାନ ଯୋଜନା କେନ୍ଦ୍ରୀୟ କ୍ଷେତ୍ର ସୁଧ ସବସିଡି (ସିଏସ୍ଆଇଏସ୍) ଏବଂ କ୍ରେଡିଟ୍ ଗ୍ୟାରେଣ୍ଟି ଫଣ୍ଡ ସ୍କିମ୍ ଫର୍ ଏଜୁକେସନ୍ ଲୋନ୍ (ସିଜିଏଫ୍ଏସ୍ଇଏଲ୍)କୁ ସମର୍ଥନ କରିବ । ପିଏମ-ୟୁଏସପି ସିଏସଆଇଏସ୍ ଅଧୀନରେ ବାର୍ଷିକ ୪.୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ପାରିବାରିକ ଆୟ ଏବଂ ମାନ୍ୟତାପ୍ରାପ୍ତ ଶିକ୍ଷାନୁଷ୍ଠାନରୁ ବୈଷୟିକ/ ବୃତ୍ତିଗତ ପାଠ୍ୟକ୍ରମରେ ଅଧ୍ୟୟନରତ ଛାତ୍ରଛାତ୍ରୀଙ୍କୁ ୧୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଶିକ୍ଷା ଋଣ ପାଇଁ ଋଣ ସ୍ଥଗନ ବା ମୋରେଟୋରିୟମ୍ ଅବଧି ରେ ସମ୍ପୂର୍ଣ୍ଣ ସୁଧ ରିହାତି ମିଳିଥାଏ । ତେଣୁ ପ୍ରଧାନମନ୍ତ୍ରୀ ବିଦ୍ୟାଲକ୍ଷ୍ମୀ ଏବଂ ପିଏମ-ୟୁଏସପି ମିଳିତ ଭାବେ ସମସ୍ତ ଯୋଗ୍ୟ ଛାତ୍ରଛାତ୍ରୀଙ୍କୁ ଉନ୍ନତମାନର ଶିକ୍ଷାନୁଷ୍ଠାନରେ ଉଚ୍ଚଶିକ୍ଷା ଏବଂ ମାନ୍ୟତାପ୍ରାପ୍ତ ଉଚ୍ଚ ଶିକ୍ଷାନୁଷ୍ଠାନରେ ବୈଷୟିକ/ ବୃତ୍ତିଗତ ଶିକ୍ଷା ପାଇଁ ସାମଗ୍ରିକ ସହାୟତା ପ୍ରଦାନ କରିବ ।

# ଆତଙ୍କବାଦୀଙ୍କୁ ସହାୟତା କଲେ ଚାଲିବ ବୁଲଡୋଜର'

**ଶ୍ରୀନଗର:** ଜମ୍ମୁ-କଶ୍ମୀରରେ ଗତ କିଛି ଦିନ ହେବ ଆତଙ୍କୀ ଘଟଣା ଦିନକୁ ଦିନ ବଢ଼ି ଚାଲିଛି ।ଏହାକୁ ନେଇ ଉପରାଜ୍ୟପାଳ ମନୋଜ ସିହ୍ନା ଲୋକଙ୍କୁ ଚେତାବନୀ ଦେଇଛନ୍ତି । ରାଜ୍ୟରେ କୌଣସି ପ୍ରକାର ଆତଙ୍କବାଦୀ କାର୍ଯ୍ୟକଳାପ କିମ୍ବା ଗତିବିଧିକୁ ବରଦାସ୍ତ କରାଯିବ ନାହିଁ । ଆତଙ୍କବାଦୀଙ୍କୁ ସାହାଯ୍ୟ କଲେ ଘର ଉପରେ ବୁଲଡୋଜର ଚଢ଼ାଇ କାର୍ଯ୍ୟାନୁଷ୍ଠାନ ନିଆଯିବ । ଆତଙ୍କୀଙ୍କ ବିରୋଧ ଏକତ୍ର ହେବାକୁ ସମସ୍ତଙ୍କୁ ଆହ୍ୱାନ ଦେଇଛନ୍ତି ଏଲଜି । ଏହାଛଡ଼ା ସେ କହିଛନ୍ତି, ଜମ୍ମୁ-କାଶ୍ମୀରର ସ୍ଥାନୀୟ ଲୋକ, ସୁରକ୍ଷାବଳ ଏବଂ ପ୍ରଶାସନ ଏକାଠି ହେଲେ ବର୍ଷେ ମଧ୍ୟରେ ରାଜ୍ୟରୁ ଆତଙ୍କବାଦୀ ଶେଷ ହୋଇଯିବେ । ବାରମୂଲାରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଏଭଳି କିଛି କହିଛନ୍ତି ମନୋଜ ସିହ୍ନା । କୌଣସି ନିର୍ଦ୍ଦୋଷଙ୍କର ଯେପରି କ୍ଷତି ନହୁଏ ଏବଂ ଦୋଷୀଙ୍କ ବିରୋଧରେ କଠୋର ହେବାକୁ ସେ ସୁରକ୍ଷାବାହିନୀକୁ ନିର୍ଦ୍ଦେଶ ଦେଇଛନ୍ତି । ଆତଙ୍କବାଦୀଙ୍କୁ ସହଯୋଗ କଲେ ସେମାନଙ୍କ ସହିତ କୌଣସି ପ୍ରକାର ବୁଝାମଣା ହେବନାହିଁ । ତୁରନ୍ତ ସେମାନଙ୍କ ବିରୋଧରେ ଆକ୍ସନ ନିଆଯିବ ବୋଲି ମନୋଜ ସିହ୍ନା କହିଛନ୍ତି । ମନୋଜ ସିହ୍ନା ଶ୍ରୀନଗରରେ ଗ୍ରେନେଡ ଆକ୍ରମଣ ବିଷୟରେ ମଧ୍ୟ ଉଲ୍ଲେଖ କରିଛନ୍ତି । ସେ କହିଛନ୍ତି ଯେ 'ଏଭଳି ଘଟଣା ଅତ୍ୟନ୍ତ ନିନ୍ଦନୀୟ । ଆମେ ଜାଣୁ ଯେ ଆମ ମଧ୍ୟରେ କିଛି ଲୋକ ଅଛନ୍ତି ଯେଉଁମାନେ ଶାନ୍ତି ବଜାୟ ରଖିବାକୁ ଚାହୁଁ ନାହାନ୍ତି । ସେମାନେ ସର୍ବଦା ଷଡ଼ଯନ୍ତ୍ର କରୁଛନ୍ତ । ଉପତ୍ୟକାରେ ଯେଉଁ ଭଳି ପରିସ୍ଥିତି ଲାଗି ରହିଛି ସେଥିପାଇଁ ବାହ୍ୟ ଶକ୍ତି ମଧ୍ୟ ଦାୟୀଛ କିନ୍ତୁ ବହୁତ ଲୋକ ଅଛନ୍ତି ଯେଉଁମାନେ ତାଙ୍କ ଇସାରାରେ ଉପତ୍ୟକାରେ ହିଂସାକୁ ପ୍ରୋତ୍ସାହିତ କରୁଛନ୍ତି ।'ପଡୋଶୀ ଦେଶ କଶ୍ମୀରକୁ ଅଶାନ୍ତି କରିବାକୁ ଚେଷ୍ଟା ଚଳାଇଛି । ଏହାକୁ ନେଇ ପ୍ରଶାସନ ଯେତେ ଚିନ୍ତିତ ନୁହେଁ, ତା'ଠାରୁ ବଡ଼ ଚିନ୍ତାର ବିଷୟ ହେଲା ପଡ଼ୋଶୀ । ଦେଶର ପ୍ରଲୋଭନରେ ପଡୁଛନ୍ତି ଲୋକେ ।ଏଭଳି ଲୋକଙ୍କୁ ଚିହ୍ନଟ କରିବା କେବଳ ସୁରକ୍ଷାବଳ କିମ୍ବା ପ୍ରଶାସନର ନୁହେଁ, ବରଂ ସାଧାରଣ ଲୋକେ ବି ଏଥିରେ ସରକାରଙ୍କୁ ସହଯୋଗ ଦରକାର ବୋଲି ଉପରାଜ୍ୟପାଳ କହିଛନ୍ତି ।

# ଟ୍ରମ୍ପଙ୍କୁ ଶୁଭେଚ୍ଛା ଜଣାଇଲେ ମୋଦି

**ନୂଆଦିଲ୍ଲୀ:** ଆମେରିକାର ରାଷ୍ଟ୍ରପତିଭାବେ ଡୋନାଲ୍ଡ ଟ୍ରମ୍ପଙ୍କ ଐତିହାସିକ ବିଜୟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଖୁସି ପ୍ରକଟ କରିଛନ୍ତି । ଏଥିପାଇଁ ସେ ଟ୍ରମ୍ପଙ୍କୁ ଶୁଭେଚ୍ଛା ଜଣାଇଛନ୍ତି । ଟ୍ରମ୍ପଙ୍କୁ ବନ୍ଧୁ ବୋଲି ସମ୍ବୋଧନ କରି ତାଙ୍କ ସହ ଉଠାଇଥିବା ୪ଟି ଫଟୋକୁ ମଧ୍ୟ ସୋଶାଲ ମିଡିଆ ଆକାଉଣ୍ଟ ଏକ୍ସରେ ପୋଷ୍ଟ କରିଛନ୍ତି । ମୋଦି ଲେଖିଛନ୍ତି, ଐତିହାସିକନିର୍ବାଚନ ପାଇଁ ମୋ ବନ୍ଧୁ ଡୋନାଲ୍ଡ ଟ୍ରମ୍ପଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା । ଯେମିତି ଆପଣ ନିଜର ପୂର୍ବ କାର୍ଯ୍ୟକାଳର ସଫଳତାକୁ ଆଗକୁ ବଢାଇବେ, ମୁଁ ଭାରତ-ଆମେରିକା ସହଭାଗିତାକୁ ଆହୁରି ମଜବୁତ କରିବା ପାଇଁ ଆମର ସହଯୋଗକୁ ପୁଣି ଆରମ୍ଭ କରିବାକୁ ଉତ୍ସାହିତ । ଆସନ୍ତୁ, ମିଳିତ ଭାବେ ଆମ ଲୋକଙ୍କ ଫାଇଦା ଓ ବିଶ୍ୱର ଶାନ୍ତି, ସ୍ଥିରତା ଓ ସମୃଦ୍ଧିକୁ ଆଗକୁ ନେବା ପାଇଁ କାର୍ଯ୍ୟ କରିବା ।ପୂର୍ବ ର୍ନିବାଚନ ଗୁଡ଼ିକ ତୁଳନାରେ ଏଥର ଆମେରିକାରେ ଟ୍ରମ୍ପ ଓ ହାରିସଙ୍କ ମଧ୍ୟରେ କଡ଼ା ଟକ୍କର ଦେଖିବାକୁ ମିଳିଛି । ୭ଟି ସ୍ୱିଙ୍ଗ ରାଜ୍ୟ ବା ମତ ପରିବର୍ତ୍ତନ ବା ଦୁଇ ପକ୍ଷଙ୍କ ସମାନ ସମର୍ଥକ ଥିବା ରାଜ୍ୟରେ ଟ୍ରମ୍ପ ୬-୧ରେ ବିଜୟୀ ହୋଇଛନ୍ତି । ଏଥିସହ ହ୍ୱାଇଟ ହାଉସକୁ ୪ ବର୍ଷ ପରେ ପୁଣି ଯିବାକୁ ଜନାଦେଶ ପାଇଛନ୍ତି ।



# ଏଫ୍‌ସିଆଇ ଇକ୍ୟୁଟି ନିବେଶ କରିବ ୧୦ ହଜାର କୋଟି

**ନୂଆଦିଲ୍ଲୀ:** ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଆର୍ଥିକ ବ୍ୟାପାର ସଂକ୍ରାନ୍ତ କ୍ୟାବିନେଟ୍ କମିଟି (ସିସିଇଏ) ୨୦୨୪-୨୫ ଆର୍ଥିକ ବର୍ଷରେ ଭାରତୀୟ ଖାଦ୍ୟ ନିଗମ (ଏଫସିଆଇ)ରେ କାର୍ଯ୍ୟଶୀଳ ପୁଞ୍ଜି ନିମନ୍ତେ ୧୦,୭୦୦ କୋଟି ଟଙ୍କାର ଇକ୍ୱିଟି ନିବେଶକୁ ଅନୁମୋଦନ କରିଛି । କୃଷି କ୍ଷେତ୍ରକୁ ସୁଦୃଢ଼ କରିବା ଏବଂ ଦେଶବ୍ୟାପୀ କୃଷକଙ୍କ କଲ୍ୟାଣ ସୁନିଶ୍ଚିତ କରିବା ଏହି ନିଷ୍ପତ୍ତିର ଉଦ୍ଦେଶ୍ୟ । ଏହି ରଣନୀତିକ ପଦକ୍ଷେପ କୃଷକମାନଙ୍କୁ ସମର୍ଥନ କରିବା ଏବଂ ଭାରତର କୃଷି ଅର୍ଥବ୍ୟବସ୍ଥାକୁ ସୁଦୃଢ଼ କରିବା ପାଇଁ ସରକାରଙ୍କ ଦୃଢ଼ ପ୍ରତିବଦ୍ଧତାକୁ ଦର୍ଶାଉଛି । ଏଫସିଆଇ ୧୯୬୪ ମସିହାରେ ୧୦୦ କୋଟି ଟଙ୍କାର ଅଧିକୃତ ପୁଞ୍ଜି ଏବଂ ୪ କୋଟି ଟଙ୍କାର ଇକ୍ୱିଟି ସହିତ ଏହାର ଯାତ୍ରା ଆରମ୍ଭ କରିଥିଲା । ଏଫସିଆଇର ପରିଚାଳନାରେ ବହୁଗୁଣ ବୃଦ୍ଧି ହୋଇଥିଲା, ଫଳରେ ୨୦୨୪ ଫେବୃଆରୀରେ ଅନୁମୋଦିତ ପୁଞ୍ଜି ପରିମାଣ ୧୧,୦୦୦ କୋଟି ଟଙ୍କାରୁ ୨୧,୦୦୦ କୋଟି ଟଙ୍କାକୁ ବୃଦ୍ଧି ପାଇଥିଲା । ୨୦୧୯-୨୦ ଆର୍ଥିକ ବର୍ଷରେ ଏଫସିଆଇର ଇକ୍ୱିଟି ୪,୪୯୬ କୋଟି ଟଙ୍କା ଥିଲା ଯାହାକି ୨୦୨୩-୨୪ ଆର୍ଥିକ ବର୍ଷରେ ୧୦,୧୫୭ କୋଟି ଟଙ୍କାକୁ ବୃଦ୍ଧି ପାଇଛିଛ ଭାରତ ସରକାର ଏଫସିଆଇ ପାଇଁ ୧୦,୭୦୦ କୋଟି ଟଙ୍କାର ଉଲ୍ଲେଖନୀୟ ପରିମାଣରେ ଇକ୍ୱିଟି ଅନୁମୋଦନ କରିଛନ୍ତି ଯାହା ଏହି ସଂସ୍ଥାକୁ ଆର୍ଥିକ ଦୃଷ୍ଟିରୁ ସୁଦୃଢ଼ କରିବ ଏବଂ ଏହାର ରୂପାନ୍ତର ପାଇଁ ନିଆଯାଇଥିବା ପଦକ୍ଷେପକୁ ବ୍ୟାପକ ପ୍ରୋତ୍ସାହନ ଦେବ । ସର୍ବନିମ୍ନ ସହାୟକ ମୂଲ୍ୟ (ଏମଏସପି)ରେ ଖାଦ୍ୟଶସ୍ୟ କ୍ରୟ, ରଣନୀତିକ ଖାଦ୍ୟଶସ୍ୟ ଷ୍ଟକ୍ ରକ୍ଷଣାବେକ୍ଷଣ, କଲ୍ୟାଣମୂଳକ ପଦକ୍ଷେପ ପାଇଁ ଖାଦ୍ୟଶସ୍ୟ ବଣ୍ଟନ ଏବଂ ବଜାରରେ ଖାଦ୍ୟଶସ୍ୟ ମୂଲ୍ୟ ସ୍ଥିରତା ଜରିଆରେ ଖାଦ୍ୟ ନିରାପତ୍ତା ସୁନିଶ୍ଚିତ କରିବାରେ ଏଫସିଆଇ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ ।




# ଚର୍ଚ୍ଚାରେ ଟ୍ରମ୍ପଙ୍କ ଡେପୁଟି ଓ ତାଙ୍କ ଭାରତୀୟ ପତ୍ନୀ

**ୱାଶିଂଟନ:** ଆମେରିକାର ଉପ ରାଷ୍ଟ୍ରପତି ହେବାକୁ ଯାଉଥିବା ଜେଡି ଭାନ୍ସଙ୍କୁ ପ୍ରଶଂସା କରିଛନ୍ତି ଟ୍ରମ୍ପ । କାରଣ ତାଙ୍କ ବିଜୟରେ ଭାନ୍ସ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ । ଭାନ୍ସଙ୍କ ବ୍ୟତୀତ ତାଙ୍କ ଭାରତୀୟ ବଂଶୋଦ୍ଭବ ପତ୍ନୀ ଉଷାଙ୍କୁ ମଧ୍ୟ ଟ୍ରମ୍ପ 'ସୁନ୍ଦର ପତ୍ନୀ' କହିଛନ୍ତ । ସେ କହିଛନ୍ତି, ଆମେରିକା ଆମକୁ ଅଭୂତ ପୂର୍ବ ଓ ଶକ୍ତିଶାଳୀ ଜନାଦେଶ ଦେଇଛି । ମୁଁ ପ୍ରଥମ ବ୍ୟକ୍ତି ଭାବେ ଏବେ ଶୁଭେଚ୍ଛା ଜଣାଇବାକୁ ଚାହୁଁଛି । ବର୍ତ୍ତମାନ ମୁଁ ତାଙ୍କୁ ନିର୍ବାଚିତ ଉପ ରାଷ୍ଟ୍ରପତି ଜେଡି ଭାନ୍ସ କହିପାରିବି । ତାଙ୍କର ଅତୁଳନୀୟ ଓ ସୁନ୍ଦର ପତ୍ନୀ ଉଷା ଭାନ୍ସଙ୍କୁ ମଧ୍ୟ ଶୁଭେଚ୍ଛା ଜଣାଉଛି ।ଏହି ବିଜୟୀ ଭାଷଣ କାର୍ଯ୍ୟକ୍ରମରେ ଟ୍ରମ୍ପଙ୍କ ପତ୍ନୀ ମେଲାନିଆ ଟ୍ରମ୍ପଙ୍କ ସହ ଷ୍ଟେଜ ଉପରେ ଭାନ୍ସ ଓ ଉଷା ମଧ୍ୟ ଉପସ୍ଥିତ ରହିଥିଲେ । ଟ୍ରମ୍ପ ୪୦ ବର୍ଷୀୟ ଭାନ୍ସଙ୍କୁ ଉତ୍ସାହି ବ୍ୟକ୍ତି ଭାବେ ଆଖ୍ୟା ଦେଇଛନ୍ତି ।ଜେଡି ଭାନ୍ସ ଉପ ରାଷ୍ଟ୍ରପତି ହେବାକୁ ଯାଉଥିବାରୁ ତାଙ୍କ ପତ୍ନୀ ଆମେରିକାର ଦ୍ୱିତୀୟ ମହିଳାର ଆଖ୍ୟା ପାଇବେ । ସେ ପ୍ରଥମ ଅଣ ଶ୍ୱେତ ଆମେରିକୀୟ ଭାବେ ଦ୍ୱିତୀୟ ମହିଳା ହେବାର ରେକର୍ଡ କରିବେ ।ଉଷାଙ୍କ ଘର ଆନ୍ଧ୍ର ପ୍ରଦେଶର ବାଦଲୁରୁ ଗାଁରେ । ଉଷା ଆମେରିକାର ୟାଲେ ଆଇନ ସ୍କୁଲରେ ପଢିବା ବେଳେ ଭାନ୍ସଙ୍କ ସହ ତାଙ୍କର ଦେଖା ହୋଇଥିଲା । ଉଭୟ ୨୦୧୪ରେ ବିବାହ କରିଥିଲେ । ସେମାନଙ୍କର ୩ଟି ସନ୍ତାନ ରହିଛନ୍ତି ।

# ୩ ବିବାହ, ୫ ସନ୍ତାନ: ଡୋନାଲ୍ଡ ଟ୍ରମ୍ପଙ୍କ ପରିବାର

**ୱାଶିଂଟନ୍:** ଆମେରିକାର ରାଷ୍ଟ୍ରପତି ର୍ନିବାଚନରେ ଡୋନାଲ୍ଡ ଟ୍ରମ୍ପ ଜିତିଛନ୍ତି । ଫକ୍ସ ନ୍ୟୁଜ୍ ଅନୁଯାୟୀ, ଟ୍ରମ୍ପ ପ୍ରାୟ ୨୭୦ ଇଲେକ୍ଟୋରାଲ୍ କଲେଜ୍ ଭୋଟର ମ୍ୟାଜିକ୍ ନମ୍ବରକୁ ଛୁଇଁଛନ୍ତି । ତେବେ ନିର୍ବାଚନ ଫଳାଫଳ ଏପର୍ଯ୍ୟନ୍ତ ଆନୁଷ୍ଠାନିକ ଭାବେ ଘୋଷଣା କରାଯାଇ ନାହିଁ । ଡୋନାଲ୍ଡ ଟ୍ରମ୍ପ ଦ୍ୱିତୀୟ ଥର ପାଇଁ ଆମେରିକାର ରାଷ୍ଟ୍ରପତି ପଦ ଗ୍ରହଣ କରିବାକୁ ଯାଉଛନ୍ତି ।

୨୦୧୫ରେ ରିପବ୍ଲିକାନ୍ ପାର୍ଟି ରାଷ୍ଟ୍ରପତି ପଦ ପାଇଁ ଡୋନାଲ୍ଡ ଟ୍ରମ୍ପଙ୍କୁ ପ୍ରାର୍ଥୀ ଭାବେ ଘୋଷଣା କରିଥିଲା । ୨୦୧୬ ରାଷ୍ଟ୍ରପତି ନିର୍ବାଚନରେ ଟ୍ରମ୍ପ ଡେମୋକ୍ରାଟିକ୍ ପ୍ରାର୍ଥୀ ହିଲାରୀ କ୍ଲିଣ୍ଟନଙ୍କୁ ପରାସ୍ତ କରି ବିଜୟୀ ହୋଇଥିଲେ । ତେବେ ସେ ୨୦୨୦ରେ ପରାଜିତ ହୋଇଥିଲେ । ସେ ୨୦୨୪ରେ ପୁଣି ଥରେ ଜିତିଛନ୍ତି । ଡୋନାଲ୍ଡ ଟ୍ରମ୍ପ ତାଙ୍କ ରାଜନୈତିକ କ୍ୟାରିୟର ତଥା ବ୍ୟକ୍ତିଗତ ଜୀବନ ପାଇଁ ସମ୍ବାଦରେ ଅଛନ୍ତି । ୭୮ ବର୍ଷୀୟ ଟ୍ରମ୍ପଙ୍କର ଚାରି ଭାଇଭଉଣୀ ଅଛନ୍ତି । ସେ ମଧ୍ୟ ତିନିଥର ବିବାହ କରିଥିଲେ ଏବଂ ତାଙ୍କର ପାଞ୍ଚ ସନ୍ତାନ ଅଛନ୍ତି । ଡୋନାଲ୍ଡ ଟ୍ରମ୍ପଙ୍କ ମାତାଙ୍କ ନାମ ମେରୀ ଟ୍ରମ୍ପ୍ ଏବଂ ପିତାଙ୍କ ନାମ ଫ୍ରେଡେରିକ୍ ଟ୍ରମ୍ପଛ ତାଙ୍କ ମା' ସ୍କଟଲ୍ୟାଣ୍ଡରେ ଏବଂ ପିତା ନ୍ୟୁୟର୍କରେ ଜନ୍ମଗ୍ରହଣ କରିଥିଲେ । ମେରି ଏବଂ ଫ୍ରେଡେରିକଙ୍କର ପାଞ୍ଚ ଜଣ ସନ୍ତାନ ଥିଲେ । ସେମାନଙ୍କ ମଧ୍ୟରୁ ଜଣେ ହେଉଛନ୍ତି ଟ୍ରମ୍ପ । ତାଙ୍କ ନମ୍ବର ଭାଇଭଉଣୀଙ୍କ ମଧ୍ୟରେ ଚତୁର୍ଥ । ଟ୍ରମ୍ପଙ୍କର ଦୁଇ ଭାଇ ଏବଂ ଦୁଇ ଭଉଣୀ ଅଛନ୍ତି । ତାଙ୍କର ଜଣେ ଭାଇଙ୍କର ମୃତ୍ୟୁ ହୋଇଛି । ଟ୍ରମ୍ପଙ୍କ ଭଉଣୀଙ୍କ ନାମ ମାରିଆନେ ଏବଂ ଏଲିଜାବେଥଛ ତାଙ୍କ ଭାଇମାନଙ୍କ ନାମ ହେଉଛି ଫ୍ରେଡ୍ ଜୁନିୟର ଏବଂ ରୋବର୍ଟ । ଟ୍ରମ୍ପଙ୍କ ଭାଇଭଉଣୀମାନେ ମଧ୍ୟ ବିଭିନ୍ନ କ୍ଷେତ୍ରରେ ନାମ ଅର୍ଜନ କରିଛନ୍ତି । ଡୋନାଲ୍ଡ ଟ୍ରମ୍ପ ପ୍ରଥମେ ୧୯୭୭ ମସିହାରେ ମଡେଲ ଇଭାନାଙ୍କୁ ବିବାହ କରିଥିଲେ । ଇଭାନାଙ୍କର ସନ୍ତାନ ହେଉଛନ୍ତି ଡୋନାଲ୍ଡ ଟ୍ରମ୍ପ ଜୁନିୟର, ଇଭାଙ୍କା ଟ୍ରମ୍ପ ଏବଂ ଏରିକ୍ । ୧୯୯୦ ଇଭାନାଙ୍କ ସହ ଟ୍ରମ୍ପଙ୍କର ଛାଡପତ୍ର ହୋଇଥିଲା । ଇଭା୧୯୯୩ମସିହାରେ ଆମେରିକୀୟ ଅଭିନେତ୍ରୀ ମାର୍ଲା ମାପଲେସଙ୍କୁ ବିବାହ କରିଥିଲେ । ଡୋନାଲ୍ଡ ଏବଂ ୫୫ବର୍ଷିୟ ମାର୍ଲାଙ୍କର ୨୩ ବର୍ଷର ଝିଅ ଟିଫାନି ଅଛନ୍ତି । ୧୯୯୯ ମସିହାରେ ଡୋନାଲ୍ଡ ଏବଂ ମାର୍ଲାଙ୍କର ଛାଡପତ୍ର ହୋଇଥିଲା । ଟ୍ରମ୍ପ ୨୦୦୫ରେ ମେଲାନିଆଙ୍କୁ ବିବାହ କରିଥିଲେ, ଯିଏକି ତାଙ୍କର ବର୍ତ୍ତମାନର ପତ୍ନୀ । ସ୍ଲୋଭେନିଆରେ ଜନ୍ମିତ ୪୯ ବର୍ଷ ବୟସ୍କା ମେଲାନିଆ ଜଣେ ପୂର୍ବତନ ମଡେଲ । ଟ୍ରମ୍ପ୍ ଏବଂ ମେଲାନିଆଙ୍କର ଏକ ୧୩ ବର୍ଷର ପୁଅ ବେରନ୍ ଅଛନ୍ତି । ଆମେରିକାର ୪୭ ତମ ରାଷ୍ଟ୍ରପତି ହେବାକୁ ଯାଉଥିବା ନ୍ୟୁୟର୍କର ବିଲିୟନେୟାର ଟ୍ରମ୍ପ ତାଙ୍କ ବ୍ୟବସାୟୀ ପିତାଙ୍କଠାରୁ ବିପୁଳ ଧନ ପାଇଛନ୍ତି । ୧୯୬୮ ମସିହାରେ ହାର୍ଟଟନ୍ ସ୍କୁଲରୁ ଅର୍ଥନୀତିରେ ସ୍ନାତକ ଡିଗ୍ରୀ ସମାପ୍ତ କରିବା ପରେ ସେ ତାଙ୍କ ପିତାଙ୍କ ରିଏଲ୍ ଇଷ୍ଟେଟ୍ ବ୍ୟବସାୟରେ ଯୋଗ ଦେଇଥିଲେ । ତାଙ୍କ ପିତାଙ୍କ ସହ ଟ୍ରମ୍ପ ଏକ ବ୍ରାଣ୍ଡ ଭାବରେ ତାଙ୍କ ନାମ କରିଥିଲେ । ୨୦୦୦ମସିହାରେ, 'ଆପ୍ରେଣ୍ଟିସ୍' ନାମକ ଏକ ଟିଭି ଶୋ ଟ୍ରମ୍ପଙ୍କୁ ପ୍ରସିଦ୍ଧ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲା ।

# ମିଳିତ ଜାତିସଂଘରେ ପାକ୍‌କୁ କଡା ଜବାବ

**ଜେନେଭା:** ମିଳିତ ଜାତିସଂଘ ସାଧାରଣ ସଭାରେ କଂଗ୍ରେସ ନେତା ତଥା ରାଜ୍ୟସଭା ସାଂସଦ ରାଜୀବ ଶୁକ୍ଲା ପାକିସ୍ତାନକୁ କଡ଼ା ଜବାବ ଦେଇଛନ୍ତି । ବାସ୍ତବରେ, ପାକିସ୍ତାନୀ ପ୍ରତିନିଧୀ ପୁଣିଥରେ ଜାତିସଂଘ ସାଧାରଣ ସଭା ପ୍ଲାଟଫର୍ମ ବ୍ୟବହାର କରି କଶ୍ମୀର ପ୍ରସଙ୍ଗରେ ପ୍ରଚାର ଏବଂ ବିଭ୍ରାନ୍ତିକର ତଥ୍ୟ ବିସ୍ତାର କରିଥିଲେ । ଏହି ପରିପ୍ରେକ୍ଷୀରେ କଂଗ୍ରେସ ରାଜ୍ୟସଭା ସାଂସଦ କହିଛନ୍ତି ଯେ ଜମ୍ମୁ-କଶ୍ମୀରରେ ଅନୁଷ୍ଠିତ ହୋଇଥିବା ନିର୍ବାଚନ ପାକିସ୍ତାନର ମିଥ୍ୟା ପ୍ରଚାର ପାଇଁ ଉପଯୁକ୍ତ ଉତ୍ତର ଅଟେ । ରାଜ୍ୟରେ ନିର୍ବାଚନରେ ରେକର୍ଡ ସଂଖ୍ୟକ ଲୋକ ଅଂଶଗ୍ରହଣ କରିଥିଲେ ଏବଂ ସେମାନଙ୍କ ସରକାରକୁ ନିର୍ବାଚିତ କରିଥିଲେ । କୌଣସି ବିଭ୍ରାନ୍ତିକର ସୂଚନା ଏବଂ ପ୍ରଚାର ବାସ୍ତବତାକୁ ପରିବର୍ତ୍ତନ କରିପାରିବ ନାହିଁ । ଜାତିସଂଘ ସାଧାରଣ ସଭାରେ ସମ୍ବୋଧିତ କରି ରାଜ୍ୟସଭା ସାଂସଦ କହିଛନ୍ତି ଯେ ପାକିସ୍ତାନର ଏକ ପ୍ରତିନିଧି ଦଳ ପୁଣି ଥରେ ଏହି ପ୍ଲାଟଫର୍ମକୁ ମିଥ୍ୟା ଏବଂ ଭୁଲ ତଥ୍ୟ ପ୍ରସାରଣ ପାଇଁ ବ୍ୟବହାର କରିଛନ୍ତ । ପ୍ରଚାର ଏବଂ ଭୁଲ ତଥ୍ୟ ବିସ୍ତାର କରିବାକୁ ଏହି ପ୍ଲାଟଫର୍ମ ବ୍ୟବହାର କରିବା ପାକିସ୍ତାନର ପ୍ରତିନିଧୀଙ୍କ ଅଭ୍ୟାସରେ ପରିଣତ ହୋଇଛି । ପାକିସ୍ତାନୀ ପ୍ରତିନିଧି ଦଳ ବିଶ୍ୱର ସର୍ବବୃହତ ଗଣତନ୍ତ୍ରକୁ ସମାନ ମାନଦଣ୍ଡ ଦ୍ୱାରା ମାପନ୍ତି । । କିନ୍ତୁ ପ୍ରକୃତ ଗଣତନ୍ତ୍ର ଭିନ୍ନ ଭାବରେ କାମ କରେ । ମୁଁ ପାକିସ୍ତାନୀ ପ୍ରତିନିଧୀଙ୍କୁ ଅନୁରୋଧ କରୁଛି ଯେ ଏହି ପ୍ଲାଟଫର୍ମକୁ ସେମାନଙ୍କର ବିଭାଜନକାରୀ ରାଜନେତିକ ଏଜେଣ୍ଡା ପାଇଁ ବ୍ୟବହାର କରିବା ପରିବର୍ତ୍ତେ ଅଧିକ ଗଠନମୂଳକ ଢଙ୍ଗରେ ବ୍ୟବହାର କରନ୍ତୁ ।ଏହା ପୂର୍ବରୁ କଂଗ୍ରେସ ସାଂସଦ ସାଧାରଣ ସଭାରେ ସୂଚନାର ଗୁରୁତ୍ୱ ଉପରେ ମତ ଉପସ୍ଥାପନ କରିଥିଲେ । ସୂଚନାଯୋଗ୍ୟ, ୧୬ ଅକ୍ଟୋବରରେ ଜମ୍ମୁ-କଶ୍ମୀରରେ ନୂତନ ସରକାର ଶପଥ ନେଇଛନ୍ତି । ଓମାର ଅବଦୁଲ୍ଲା ରାଜ୍ୟ ମୁଖ୍ୟମନ୍ତ୍ରୀ ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି । ରାଜ୍ୟରେ କଂଗ୍ରେସ ସମର୍ଥିତ ଏକ ନ୍ୟାସନାଲ କନଫରେନ୍ସ ସରକାର ଅଛନ୍ତି । ବିଜେପି ବିରୋଧ ଦଳ ଭାବେ କାର୍ଯ୍ୟ କରୁଛି ।

# ଭାରତୀୟ ବଂଶୋଦ୍ଭବ ୬ ଆସନରେ ବାଜି ମାରିଲେ

**ୱାଶିଂଟନ:** ଆମେରିକାରେ ଇତିହାସ ରଚିଛନ୍ତି ୬ ଭାରତୀୟ ବଂଶୋଦ୍ଭବ । ଏମାନେ ଆମେରିକାର ପ୍ରତିନିଧି ସଭାକୁ ର୍ନିବାଚିତ ହୋଇଛନ୍ତି । ବର୍ତ୍ତମାନ ଆମେରିକା ପ୍ରତିନିଧି ସଭାରେ ୫ ଜଣ ଭାରତୀୟ ବଂଶୋଦ୍ଭବ ରହିଥିଲେ । କିନ୍ତୁ ଏଥର ଏହି ସଂଖ୍ୟା ୬କୁ ବୃଦ୍ଧି ପାଇଛି । ଭର୍ଜିନିଆରେ ଭାରତୀୟ ବଂଶୋଦ୍ଭବ ଆଇନଜୀବୀ ସୁହାସ ସୁବ୍ରମଣୟମ ନୂଆ ରେକର୍ଡ କରିଛନ୍ତ । ସେ ଏହି ସଂପ୍ରଦାୟର ପ୍ରଥମ ବ୍ୟକ୍ତି ଭାବେ ରାଜ୍ୟ ଓ ପୂରା ପୂର୍ବ କୋଷ୍ଟରୁ ବିଜୟୀ ହୋଇଛନ୍ତ । ସୁବ୍ରମଣୟମ ବର୍ତ୍ତମାନ ଜଣେ ସେନେଟର ଭାବେ କାମ କରୁଛନ୍ତି । ସୁବ୍ରମଣିୟମ ରିପବ୍ଲିକାନ ପାର୍ଟିର ମାଇକ କ୍ଲାନସଙ୍କୁ ପରାସ୍ତ କରିଛନ୍ତି । ପ୍ରତିନିଧି ଗୃହରେ ଭାରତୀୟ ବଂଶୋଦ୍ଭବଙ୍କ ସଂଖ୍ୟା ଆହୁରି ବଢ଼ିବାର ସମ୍ଭାବନା ରହିଛି । କାରଣ ଅମିଶ ଶାହ ରିପବ୍ଲିକାନ ପାର୍ଟିର ପ୍ରାର୍ଥୀଙ୍କୁ ବର୍ତ୍ତମାନ ସୁଦ୍ଧା ଗଣତି ହୋଇଥିବା ଭୋଟରେ ପଛରେ ପକାଇ ଦେଇଛନ୍ତି । ଆରିଜୋନାର ପ୍ରଥମ କଂଗ୍ରେସ ଜିଲ୍ଲାରେ ଏପରି ରେଜଲ୍ଟ ଦେଖିବାକୁ ମିଳିଛି । କିନ୍ତୁ ଚୂଡ଼ାନ୍ତ ରେଜଲ୍ଟ ପ୍ରକାଶ ପାଇ ନାହିଁ । ଆଜି ବିଜୟୀ ହୋଇଥିବା ସୁବ୍ରମଣୟମ ପୂର୍ବରୁ ବାରାକ ଓବାମାଙ୍କ ସମୟରେ ହ୍ୱାଇଟ ହାଉସ ପରାମର୍ଶଦାତା ଭାବେ କାମ କରୁଥିଲେ । ସେ ଆମେରିକାରେ ରହୁଥିବା ଭାରତୀୟ ବଂଶୋଦ୍ଭବଙ୍କ ମଧ୍ୟରେ ଜଣେ ଜଣାଶୁଣା ଚେହେରା । ସେ ପ୍ରତିନିଧି ସଭାରେ 'ସମୋସା କାକସ'ରେ ସାମିଲ ହୋଇଛନ୍ତି । ଏଠାରେ ପୂର୍ବରୁ ୫ ଭାରତୀୟ ବଂଶୋଦ୍ଭବ ରହିଛନ୍ତି । ସେମାନେ ହେଲେ- ଆମି ବେରା, ରାଜା କ୍ରିଷ୍ଣମୂର୍ତ୍ତି, ଆରଓ ଖାନ୍ନା, ପ୍ରମିଳା ଜୟପାଲ ଓ ଶ୍ରୀ ତନେଦର ।ଏହି ସମସ୍ତ ୫ ଭାରତୀୟ ବଂଶୋଦ୍ଭବମାନେ ପୁଣିଥରେ ଆମେରିକାର ପ୍ରତିନିଧି ସଭାକୁ ନିର୍ବାଚିତ ହୋଇଛନ୍ତି ।ତନେଦର କ୍ରମାଗତ ଦ୍ୱିତୀୟ ଥର ପାଇଁ ମିଚଗାନର ୧୩ତମ କଂଗ୍ରେସ ଜିଲ୍ଲାରୁ ବିଜୟୀ ହୋଇଛନ୍ତି । ସେ ପ୍ରଥମଥର ଏଠାରୁ ୨୦୨୩ରେ ଜିତିଥିଲେ । ରାଜା ଇଲନୋଇସର ୧୭ତମ କଂଗ୍ରେସ ଜିଲ୍ଲାରୁ କ୍ରମାଗତ ୫ମଥର ପାଇଁ ବାଜିମାତ କରିଛନ୍ତ । ଆରଓ ଖାନ୍ନା କାଲିଫର୍ଣ୍ଣିଆର ୧୭ତମ କଂଗ୍ରେସ ଜିଲ୍ଲା ଓ ପ୍ରମିଳା ଜୟପାଲ ୱାଶିଂଟନର ୭ମ କଂଗ୍ରେସ ଜିଲ୍ଲାରୁ ଜିତିଛନ୍ତି । ଡାକ୍ତର ଆମି ବେରା ହେଉଛନ୍ତି ସବୁଠାରୁ ବରିଷ୍ଠ ଭାରତୀୟ ବଂଶୋଦ୍ଭବ । ସେ ୨୦୧୩ରୁ କାଲିଫର୍ଣ୍ଣିଆର ୬ଷ୍ଠ କଂଗ୍ରେସ ଜିଲ୍ଲାରୁ ଜିତି ଆସୁଛନ୍ତି । ଏଥର ସେ କ୍ରମାଗତ ୭ମ ଥର ପାଇଁ ବାଜିମାତ କରିଛନ୍ତି ।



# ଶ୍ରେୟାସ, ସିଦ୍ଧେଶଙ୍କ ଶତକ: ମୁମ୍ବାଇ ୩୮୫/୩





ମୁମ୍ବାଇ,୬।୧୧ (ଏଜେନ୍ସି): ରଣଜୀ ଟ୍ରଫିର ଚତୁର୍ଥ ପର୍ଯ୍ୟାୟ ଲଢ଼େଇ ଆରମ୍ଭ ହୋଇଛି । ଏଲିଟ୍ ଗ୍ରୁପ୍ ଏ ର ଏକ ଗୁରୁତ୍ୱପୂର୍ଣ୍ଣ ମ୍ୟାଚରେ ୪୨ଥର ବିଜେତା ମୁମ୍ବାଇକୁ ଭେଟିଛି ଓଡ଼ିଶା । ଶରଦ ପାୱାର କ୍ରିକେଟ୍ ଏକାଡେମୀରେ ଆରମ୍ଭ ହୋଇଥିବା ଏହି ମ୍ୟାଚର ପ୍ରଥମ ଦିନ ଘରୋଇ ଦଳ ବ୍ୟାଟରଙ୍କ ଚମକ ଦେଖିବାକୁ ମିଳିଛି । ବିଗତ ୩ଟି ମ୍ୟାଚରେ ଫେଲ୍ ମାରିଥିବା ମୁମ୍ବାଇ ଶ୍ରେୟାସ ଆୟରଙ୍କ ପ୍ରତ୍ୟାବର୍ତ୍ତନ ବଳ ସାଉଁଠିଛି । ପ୍ରଥମ ଦିନ ଷ୍ଟମ୍ପଅପସାରଣ ବେଳକୁ ମୁମ୍ବାଇ ୯୦ ଓଭରରେ ୩ ୱିକେଟ୍ ହରାଇ ୩୮୫ ରନ୍ କରିଛି । ସିଦ୍ଧେଶ ଲାଡ ୧୧୬ ଓ ଶ୍ରେୟାସ ଆୟର ୧୫୨ ରନ କରି ଅପରାଜିତ ଅଛନ୍ତି । ଅଧିନାୟକ ଆଜିଙ୍କ୍ୟ ରାହାଣେ ଖାତା ଖୋଲିବା ପୂର୍ବରୁ ବିପ୍ଳବ ସାମନ୍ତରାୟଙ୍କ ବଲରେ ଦୁର୍ଭାଗ୍ୟଜନକ ଭାବେ ଏଲବିଡବ୍ଲ୍ୟୁ ହୋଇଥିଲେ । ସମ୍ପୂର୍ଣ୍ଣ ବ୍ୟାଟିଂ ଟ୍ରାକ୍‌ରେ ମୁମ୍ବାଇ ଦଳ ଚଳିତ ସିଜନ୍‌ର ବଡସ୍କୋର ଆଡେ ମୁହାଁଇଛି ।

ଟସ୍ ଜିତି ଓଡ଼ିଶା ଦଳର ଅଧିନାୟକ ଗୋବିନ୍ଦ ପୋଦ୍ଦାର ମୁମ୍ବାଇକୁ ବ୍ୟାଟିଂ ପାଇଁ ଆମନ୍ତ୍ରଣ କରିଥିଲେ । ଲାଗୁଥିଲା ଖରାପ ଫର୍ମରେ ଥିବା ମୁମ୍ବାଇ ଦଳ ଓଡ଼ିଶା ବିପକ୍ଷରେ ସେ ଭଳି ଭଲ ଖେଳିପାରିବେ ନାହିଁ । କିନ୍ତୁ ଆକଳନକୁ ଭୁଲ ପ୍ରମାଣିତ କରିଛନ୍ତି ମୁମ୍ବାଇ ବ୍ୟାଟର । ଓଡ଼ିଶାର ୭ ଜଣ ବୋଲର ମୁମ୍ବାଇ ବ୍ୟାଟିଂ ଲାଇନ୍‌କୁ ବିଗାଡିବା ପାଇଁ ଚେଷ୍ଟା କରି ବିଫଳ ହୋଇଛନ୍ତି । କେବଳ ବିପ୍ଳବଙ୍କୁ ଦୁଇଟି ଓ ସୂର୍ଯ୍ୟକାନ୍ତ ପ୍ରଧାନଙ୍କୁ ଗୋଟିଏ ୱିକେଟ୍ ସଫଳତା ମିଳିଛି । ମୁମ୍ବାଇର ପାଳି ଆରମ୍ଭ କରିବାକୁ ଅଙ୍ଗକ୍ରିସ ରଘୁବାଂଶୀଙ୍କ ସହ ଆୟୁଷ ମାହାତ୍ରେ ପଡିଆକୁ ଆସିଥିଲେ । ଦଳୀୟ ସ୍କୋର ୧୯ ରନ୍ ବେଳେ ଆୟୁଷ ମାହାତ୍ରେ ୪ଟି ଚୌକା ସହ ୧୭ ବଲ୍‌ରୁ ୧୮ ରନ୍ କରି ସୂର୍ଯ୍ୟକାନ୍ତ ପ୍ରଧାନଙ୍କ ବଲ୍‌ରେ ଆଉଟ୍ ହୋଇଥିଲେ । ୫ ଓଭର ମଧ୍ୟରେ ପ୍ରଥମ ୱିକେଟ୍ ଝଡିବାରୁ ଓଡ଼ିଶା ଖେଳାଳି ଉତ୍ସାହିତ ଥିଲେ । କିନ୍ତୁ ପରବର୍ତ୍ତୀ ୱିକେଟ୍ ଝଡିବା ପାଇଁ ମଧ୍ୟାହ୍ନ ବିରତି ପର ଅଧିବେଶନ ପର୍ଯ୍ୟନ୍ତ ଅପେକ୍ଷା କରିବାକୁ ପଡିଥିଲା । ଅଙ୍ଗକ୍ରିସ ୧୨୪ ବଲ୍‌ର ସମ୍ମୁଖୀନ ହୋଇ ୧୩ଟି ଚୌକା ଓ ୩ଟି ଛକା ସହାୟତାରେ ୯୨ ରନ୍ କରି ବିପ୍ଳବଙ୍କ ବଲ୍‌ରେ ବୋଲ୍ଡ ହୋଇଥିଲେ । ମାତ୍ର ୮ ରନ୍ ପାଇଁ ସେ ଶତକରୁ ବଞ୍ଚିତ ହୋଇଥିଲେ । ପ୍ରଥମ ଅଧିବେଶ ଓ ଦ୍ୱିତୀୟ ଅଧିବେଶନକୁ ସଫଳତାର ସହ ମୁକାବିଲା କରିବାରେ ମୁମ୍ବାଇ ସଫଳ ହୋଇଥିଲେ । ତେବେ ୪୧ ତମ ଓଭରରେ ବିପ୍ଳବ ହ୍ୟାଟ୍ରିକ୍ ୱିକେଟ୍ ସମ୍ଭାବନା ସୃଷ୍ଟି କରିଥିଲେ । ପ୍ରଥମ ବଲରେ ଅଙ୍ଗକ୍ରିସ୍‌ଙ୍କୁ ଆଉଟ କରିବା ପରେ ଦ୍ୱିତୀୟ ବଲରେ ଆଜିଙ୍କ୍ୟ ରାହାଣେଙ୍କୁ ଏଲ୍‌ବିଡବ୍ଲ୍ୟୁ ଆଉଟ୍ କରି ଶିବିରରେ ଖୁସି ଭରି ଦେଇଥିଲେ । କିନ୍ତୁ ଏହାପରେ ଆଉ ୱିକେଟ୍ ଝଡିନଥିଲା । ପଡିଆକୁ ଆସିଥିବା ଶ୍ରେୟାସ ଆୟର ଦ୍ୱିତୀୟ ଓ ତୃତୀୟ ଅଧିବେଶନରେ ଉଚ୍ଚକୋଟିର ପ୍ରଦର୍ଶନ କରି ଶତକ ହାସଲ କରିଥିଲେ । ତାଙ୍କୁ ଭରପୂର ସହାୟତା ଦେଇଥିଲେ ସିଦ୍ଧେଶ ଲାଡ । ଦୀର୍ଘ ସମୟ ବ୍ୟବଧାନ ପରେ ଘରୋଇ କ୍ରିକେଟ୍‌କୁ ପ୍ରତ୍ୟାବର୍ତ୍ତନ କରିଥିବା ଶ୍ରେୟାସ ୧୬୪ ବଲ୍‌ରୁ ୧୮ ଚୌକା ଓ ୪ ଛକା ସହାୟତାରେ ଅପରାଜିତ ୧୫୨ ରନ୍ କରିଛନ୍ତି । ସେହିଭଳି ସିଦ୍ଧେଶ ୨୩୪ ବଲ୍‌ର ସମ୍ମୁଖୀନ ହୋଇ ୧୪ ଚୌକା ଓ ସହାୟତାରେ ଅପରାଜିତ ୧୧୬ ରନ୍ କରିଛନ୍ତି ।

ମୁମ୍ବାଇକୁ ଅଡୁଆରେ ପକାଇବା ପାଇଁ ଅଧିନାୟକ ଗୋବିନ୍ଦ ପୋଦ୍ଦାରଙ୍କ ସମେତ ୭ ଜଣ ବୋଲର ନିୟୋଜିତ ହୋଇଥିଲେ । ଏମାନଙ୍କ ମଧ୍ୟରୁ କେବଳ ବିପ୍ଳବ ଓ ସୂର୍ଯ୍ୟକାନ୍ତଙ୍କୁ ୱିକେଟ୍ ସଫଳତା ମିଳିଥିଲା । ଗତ ସିଜନରେ ଉଚ୍ଚକୋଟିର ପ୍ରଦର୍ଶନ ଦେଖାଇଥିବା ଦ୍ରୁତ ବୋଲର ରାଜେଶ ମହାନ୍ତିଙ୍କୁ ଚଳିତ ସିଜନ୍‌ରେ ସେତେଟା ସୁଯୋଗ ମିଳିନାହିଁ । ଏହାର ପ୍ରତିଫଳନ ଦଳର ପ୍ରଦର୍ଶନକୁ ବେଶ ପ୍ରଭାବିତ କରିଛି । ଯଦି ଓଡ଼ିଶା ଦଳ ଏହି ମ୍ୟାଚରେ ଅଧିକ ପଏଣ୍ଟ ହାସଲ ନକରି ତେବେ ଦଳର ନକ୍‌ଆଉଟ୍ ପ୍ରବେଶ ଆଶା ଏକପ୍ରକାର ଶେଷ ହୋଇଯିବ । ଗତ ୩ଟି ମ୍ୟାଚରୁ ଓଡ଼ିଶା ଦଳ ୪ ପଏଣ୍ଟ ସାଉଁଠି ଏଲିଟ ଗ୍ରୁପ୍ ଏ ତାଲିକାର ସପ୍ତମ ସ୍ଥାନରେ ରହିଛି ।

## ଆନ୍ତଃ କଲେଜ ଫୁଟବଲ

# ଫାଇନାଲରେ ଏନ୍‌ସି କଲେଜ୍

ବ୍ୟାସନଗର,୬।୧୧ (ସବ୍ୟୁ): ବ୍ୟାସନଗର ସ୍ୱୟଂ ଶାସିତ କଲେଜ ଖେଳ ପଡିଆରେ ଯୁକ୍ତ-୩ ଆନ୍ତଃ କଲେଜ ଟୁର୍ଣ୍ଣାମେଣ୍ଟକୁ କଲେଜ୍‌ର ଅଧ୍ୟକ୍ଷ ହିମାଂଶୁ ଶେଖର ଦ୍ୱିବେଦୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ । ଏହି ପ୍ରତିଯୋଗିତାରେ ଏନ୍‌ସି କଲେଜ ଜମାଣିଆ ପ୍ରଦର୍ଶନ ସହ ଫାଇନାଲରେ ପ୍ରବେଶ କରିଛି । ଆଥଲେଟିକ୍ କ୍ଲବ୍‌ର ଉପସଭାପତି ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ ଅତିଥି ପରିଚୟ ପ୍ରଦାନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ପ୍ରଭାତ ସ୍ୱାଇଁ ରଞ୍ଜନ ସାହୁ, ପ୍ରଦୋଷ ରାୟ, ଆର୍‌ଆର୍ କାନୁନ୍‌ଗୋ, ଶରତ ଜେନା, ମାନସ ପତି, ପ୍ରଦୀପ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ ।

ପ୍ରଥମ ମ୍ୟାଚ ଏନ୍‌ସି କଲେଜ ଓ ନୟାଗଡ଼ କଲେଜ ମଧ୍ୟରେ ଖେଳାଯାଇଥିଲା । ଏହି ମ୍ୟାଚରେ ଏନ୍‌ସି କଲେଜ ୨-୧ ଗୋଲ୍‌ରେ ବିଜୟୀ ହୋଇଥିଲା । ଦ୍ୱିତୀୟ ମ୍ୟାଚରେ ବିଆର୍‌ଏମ୍ ଭୁବନ ଓ ଏନ୍‌ସି କଲେଜ ମଧ୍ୟରେ ଖେଳାଯାଇଥିଲା । ଏହି ମ୍ୟାଚରେ ୧-୦ ଗୋଲ୍‌ରେ ବିଜୟୀ ହୋଇଥିଲା । ତୃତୀୟ ମ୍ୟାଚ ଏସ୍‌ଭି ନିତାଇ ଓଲଟପୁର ଏବଂ କଟକ ଜେକେବିକେ ମଧ୍ୟରେ ଖେଳାଯାଇଥିଲା । ଏହି ମ୍ୟାଚରେ ଜେକେବିକେ ବିଜୟୀ ହୋଇଥିଲା । ପ୍ରଥମ ସେମିଫାଇନାଲରେ ମ୍ୟାଚରେ ଏନ୍‌ସି କଲେଜ ୧-୦ ଗୋଲରେ ଜେକେବିକେକୁ ହରାଇ ଫାଇନାଲରେ ପ୍ରବେଶ କରିଛି । ରେଫରୀ ଆନ୍ଦ୍ରିୟାସ କାଣ୍ଡୁଲିନା, ଅବଦ୍ଦୁଲ ମାର୍ଟିନ୍, ସୁକାନ୍ତ ମଲ୍ଲିକ, ପୁନେ ସୋରେନ, ଆଲୋକ ବେହେରା ଓ ନଟବର ମଲ୍ଲିକ ମ୍ୟାଚ ପରିଚାଳନା କରିଥିଲେ ।



# ୧୦ରେ ଯାଜପୁର ଜିଲ୍ଲା କବାଡି ଦଳ ଚୟନ

ଭୁବନେଶ୍ୱର,୬।୧୧ (ସବ୍ୟୁ): ଯାଜପୁର ଜିଲ୍ଲା ଆଥଲେଟିକ୍ ଆସୋସିଏସନ୍ ଆନୁକୂଲ୍ୟରେ ସ୍ଥାନୀୟ ବ୍ୟାସନଗର ପଡ଼ିଆରେ ରବିବାର ଯାଜପୁର ଜିଲ୍ଲା କବାଡି ଦଳ (ଉଭୟ ପୁରୁଷ ଓ ମହିଳା) ଚୟନ ଶିବିର ଆନୁଷ୍ଠିତ ହେବ । ଏହି ଶିବିର ମାଧ୍ୟମରେ ଖେଳାଳି ଚୟନ କରାଯାଇ ଗଞ୍ଜାମରେ ଆୟୋଜନ ହେବାକୁଥିବା ସିନିୟର ଆନ୍ତଃ ଜିଲ୍ଲା ଚାମ୍ପିଅନ୍‌ସିପରେ ଅଂଶଗ୍ରହଣ କରିବେ । ତେଣୁ ସମସ୍ତ ଇଚ୍ଛୁକ କବାଡି ଖେଳାଳି ସକାଳ ୮ ଘଟିକାରେ ପହଞ୍ଚି ସମ୍ପାଦକ ରମେଶ ଚନ୍ଦ୍ର ପଣ୍ଡାଙ୍କ ତତ୍ତ୍ୱାବଧାନରେ ହେବାକୁଥିବା ଚୟନ ଶିବିରରେ ଯୋଗଦେବାକୁ ସାଧାରଣ ସମ୍ପାଦକ ସମ୍ବିତ ମହାନ୍ତି ସୂଚନା ଦେଇଛନ୍ତି ।

# ଖୋର୍ଦ୍ଧା ଜିଲ୍ଲା ଇଣ୍ଟ୍ରା କ୍ଲବ୍ କ୍ରିକେଟ୍: ଜଟଣୀ କ୍ରିକେଟ୍ ଏକାଡେମୀ ବିଜୟୀ

ଖୋର୍ଦ୍ଧା,୬।୧୧ (ସବ୍ୟୁ): କ୍ରିକେଟ୍ ଆସୋସିଏସନ୍ ଅଫ ଦି ଡିଷ୍ଟ୍ରିକ୍ଟ ଖୋର୍ଦ୍ଧା ଜିଲ୍ଲା ଆନୁକୁଲ୍ୟରେ ସିନିୟର୍ ଇଣ୍ଟ୍ରା କ୍ଲବ୍ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଖୋର୍ଦ୍ଧା ବି ଜେ ବି ହାଇସ୍କୁଲ ମିନି ଷ୍ଟାଡିୟମରେ ତୃତୀୟ ଦିବସରେ ଜଟଣୀ କ୍ରିକେଟ୍ ଏକାଡେମୀ ଖୋର୍ଦ୍ଧା କ୍ରିକେଟ୍ କ୍ଲବକୁ ୮୩ ରନ ରେ ପରାସ୍ତ କରିଛି । ଟସ୍ ରେ ଜିତି ଜଟଣୀ କ୍ରିକେଟ୍ ଏକାଡେମୀ ପ୍ରଥମେ ବ୍ୟାଟିଂ କରି ୩୮.୪ ଓଭରରେ ସମସ୍ତ ୧୦ ଟି ୱିକେଟ ହରାଇ ୧୯୭ ରନ୍ କରିଥିଲେ । ଦଳ ପକ୍ଷରୁ ଜାକିର କ୍ସ ୭୪ ରନ୍, ସତ୍ୟଚନ୍ଦ୍ର ଲେଙ୍କା ୪୦ ରନ୍ ଏବଂ ସନ୍ଦୀପ ପାଇକରାୟ ୩୮ ରନ୍ କରିଥିଲେ । ଖୋର୍ଦ୍ଧା କ୍ରିକେଟ୍ କ୍ଲବ ପକ୍ଷରୁ ସୁମିତ ମହାରଣା ୪ ଟି ଓ ଅନୁରାଗ ପଟ୍ଟନାୟକ ୨ ଟି ୱିକେଟ ନେଇଥିଲେ । ଜବାବରେ ଖୋର୍ଦ୍ଧା କ୍ରିକେଟ୍ କ୍ଲବ୍ ୨୪ ଓଭର ରେ ସମସ୍ତ ୧୦ ଟି ୱିକେଟ ହରାଇ ୧୧୪ ରନ୍ କରିଥିଲେ । ଦଳ ପକ୍ଷରୁ ତାରିଣୀ ନାୟକ ୩୦ ରନ୍ ଓ ସୁମିତ ମହାରଣା ଅପରାଜିତ ୨୧ ରନ୍ କରିଥିଲେ । ଜଟଣୀ କ୍ରିକେଟ୍ ଏକାଡେମୀ ତରଫରୁ ସତ୍ୟଚନ୍ଦ୍ର ଲେଙ୍କା ୩ ଟି ଓ ସାକିର ଅଲ୍ଲି ୨ ଟି ୱିକେଟ ନେଇଥିଲେ ଏବଂ ଏହି ମ୍ୟାଚ୍‌କୁ ଜଟଣୀ ଦଳ ୮୩ ରନ୍ ରେ ଜିତି ନେଇଥିଲେ । ଏହି ମ୍ୟାଚ୍‌କୁ ପ୍ରିତିରଞ୍ଜନ ବିଜୟସିଂ ଓ ଚନ୍ଦ୍ରମୋହନ ବରାଳ ପରିଚାଳନା କରିଥିବାବେଳେ ସୁଶିଲ କୁମାର ସୁନ୍ଦରାୟ ସ୍କୋରର ଭୂମିକା ଗ୍ରହଣ କରିଥିଲେ । ମ୍ୟାଚ୍ ରେଫରୀ ଭାବେ ସମୀର ବଳିୟାରସିଂହ ଓ ସଂଯୋଜକ ଭାବେ ବ୍ରିଜେଶ ପ୍ରଧାନ ଦାୟିତ୍ ଗ୍ରହଣ କରିଥିଲେ । ଗୁରୁବାର ରାଇଜିଂଷ୍ଟାର କ୍ଲବ୍ ଓ କେ ଟି ଗ୍ଲୋବାଲ କ୍ଲବ୍ ମଧ୍ୟରେ ମ୍ୟାଚ ଖେଳାଯିବ ।

## ରାଜ୍ୟ ବିଦ୍ୟାଳୟ ସମୂହ ଉଷୁ

# ଅନୁଗୁଳକୁ ୧୭ ପଦକ

ଅନୁଗୋଳ,୬।୧୧ (ସବ୍ୟୁ): ଓଡ଼ିଶା ରାଜ୍ୟ ବିଦ୍ୟାଳୟ କ୍ରୀଡା ସଂଗଠନ ଆନୁକୁଲ୍ୟରେ ବଲାଙ୍ଗୀର ସ୍ଥିତ ପୃଥ୍ୱୀରାଜ୍ ଉଚ୍ଚ ବିଦ୍ୟାଳୟ ଠାରେ ୬୮ ତମ ରାଜ୍ୟ ବିଦ୍ୟାଳୟ ସମୂହ ଉଶୁ ପ୍ରତିଯୋଗିତା ୩ ଦିନ ଧରି ଅନୁଷ୍ଠିତ ହୋଇଯାଇଛି । ଏଥିରେ ଅନୁଗୋଳ ଜିଲ୍ଲାରୁ ପ୍ରାୟ ୨୧ ଜଣ ପ୍ରତିଯୋଗୀ ଅଂଶ ଗ୍ରହଣ କରି ୧୭ ଟି ପଦକ ହାସଲ କରିଛନ୍ତି, ୩ ଟି ସ୍ୱର୍ଣ୍ଣ, ୮ଟି ରୌପ୍ୟ ଓ୬ ଟି କାଂସ୍ୟ । ପ୍ରଥମ



କରି ରାଜ୍ୟ ବିଦ୍ୟାଳୟ କ୍ରୀଡ଼ାରେ ଉସୁ ଖେଳ ଟି ସାମିଲ ହୋଇଥିବାରୁ ଏଥିରେ କ୍ରୀଡାବିତମାନଙ୍କର ଆଗ୍ରହ ବଢ଼ିଛି, ରାଜ୍ୟରେ ଅନୁଗୋଳ ୨ୟ ସ୍ଥାନ ଅଧିକାର କରିଥିବାରୁ ଜିଲ୍ଲାପାଳ, ଜିଲ୍ଲା ଶିକ୍ଷା ଅଧିକାରୀ, ଜିଲ୍ଲା କ୍ରୀଡା ଅଧିକାରୀ, ଶାରୀରିକ ଶିକ୍ଷା ଅଧିକାରୀ, ଓ କ୍ରୀଡାବିତମାନେ ପ୍ରଶଂସା କରିବା ସହିତ ପିଲାମାନଙ୍କର ଭବିଷ୍ୟତ ଉଜ୍ଜ୍ୱଳ କାମନା କରିଛନ୍ତି । ଇଥି ସହିତ ଜିଲ୍ଲା କ୍ରୀଡା ଅଧିକାରୀ, ଅକ୍ଷୟ କୁମାର ସିଠ , କ୍ରୀଡା ଶିକ୍ଷକ,- ଦୋଳ ଗୋବିନ୍ଦ ଦଳେଇ, ଦୁଷ୍ମନ୍ତ ସାହୁ, କୋଚ, ଚିତ୍ତରଞ୍ଜନ ମହନ୍ତ ଇତ୍ୟାଦି ରେଲୱେ ଷ୍ଟେସନ ଯାଇ କ୍ରୀଡାବି ମାନଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ ।

# ଫୁଟବଲ: ଝାଡ଼ଖଣ୍ଡ ଚାମ୍ପିଅନ



କରଞ୍ଜିଆ,୬।୧୧ (ସବ୍ୟୁ): କରଞ୍ଜିଆ ବ୍ଲକ ବଡଦେଉଳୀ ପଞ୍ଚାୟତ ଅନ୍ଧାରଝୁରୀ ମିନି ଷ୍ଟାଡିୟମ ଠାରେ କ୍ରୀଷ୍ଟା କ୍ଲବ ଆନୁକୁଲ୍ୟରେ ନଭେମ୍ବର ମାସ ୩ ତାରିଖରୁ ଆରମ୍ଭ ହୋଇଥିବା ୧୭ ତମ ବାର୍ଷିକ ଫୁଟବଲ ଟୁର୍ଣ୍ଣାମେଣ୍ଟ ମଙ୍ଗଳବାର ଦତିନ ଉଦଯାପିତ ହୋଇଯାଇଛି। ଏହି ତିନି ଦିନିଆ ଫୁଟବଲ ଟୁର୍ଣ୍ଣାମେଣ୍ଟରେ ପଡ଼ୋଶୀ ଝାଡ଼ଖଣ୍ଡ ରାଜ୍ୟ, କେନ୍ଦୁଝର ଓ ମୟୂରଭଞ୍ଜ ଜିଲ୍ଲାର ମୋଟ୍ ୩୨ ଟି ଟିମ୍ ଅଂଶଗ୍ରହଣ କରିଥିଲା। ଉଦଯାପନୀ ଦିବସର ଅତିଥି ମାନଙ୍କ ମଧ୍ୟରେ ପୂର୍ବତନ ବଡଦେଉଳୀ ପଞ୍ଚାୟତ ସରପଞ୍ଚ ଜେମାମଣୀ ସୋରେନ୍, ସମାଜସେବୀ ଭୀମସେନ ବାନରା,ୱାର୍ଡ ମେମ୍ବର ଅଭିମନ୍ୟୁ ପାତ୍ର ଉପସ୍ଥିତ ରହି ଖେଳାଳି ମାନଙ୍କ ମନୋବଳ ବୃଦ୍ଧି କରିଥିଲେ। ଆଜିର ଫାଇନାଲ ଖେଳ ସ୍ୱୋଟିଓକ୍ଲବ କରଞ୍ଜିଆ ଓ ଏଲିନା ଏଫସି ଝାଡ଼ଖଣ୍ଡ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ସମ୍ପୁର୍ଣ୍ଣ ଖେଳ ଅତ୍ୟନ୍ତ ରୋମାଞ୍ଚକର ଓ ପ୍ରତିଦ୍ୱନ୍ଦିତା ପୁର୍ଣ ହୋଇଥିଲାଛ ସମ୍ପୁର୍ଣ୍ଣ ଖେଳ ୧-୧ ଗୋଲରେ ଅମିମାଂସିତ ରହିବା ପରେ ଟାଇବ୍ରେକର ଯୋଗେ ଝାଡ଼ଖଣ୍ଡ ଦଳ ୪-୩ ଗୋଲରେ ବିଜୟୀ ହୋଇ ଚମ୍ପିୟାନ ଆଖ୍ୟା ଅର୍ଜନ କରିଥିଲା।।ଟୁର୍ଣ୍ଣାମେଣ୍ଟକୁ ଶାନ୍ତି ଶୃଙ୍ଖଳାର ସହ ସମ୍ପନ୍ନ କରିବାକୁ କ୍ଲବ ସଭାପତି ଅରବିନ୍ଦ ଚାତାର, ସମ୍ପାଦକ ଅର୍ଜୁନ ବେହେରା, କୋଷାଧ୍ୟକ୍ଷ ଦୀପକ କୁମାର ପୁର୍ତ୍ତି ତଥା ସମସ୍ତ କ୍ଲବ୍ ସଦସ୍ୟ ମାନେ ସହଯୋଗ ପ୍ରଦାନ କରିଥିଲେ। ପରିଶେଷରେ ଅତିଥି ଗଣ ଚମ୍ପିୟାନ ଏଲିନା ଏଫସି ଝାଡ଼ଖଣ୍ଡ ଦଳକୁ ଟ୍ରଫି ଓ ୨୫ ହଜାର, ସ୍ୱୋଟିଓକ୍ଲବ କରଞ୍ଜିଆ କୁ ରନର୍ସ ଅପ୍ ଟ୍ରଫି ଓ ୨୦ ହଜାର ତଥା ୩ ୟ ଓ ୪ ର୍ଥ ସ୍ଥାନ ଅଧିକାର କରିଥିବା ଦଳକୁ ଯଥାକ୍ରମେ ୧୩ ହଜାର ଓ ୧୦ ହଜାର ପୁରସ୍କାର ରାଶି ସହ ଟ୍ରଫି ମଧ୍ୟ ପ୍ରଦାନ କରିଥିଲେ ।

# ଏସ୍‌ଜି ବୁଦ୍ଧାଦିତ୍ୟ ଜାତୀୟ 'ଜୁଡୋ' ଚାମ୍ପିଆନସିପ ପାଇଁ ମନୋନୀତ

ଭଣ୍ଡାରିପୋଖରୀ,୬।୧୧ (ସବ୍ୟୁ): ଭଣ୍ଡାରିପୋଖରୀ ବ୍ଲକ ବାଲିପୋଖରୀ ପଞ୍ଚାୟତ ଅନ୍ତର୍ଗତ ମାନ୍ତପୁର ଗ୍ରାମର ଶ୍ରୀଧର ସ୍ୱାଇଁଙ୍କ ସୁପୁତ୍ର ଏସ.ଜି.ବୁଦ୍ଧାଦିତ୍ୟ ଜାତୀୟ 'ଜୁଡୋ' ଚାମ୍ପିଅନସିପ ପ୍ରତିଯୋଗୀତା ପାଇଁ ମନୋନୀତ ହୋଇଛନ୍ତି। ଗୁଜୁରାଟର ସୁରାଟରେ ନଭେମ୍ବର ୫ ତାରିଖ ରୁ ୧୨ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେଉଥିବା ଜାତୀୟ 'ଜୁଡୋ' ଟୁର୍ଣ୍ଣାମେଣ୍ଟରେ ଓଡିଶା ରାଜ୍ୟର ପ୍ରତିନିଧିତ୍ୱ କରି ଅଂଶଗ୍ରହଣ କରୁଥିବା ଜଣାଯାଇଛି। ବୁଦ୍ଧାଦିତ୍ୟଙ୍କ ସଫଳତା ପାଇଁ ଗ୍ରାମବାସୀମାନେ ଶୁଭମନାସୀ ଥିବା ଜଣାଯାଇଛି।

# ଏଫଏମ ବିଶ୍ୱବିଦ୍ୟାଳୟରେ ଆନ୍ତଃମହାବିଦ୍ୟାଳୟ ଭଲିବଲ ଟୁର୍ଣ୍ଣାମେଣ୍ଟ

ବାଲେଶ୍ୱର,୬।୧୧ (ସବ୍ୟୁ): ଫକୀରମୋହନ ବିଶ୍ୱବିଦ୍ୟାଳୟର କ୍ରୀଡା ପରିଷଦ ଦ୍ୱାରା ଏକ ଦିନିକିଆ ଅନ୍ତଃମହାବିଦ୍ୟାଳୟ ଭଲିବଲ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଯାଇଛି । ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀଙ୍କ ଦ୍ୱାରା ଏହି ଟୁର୍ଣ୍ଣାମେଣ୍ଟର ଆନୁଷ୍ଠାନିକ ଶୁଭାରମ୍ଭ କରାଯାଇଥିଲା। ବିଶ୍ୱବିଦ୍ୟାଳୟର ସ୍ନାତକୋତ୍ତର ପରିଷଦର ଅଧ୍ୟକ୍ଷ ପ୍ରଫେସର ଭାସ୍କର ବେହେରା ଓ ପିଇଓ ସଂଗ୍ରାମ ବିଶୋଇଙ୍କ ଉପସ୍ଥିତିରେ ୧୫ ଟି ଦଳର ଖେଳାଳିମାନଙ୍କୁ ଅଭିନନ୍ଦନ ଜଣାଇ ଶୃଙ୍ଖଳାର ସହିତ ଖେଳିବା ପାଇଁ କୁଳପତି ପ୍ରଫେସର ତ୍ରିପାଠୀ ସମସ୍ତଙ୍କୁ ଉତ୍ସାହିତ କରିଥିଲେ। ସୂଚନା ଅନୁଯାୟୀ ୧୫ ଅଂଶଗ୍ରହଣକାରୀ ମହାବିଦ୍ୟାଳୟ ମାନଙ୍କ ମଧ୍ୟରେ ୧୪ଟି ମ୍ୟାଚ ଖେଳାଯିବ। ଏଥିରୁ ଖେଳାଳି ଚୟନ କରାଯାଇ ଆସନ୍ତା ୧୯ ନଭେମ୍ବରରେ ବାରିପଦା ସ୍ଥିତ ମହାରାଜା ଶ୍ରୀରାମ ଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟରେ ଅନୁଷ୍ଠିତ ହେବାକୁ ଯାଉଥିବା ଅନ୍ତଃବିଶ୍ୱବିଦ୍ୟାଳୟ ଭଲିବଲ ଟୁର୍ଣ୍ଣାମେଣ୍ଟରେ ଅଂଶଗ୍ରହଣ କରିବାର ସୁଯୋଗ ଲାଭ କରିବେ। କ୍ରୀଡ଼ା ପରିଷଦର ନିର୍ଦ୍ଦେଶକ ଡ଼କ୍ଟର ପବିତ୍ର ମୋହନ ନାୟକ, ଉପନିର୍ଦ୍ଦେଶକ ଡ଼କ୍ଟର ଅମିତ କୁମାର ଶର୍ମା ଓ ପିଇଓ ସଂଗ୍ରାମ ବିଶୋଇଙ୍କ ତତ୍ତ୍ୱାବଧାନରେଏହି ଟୁର୍ଣ୍ଣାମେଣ୍ଟି ପରିଚାଳିତ ହୋଇଯାଇଛି ।

ସୂଚନା

ସମୟ

BHIM BHARAT INTERFACE FOR MONEY

SCAN & PAY

ASHIRBAD PRAKASHAN PVT.LTD.

ଦୈନିକ ଖବରକାଗଜ ସମୟରେ କ୍ଲାସିଫାଏଡ୍ / ଶ୍ରଦ୍ଧାଞ୍ଜଳି ବିଜ୍ଞାପନ ଦେବାକୁ ଚାହୁଁଥିବା ଇଚ୍ଛୁକ ବ୍ୟକ୍ତି ଉପରୋକ୍ତ କ୍ୟୁଆର୍ କୋଡ୍ ସ୍କାନ କରି ଦେୟ ପୈଠକ କରିପାରିବେ । ଫୋନ୍ ପେ, ପେଟିଏମ୍, ଗୁଗୁଲ ପେ, ଭାରତ ପେ ଇତ୍ୟାଦିରେ ଦେୟ ପୈଠ କରି ଦେୟ ରସିଦ୍‌କୁ ବିଜ୍ଞାପନ ସହ ୭୯୭୮୫୩୩୧୭୪ / ଇମେଲ୍:classifiedsamaya@gmail.com ରେ ପଠାଇ ପାରିବେ । ଅଧିକ ସୂଚନା ପାଇଁ ୭୯୭୮୫୩୩୧୭୪ରେ ଯୋଗାଯୋଗ କରନ୍ତୁ।

# ଓଲ୍ଡ ଟ୍ରାଫର୍ଡ ଯିବେ ଶ୍ରୀଜଳ



ଭୁବନେଶ୍ୱର,୬।୧୧(ସବ୍ୟୁ): ଓଡ଼ିଶାର ଶ୍ରୀଜଳ କିସକୁ ଖୁବ୍‌ଶୀଘ୍ର ଆଇକୋନିକ ଫୁଟବଲ କ୍ଲବ ମାଞ୍ଚେଷ୍ଟର ୟୁନାଇଟେଡର ହୋମ୍ ଗ୍ରାଉଣ୍ଡ ଓଲ୍ଡ ଟ୍ରାଫର୍ଡକୁ ପରିଦର୍ଶନ କରିବାକୁ ଯାଉଛନ୍ତି । ଓଡିଶାର ଶ୍ରୀଜଳ ଓ ଅନ୍ୟ ୪ ଜଣ ଫୁଟ୍‌ବଲର ପିସି ଲାଲ୍ଲୁଆନାୱମା (ମିଜୋରାମ), ମହମ୍ମଦ ଅୟାନ (ଲକ୍ଷ୍ନୌ), ଭକ୍ତ ବାହାଦୂର ପରିୟାର (ନେପାଳ) ଓ ଚାନାସନ ଚୈୟାଥମ (ବ୍ୟାଙ୍ଗକକ୍) ଆଦି ଓଲ୍ଡ ଟାଫୋର୍ଡକୁ ପରିଦର୍ଶନ କରିବା ପାଇଁ ମନୋନିତ ହୋଇଛନ୍ତି । ଏଠାରେ ସେମାନେ ମ୍ୟାଚଟି ଅନୁଭୂତି, ମାଞ୍ଚେଷ୍ଟର ୟୁନାଇଟେଡ ସକର୍ ସ୍କୁଲ କୋଚ୍ ସହ ପ୍ରଶିକ୍ଷଣ ଓ କିମ୍ବଦନ୍ତୀ ଖେଳାଳିଙ୍କ ସହ ସାକ୍ଷାତକାର ଭଳି ଉତ୍ସାହଜନକ କାର୍ଯ୍ୟକଳାପରେ ଅଂଶଗ୍ରହଣ କରିବେ ଯାହାକି ଚଳିତ ବର୍ଷ ଶେଷ ଆଡକୁ ଅନୁଷ୍ଠିତ ହେବ । ମାଞ୍ଚେଷ୍ଟର ୟୁନାଇଟେଡ ସହ ସହଭାଗିତାରେ ଆପୋଲୋ ଟାୟାର୍ସ ଦ୍ୱାରା ପରିଚାଳିତ ଏକ ଅଭିଯାନ 'ୟୁନାଇଟେଡ ୱି ପ୍ଲେ'ର ଫାଇନାଲ ରାଉଣ୍ଡରେ ଓଡିଶାର ଶ୍ରୀଜଳ କିସ୍କୁ ବିଜେତା ହୋଇଛନ୍ତି । ଏହି ବିଜୟ ସହ ସେ ଓଲ୍ଡ ଟ୍ରାଫର୍ଡ ପରିଦର୍ଶନ କରିବାର ସୁଯୋଗ ପାଇଛନ୍ତି ।

ଶ୍ରୀଜଳ କିସ୍କୁଙ୍କ ଫୁଟ୍‌ବଲ ଖେଳିବାର ସ୍ୱପ୍ନକୁ ପୂରଣ କରିବାରେ ତାଙ୍କ ଅଭିଭାବକଙ୍କ ଅବଦାନ ମଧ୍ୟ ରହିଛି ଯିଏକି ଶ୍ରମିକ ଭାବେ କାର୍ଯ୍ୟ କରନ୍ତି । ଏକ ବୃତି ସହଯୋଗରେ ଆର୍ଡୋର ଫୁଟବଲ ଏକାଡେମୀରେ ତାଲିମ ନେଉଥିବା ୧୩ ବର୍ଷୀୟ ଶ୍ରୀଜଳ ଫୁଟବଲର କିମ୍ବଦନ୍ତୀ ଲିଓନେଲ ମେସିଙ୍କ ଭଳି ସଫଳ ଫୁଟବଲର ହେବା ପାଇଁ ଲକ୍ଷ୍ୟ ରଖିଛନ୍ତି । ଶ୍ରୀଜଳ କିସ୍କୁ ନିଜ ସଫଳତା ସମ୍ପର୍କରେ କହିଛନ୍ତି, ଏହା ମୋ ପାଇଁ ଏକ ସ୍ୱପ୍ନ ପୂରଣ ହେବା ଭଳି କାରଣ ମୁଁ ପ୍ରଶିକ୍ଷଣ ପାଇବା ଓ ମାଞ୍ଚେଷ୍ଟର ୟୁନାଇଟେଡର ମ୍ୟାଚ ଦେଖିବା ପାଇଁ ଓଲ୍ଡ ଟ୍ରାଫର୍ଡ ଯାଉଛି । ମୁଁ ସବୁବେଳେ ଫୁଟ୍‌ବଲକୁ ପସନ୍ଦ କରିଆସିଛି ଏବଂ ଆନ୍ତର୍ଜାତୀୟ ସ୍ତରରେ ଖେଳିବା ପାଇଁ ଚାହୁଁଛି । ମୁଁ ଏହି ଅନୁଭୂତିରୁ ଅଧିକ କିଛି ଶିଖିବା ପାଇଁ ଚେଷ୍ଟା କରିବି ଓ ମୋର ଖେଳକୁ ଉନ୍ନତ କରିବି । ମୋର ପ୍ରିୟ ଫୁଟବଲ ଖେଳାଳି ହେଉଛନ୍ତି ଲିଓନେଲ ମେସି ଓ ମୁଁ ତାଙ୍କ ଭଳି ଜଣେ ବଡ ଖେଳାଳି ହେବାକୁ ଚାହୁଁଛି ।

ଏସମ୍ପର୍କରେ ଆପୋଲୋ ଟାୟାର୍ସ ଲିମିଟେଡର ଇଣ୍ଡିଆ ଓ ଏସ୍‌ଏଏଆର୍ସି, କମର୍ସିଆଲ ବିଭାଗର ଉପାଧକ୍ଷ ରାଜେଶ ଦହିୟା କହିଛନ୍ତି, ମୁଁ ଶ୍ରୀଜଳଙ୍କୁ ତାଙ୍କର ସଫଳତା ପାଇଁ ଶୁଭେଚ୍ଛା ଜଣାଉଛି କାରଣ ସେ ଆଇକୋନିକ ଓଲ୍ଡ ଟ୍ରାଫର୍ଡ ଷ୍ଟାଡିୟମ ପରିଦର୍ଶନ କରିବାକୁ ଯାଉଛନ୍ତି । ୟୁନାଇଟେଡ ୱି ପ୍ଲେ କାର୍ଯ୍ୟକ୍ରମ ବର୍ଷ ପରେ ବର୍ଷ ଆହୁରି ବୃହତ ଓ ସର୍ବୋତମ ହେଉଥିବାର ଦେଖି ଆମେ ଖୁବ୍ ଆନନ୍ଦିତ ଏବଂ ଫିନାଲେ ଅତିରିକ୍ତ ଭାବେ ସ୍ୱତନ୍ତ୍ର ଥିଲା କାରଣ ଏଥିରେ ଫୁଟବଲର କିମ୍ବଦନ୍ତୀ ଖେଳାଳି ଗ୍ୟାରି ନେଭିଲେ ଯୋଗ ଦେଇଥିଲେ । ଏହି କାର୍ଯ୍ୟକ୍ରମ ମାଧ୍ୟମରେ ଆପୋଲୋ ଟାୟାର୍ସ ଫୁଟବଲ ଖେଳର ବିକାଶ ଏବଂ ଯୁବ ପ୍ରତିଭାମାନଙ୍କୁ ନିଜ ପ୍ରତିଭାର ପ୍ରଦର୍ଶନ କରିବାରେ ସାହାଯ୍ୟ କରିବା ପାଇଁ ପ୍ରତିବଦ୍ଧ ରହିଛି । ୟୁନାଇଟେଡ ୱି ପ୍ଲେର ୪ର୍ଥ ସଂସ୍କରଣ ଗତବର୍ଷ ଡିସେମ୍ବରରେ କୋଲକାତାରେ ଅନୁଷ୍ଠିତ ହୋଇଥିଲା ଯେଉଁଠାରେ ପୂର୍ବତନ ମାଞ୍ଚେଷ୍ଟର ୟୁନାଇଟେଡ ଓ ଫ୍ରେଞ୍ଚ୍ ଫୁଟବଲର ଲୁଇସ୍ ସାହା କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ । ୪ର୍ଥ ସଂସ୍କରଣରେ ଭାରତର ୧୮ଟି ସହରରୁ ୧୫୦୦୦ରୁ ଅଧିକ ଉଦୀୟମାନ ଫୁଟବଲର ଅଂଶଗ୍ରହଣ କରିଥିଲେ । ଏହାର ଗ୍ରାଣ୍ଡ୍ ଫିନାଲେ ଚଣ୍ଡୀଗଡରେ ଅନୁଷ୍ଠିତ ହୋଇଥିଲା ଯେଉଁଥିରେ ମହାନ ଫୁଟ୍‌ବଲର ଗ୍ୟାରୀ ନେଭିଲେ ଉପସ୍ଥିତ ଥିଲେ ।

ପ୍ରତିକୃତି ପ୍ରଫୁଲ୍ଲ
ପ୍ରଥମ ଶ୍ରାଦ୍ଧବାର୍ଷିକୀ
ତା : ୦୭.୧୧.୨୦୨୪



ସ୍ୱ ପ୍ରଫୁଲ୍ଲ କୁମାର ବେହେରା
ଗ୍ରାମ-କୋଳସିଂହ ପଞ୍ଚାୟତ-କୁଞ୍ଜୁରୀ ଜିଲ୍ଲା-ଖୋର୍ଦ୍ଧା
ଆବିର୍ଭାବ : ୩୦.୦୯.୧୯୫୨
ତିରୋଧାନ : ୧୯.୧୧.୨୦୨୩
ଜୀବନ ନାଟକରେ ତୁମେ ହାରିଗଲ ସତ, ହେଲେ ତୁମେ ଥିଲ ଆମ ସମସ୍ତଙ୍କର ପ୍ରେରଣାର ଉତ୍ସ । ତୁମର ସ୍ନେହଶ୍ରଦ୍ଧା, କର୍ତ୍ତବ୍ୟନିଷ୍ଠା ଓ ଉତ୍ସର୍ଗୀକୃତ ତ୍ୟାଗ ଚିରସ୍ମରଣୀୟ । ତୁମର ଆକସ୍ମିକ ବିୟୋଗ ଆମପାଇଁ ଅପୂରଣୀୟ । ତୁମକୁ ସମସ୍ତେ ଝୁରି ହେଉଛନ୍ତି । ବିଶେଷକରି ତୁମର ୯୪ ବର୍ଷର ବୁଢ଼ୀ ମା' । ଆଜିର ପ୍ରଥମ ଶ୍ରାଦ୍ଧବାର୍ଷିକୀରେ ଆପଣଙ୍କ ଅମର ଆତ୍ମାର ଚିରଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଶ୍ରୀଚରଣରେ ବିନମ୍ର ପ୍ରାର୍ଥନା କରୁଛୁ ।
ଶୋକସନ୍ତପ୍ତ : ବନ୍ଧୁବାନ୍ଧବ, ପରିବାରବର୍ଗ ଓ ଆତ୍ମୀୟସ୍ୱଜନ
ନିଖିଳ ଉତ୍କଳ ଅବସରପ୍ରାପ୍ତ ଶିକ୍ଷକ ମହାସଂଘ, ଖୋର୍ଦ୍ଧା ଜିଲ୍ଲା

Printed & Published by Satyanarayan Mohanty for Ashirbad Prakashan Pvt. Ltd. at its Press at Plot- 44 & 54, Sec.-A, Zone-D, M.I.Estate, Po.:Rasulgarh, Bhubaneswar -10. PBX-0674-7117711, News/Fax-2585740,2586665, TEL: 2585602, 0674-7117713, Advertisement : 0674-7117734 / 37, Circulation: 0674- 2583867, 7117718, **Chief Editor:** Rakesh Chandra Mohanty: **ମୁଖ୍ୟ ସମ୍ପାଦକ:** ରାକେଶ ଚନ୍ଦ୍ର ମହାନ୍ତି। **Editor:** Papu Mohanty: **ସମ୍ପାଦକ:** ପପୁ ମହାନ୍ତି